୬ ▶ କମନୱେଲଥ୍ ଗେମ୍ସରୁ ହକି, କ୍ରିକେଟ, କୁସ୍ତି ଓ ସୁଟିଂ ସମେତ ବାଦ୍ ପଡ଼ିଲା ୯ ଇଭେଣ୍ଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୬୪ ● ୨୩ ଅକ୍ଟୋବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-264 ● 23rd October 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24


# ଗୁରୁବାର ମଝି ରାତିରେ ଲ୍ୟାଣ୍ଡଫଲ୍ ! ୭ କିମି ବେଗରେ ମାଡି ଆସୁଛି 'ଦାନା'

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ମାଡିଆସୁଛି ବାତ୍ୟା 'ଦାନା'। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ମଙ୍ଗଳବାର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଗଭୀର ଅବପାତରେ ପରିଣତ ହୋଇଛି। ଦାନା ପାରାଦୀପ ଠାରୁ ଆଉ ମାତ୍ର ୬୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ଘଣ୍ଟାକୁ ୭ କିମି ବେଗରେ ଉପକୂଳଆଡକୁ ମାଡି ଆସୁଛି ଦାନା। ବୁଧବାର ସୁଦ୍ଧା ତାହା ବାତ୍ୟାର ରୂପ ନେବ। ୨୪ରେ ଭୀଷଣ ବାତ୍ୟା ରୂପ ନେଇ ଉପକୂଳ ଅତିକ୍ରମ କରିବ । ୨୪ ରାତି କିମ୍ବା ୨୫ ସକାଳେ ଉପକୂଳ ଅତିକ୍ରମ କରିବ ଦାନା। ପୁରୀ ଏବଂ ସାଗରଦ୍ୱୀପ ମଧ୍ୟରେ ଉପକୂଳ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ ମଧ୍ୟରେ ରହିବ ବୋଲି ସୂଚନା ମିଳିଛି।

ସମୁଦ୍ରରେ ବଳ ଗୋଟାଉଛି ସମ୍ଭାବ୍ୟ ବାତ୍ୟା ଦାନା । ବୁଧବାର ବାତ୍ୟାର ରୂପ ନେବା ପରେ ଭୀଷଣ ବାତ୍ୟାରେ ପରିଣତ ହୋଇ ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ଲ୍ୟାଣ୍ଡଫଲ କରିବ। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସହ ପବନ ହେବ। ଲ୍ୟାଣ୍ଡଫଲ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ ରୁ ୧୧୦ କି.ମି ରହିବ। *(ପୃଷ୍ଠା ୭ରେ)*



## ୬ ଆଇଏଏସ୍‌ଙ୍କୁ ବଡ଼ ଦାୟିତ୍ୱ ଦେଲେ ସରକାର





ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ମାଡି ଆସୁଛି ବାତ୍ୟା ଦାନା। ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ମଙ୍ଗଳବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଅବପାତରେ ପରିଣତ ହୋଇଛି । ବର୍ତ୍ତମାନ ପାରାଦ୍ୱୀପଠାରୁ ଦକ୍ଷିଣପୂର୍ବ ଦିଗରେ ୭୩୦ କି.ମି. ଦୂରତାରେ କେନ୍ଦ୍ରୀଭୂତ ହୋଇଛି । ସମୁଦ୍ରରେ ବଳ ଗୋଟାଇ ବାତ୍ୟା ଉତ୍ତର ପଶ୍ଚିମ ଦିଗ ଦେଇ ସ୍ଥଳଭାଗ ମୁହାଁ ହେବ। ବୁଧବାର ଅର୍ଥାତ ୨୩ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ବାତ୍ୟାର ପୂର୍ବ ପ୍ରସ୍ତୁତି ପାଇଁ ସରକାର ଜିରୋ କାଜୁଆଲିଟି ଗ୍ରହଣ କରିଛନ୍ତି । ମଙ୍ଗଳବାର ୬ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ୬ ଜିଲ୍ଲାର ଦାୟିତ ଦେଇଛନ୍ତି ସରକାର। ଆଇଏଏସ ତ୍ରିଲୋଚନ ମାଝୀଙ୍କୁ ଭଦ୍ରକ-ବାଲେଶ୍ୱର, ବଲୱନ୍ତ ସିଂଙ୍କୁ ପୁରୀ, ଭୀନିତ ଭରଦ୍ୱାଜଙ୍କୁ ମୟୂରଭଞ୍ଜ ଦାୟିତ୍ୱ *(ପୃଷ୍ଠା ୭ରେ)*

# ଓଡ଼ିଆ ଅସ୍ମିତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ମୋଦି

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଓଡ଼ିଶା ଆସୁଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ ୨ ଥର ଗସ୍ତ କରିସାରିଥିବା ବେଳେ ତୃତୀୟ ଗସ୍ତ ନଭେମ୍ବର ମାସରେ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ୧୫ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଗସ୍ତକାଳରେ ସେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ କରିବେ । ଏଥିରେ ଓଡ଼ିଆ ଅସ୍ମିତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ସାମିଲ ରହିଛି । କେନ୍ଦ୍ର ଜନଜାତି ମନ୍ତ୍ରୀ ଜୁଏଲ ଓରାମ ଏହି ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଜନଜାତି ଗୌରବ ଦିବସ ଅବସରରେ ରାଉରକେଲା ଗସ୍ତ କରୁଛନ୍ତି । ସେ ସେହିଦିନ ସହିଦ ମାଧୋସିଂ ହାତଖର୍ଚ୍ଚ ବୃତ୍ତି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ୪୫୦ଟି ପ୍ରାଥମିକ ସ୍କୁଲ ହଷ୍ଟେଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଦିନ ୧୧ଟାରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବାର ପରେ ପ୍ରଧାନମନ୍ତ୍ରୀ ସେଠାରୁ ହେଲିକପ୍ଟରରେ ରାଉରକେଲା ଯିବେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ନେଇ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସେହିପରି ବିଜେପି ନେତାମାନେ ମଧ୍ୟ ମୋଦିଙ୍କ ଗସ୍ତକୁ ସଫଳ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିଲେ । ସେହିଦିନ ସେ ନିଜ ଜନ୍ମଦିନ ଅବସରରେ ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷୀତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏହା ପୂର୍ବରୁ ସେ ଗତ ଜୁନ ୧୨ ତାରିଖ *(ପୃଷ୍ଠା ୭ରେ)*

## ବାତ୍ୟା ପାଇଁ ୧୭୮ ଟ୍ରେନ୍ ବାତିଲ



ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର ଓ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା 'ଦାନା' ନେଇ ଭାରତୀୟ ରେଳବାଇ ଉପକୂଳ ଓଡ଼ିଶା ଦେଇ ଚଳାଚଳ କରିବାକୁ ଥିବା ଶତାଧିକ ଟ୍ରେନ ବାତିଲ କରିଦେଇଛନ୍ତି। ଯାତ୍ରୀଙ୍କ ସୁରକ୍ଷା ଓ ରେଳବାଇର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୭୮ଟି ଟ୍ରେନ ବାତିଲ ହୋଇଛି। ଏହି ଟ୍ରେନ ଗୁଡ଼ିକ ଅକ୍ଟୋବର ୨୩ରୁ ୨୫ ମଧ୍ୟରେ ପୁରୀରୁ ହାଓଡ଼ା ରୁଟ୍‌ରେ ବନ୍ଦ ରହିବ। ଏତଦବ୍ୟତୀତ ପୂର୍ବତଟ ରେଳପଥର ଅନ୍ୟ ରୁଟ୍‌ରେ ମଧ୍ୟ ଟ୍ରେନ ଚଳାଚଳ ପ୍ରଭାବିତ ହେବ। ରେଳବାଇ ପକ୍ଷରୁ *(ପୃଷ୍ଠା ୭ରେ)*

## ୨୩ରୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ୩ଦିନ ବନ୍ଦ ରହିବ

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ଦାନା ନେଇ ରାଜ୍ୟ ସରକାର ଉପକୂଳ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର ୧୪ଟି ଜିଲ୍ଲାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ୩ ଦିନ ଛୁଟି ରଖିବା ନେଇ ନିଷ୍ପତ୍ତି ନେଇଛନ୍ତି । ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛୁଟି ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ଦେଓ ରଂଜନ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏସ୍‌ଆରସି ଶ୍ରୀ ସିଂ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୩ରୁ ୨୫ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲ୍ଲାର କଲେଜ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ ଛୁଟି ରହିବ।

ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ଼, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ପୂର୍ବରୁ ଏହି ଜିଲ୍ଲା ଗୁଡ଼ିକରେ ସମସ୍ତ ସ୍କୁଲଗୁଡ଼ିକ ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି। କିନ୍ତୁ ସରକାର ଏପର୍ଯ୍ୟନ୍ତ ଅଙ୍ଗନବାଡ଼ି ଛୁଟି ନେଇ ଘୋଷଣା କରି ନାହାନ୍ତି ।

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ଦାନା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହା ପୁରୀ-ସାଗରଦ୍ୱୀପ ମଝିରେ ଲ୍ୟାଣ୍ଡଫଲ କରିବ। ୨୪ ତାରିଖ ରାତି କିମ୍ବା ୨୫ ତାରିଖ ଭୋର ସମୟରେ ବାତ୍ୟା ସ୍ଥଳଭାଗ ଛୁଇଁପାରେ। ଅତି ଭୀଷଣ ରୂପ ନେଇ ବାତ୍ୟା ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିପାରେ କିନ୍ତୁ ଅତିବେଶିରେ ପବନର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁପାରେ।

ପାଣିପାଗ ବିଭାଗ ସୂଚନା ଅନୁସାରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପିଛା ୧୦୦ରୁ ୧୧୦କିମି ପର୍ଯ୍ୟନ୍ତ ରହିପାରେ। ସର୍ବାଧିକ ପବନର ଗତି ଘଣ୍ଟା ପିଛା ୧୨୦କିମି ରହିବ। *(ପୃଷ୍ଠା ୭ରେ)*

## ରଷିଆ ମାଟିରୁ ବଡ଼ ଘୋଷଣା କଲେ ପ୍ରଧାନମନ୍ତ୍ରୀ ମୋଦି

ମସ୍କୋ, ୨୨।୧୦

ବ୍ରିକ୍ସ ସମ୍ମିଳନୀ ୨୦୨୪ରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରଷିଆର କଜାନରେ ପହଞ୍ଚିଛନ୍ତି। କଜାନରେ ପହଞ୍ଚିବା ପରେ ରଷୀୟ କଳାକାରମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃଷ୍ଣ ଭଜନ ଗାଇ ସ୍ୱାଗତ କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ମୋଦ ରଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ସାକ୍ଷାତ କରିଛନ୍ତି। ଉଭୟ ପରସ୍ପରକୁ ଦେଖିବା ମାତ୍ରେ କୋଳାଗ୍ରତ କରିଥିଲେ। ଏହି ସମୟରେ ମୋଦି ଏକ ବଡ଼ ଘୋଷଣା କରିଥିଲେ। କଜାନରେ ଭାରତର ଏକ ନୂତନ ଦୂତାବାସ ଖୋଲାଯିବ ବୋଲି କହିଥିଲେ। ରଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତୁମର ବନ୍ଧୁତା, ଭବ୍ୟ ସ୍ୱାଗତ ଏବଂ ଆତିଥ୍ୟ ପାଇଁ ମୁଁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି । ଏହି ସହର ସହିତ ଭାରତର ଗଭୀର ଏବଂ ଐତିହାସିକ ସମ୍ପର୍କ ରହିଛି ଏବଂ କଜାନରେ ଭାରତର ଏକ ନୂତନ ଦୂତାବାସ ଖୋଲାଯିବ। ଏହାଦ୍ୱାରା ଏହି ସମ୍ପର୍କ ଆହୁରି ମଜଭୁତ ହେବ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହୁରି ମଧ୍ୟ କହିଛନ୍ତି, ଗତ ତିନି ମାସ ମଧ୍ୟରେ ରଷିଆ ଗସ୍ତରେ ଆସିଥିବା *(ପୃଷ୍ଠା ୭ରେ)*

## ସିଜେଆଇଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଲେ ରାମଗୋପାଳ ଯାଦବ

ନୂଆଦିଲ୍ଲୀ, ୨୨।୧୦

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଉପରେ ସମାଜବାଦୀ ପାର୍ଟି ଏମ୍‌ପି ରାମଗୋପାଳ ଯାଦବ କ୍ୟାମେରା ଆଗରେ ଆପତ୍ତିଜନକ ମନ୍ତବ୍ୟ ଦେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ପରେ ରାମଗୋପାଳ ସିଜେଆଇଙ୍କ ପ୍ରତି କୌଣସି ଆପତ୍ତିଜନକ ମନ୍ତବ୍ୟ ଦେଇ ନ ଥିବା ସଫେଇ ଦେଇଛନ୍ତି। ସୂଚନାଯୋଗ୍ୟ, ଅଯୋଧ୍ୟା ବିବାଦର ସମାଧାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ। ଏହା ଉପରେ ରାମଗୋପାଳ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଜୋର ଧରିଥିଲା ସମାଲୋଚିତ ହେବା ପରେ ରାମଗୋପାଳ ସେଭଳି ମନ୍ତବ୍ୟ ଦେଇ ନ ଥିବା ଏବଂ ପ୍ରଧାନ ବିଚାରପତିଙ୍କ ଉପରେ ତାଙ୍କୁ କେହି କିଛି ପଚାରି ନ ଥିବା କହିଛନ୍ତି।



## ଶ୍ରୀମନ୍ଦିରକୁ ରିହାତି ଦରରେ ଘିଅ ଯୋଗାଇବ ଓମ୍‌ଫେଡ୍ : ପଶୁ ସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରକୁ ରିହାତି ଦରରେ ଘିଅ ଯୋଗାଇବ ଓମ୍‌ଫେଡ୍ । ଏ ନେଇ ସୂଚନା ଦେଇଛନ୍ତି ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଶ୍ରୀମନ୍ଦିରକୁ ଓମଫେଡ୍ ଘିଅ ପ୍ରଦାନ ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ପ୍ରତିକ୍ରିୟା ରଖିଛନ୍ତି ପଶୁ ସମ୍ପଦ ମନ୍ତ୍ରୀ । ଶ୍ରୀଜଗନ୍ନାଥଙ୍କ ପାଇଁ ୧ ଲିଟର ଘିଅ ଦାମ ୫୪୩ ଟଙ୍କାରେ ଦିଆଯିବ ୧୫ ଲିଟର ଟିଣ ଦିଆଗଲେ ଯାହାର ମୂଲ୍ୟ ୧ ଲିଟର ୫୩୩ ଟଙ୍କାରେ ରହିବ । ଶ୍ରୀମନ୍ଦିର ପ୍ରଶାସନ ଓମଫେଡ୍ ଘିଅ ଦୈନନ୍ଦିନ କାର୍ଯ୍ୟରେ ଲଗାଇବେ ।

ପ୍ରତିଦିନ ୮ରୁ ୧୦ଟନ୍ ଘିଅ ଉତ୍ପାଦନ ହେଉଛି । ଘିଅ ଦାମ୍ ୭୨୦ ଟଙ୍କା ମାର୍କେଟ୍‌ରେ ରହିଛି । ଶୁଦ୍ଧ ଓମଫେଡ୍ ଘିଅ ଶ୍ରୀମନ୍ଦିରରେ ଲାଗିବ । ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । ସବୁ ମନ୍ଦିରରେ ଶୁଦ୍ଧ ଓମଫେଡ୍ ଘିଅ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଦକ୍ଷିଣ ଭାରତର ପ୍ରସିଦ୍ଧ ତିରୁପତି ମନ୍ଦିରରେ ପଶୁ ଚର୍ବିରେ ପ୍ରସ୍ତୁତ ଘିଅ ବ୍ୟବହାର ହେଉଥିବା ଅଭିଯୋଗ ଉଠିବା ପରେ ଶ୍ରୀମନ୍ଦିରରେ ବାହାର ଘିଅ ବ୍ୟବହାର ବନ୍ଦ କରି କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହା ଉପରେ ବିଚାର କରିବା ପରେ ସରକାରଙ୍କ ଉପରେ ନିଷ୍ପତ୍ତି ଛାଡିଥିଲେ।





## ଅବସରପ୍ରାପ୍ତ ଆଇପିଏସ ଲଳିତ ଦାସ ଓଏସ୍ଏସ୍ଏସ୍‌ସି ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ମଙ୍ଗଳବାର ଓଡିଶା ସବଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ଏସ୍‌ସି)ର ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇପିଏସ ଲଳିତ ଦାସଙ୍କୁ ନିଯୁକ୍ତ କରିଛନ୍ତି। ଏଥି ସହିତ ଆୟୋଗର ୨ ନୂଆ ସଦସ୍ୟ ମଧ୍ୟ ନିଯୁକ୍ତି ପାଇଛନ୍ତି । ସେମାନେ ହେଲେ ଉଦ୍ଧବ ଚନ୍ଦ୍ର ମାଝୀ ଓ ସରୋଜ କୁମାର ମିଶ୍ର । ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡିଥିଲା। ମଙ୍ଗଳବାର ରାଜ୍ୟ ସରକାର ଏହି ପଦବୀରେ ସେମାନଙ୍କୁ ନିଯୁକ୍ତି ଦେଇଛନ୍ତି।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏକାଳ ସକାଳ



ବାତ୍ୟା ନାଁ ଶୁଣି କି ଦେଖିବ ଆଉ
କଳାବଜାରୀଙ୍କ ଖୁସି
ଜନତା ବି କିଛି କମ୍ ନୁହଁନ୍ତି
ଆଗୁଆ କିଣନ୍ତି ବେଶୀ
ଗରିବ ଲୋକର ଦୁଃଖ ଧନୀ ଦେଉଥାଏ ହସି
ବରଷାଝଡରେ ପାଟି ସୁଆଦିଆ
ଖାଦ୍ୟ ଖାଇବେ ଯେ ବସି।

## ସରକାରଙ୍କ ଚିନ୍ତାଜନକ ତଥ୍ୟ : ସଡ଼କ ଦୁର୍ଘଟଣାରେ ଦିନକୁ ୪୭୪ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୨।୧୦

୨୦୨୩ରେ ଦେଶରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟାକୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ ପାଇଛି । କେନ୍ଦ୍ର ସରକାରଙ୍କ ସହ ରାଜ୍ୟଗୁଡିକ ଅଂଶୀଦାର କରିଥିବା ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ପ୍ରାୟ ୧.୭୩ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏହାର ଅର୍ଥ ପ୍ରତିଦିନ ହାରାହାରି ୪୭୪ ଲୋକଙ୍କ ପ୍ରାଣ ଯାଉଛି କିମ୍ବା ପ୍ରତି ୩ ମିନିଟରେ ପ୍ରାୟ ଜଣଙ୍କର ମୃତ୍ୟୁ ହେଉଛି।

ଏହି ସମସ୍ୟାର ଗମ୍ଭୀରତା ଏବଂ ଦୁର୍ଘଟଣା ପଛର କାରଣ ଆକଳନ କରିବା ପାଇଁ ସରକାର ଜାତୀୟ ସ୍ତରରେ ସଡ଼କ ଦୁର୍ଘଟଣା ତଥ୍ୟ ସଂଗ୍ରହ ଆରମ୍ଭ କରିବା ପରଠାରୁ ଏହା ଏକ ବର୍ଷ ମଧ୍ୟରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

ଗତ ବର୍ଷ ସର୍ବାଧିକ ୪.୬୩ ଲକ୍ଷ ଲୋକ ଆହତ ହୋଇଥିବା ବେଳେ ସଡ଼କ ଦୁର୍ଘଟଣା ଯୋଗୁଁ ଆହତଙ୍କ ସଂଖ୍ୟା କିପରି ବୃଦ୍ଧି ପାଉଛି ତାହା ତଥ୍ୟରେ ଦର୍ଶାଯାଇଛି, ଯାହାକି ୨୦୨୨ ତୁଳନାରେ ୪ ପ୍ରତିଶତ ଅଧିକ ଥିଲା।

ସଡ଼କ ପରିବହନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୨ରେ *(ପୃଷ୍ଠା ୭ରେ)*

## ଏନଡିଆରଏଫ, ଓଡ୍ରାଫ୍ ଓ ଅଗ୍ନିଶମ ସେବା ମୁତୟନ ପାଇଁ ଆକ୍ସନ ପ୍ଲାନ୍

ଭୁବନେଶ୍ୱର, ୨୨।୧୦

ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ପାଇଁ ଅନୁଗୁଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ ଓ ମୟୂରଭଞ୍ଜ ଭଳି ୧୪ଟି ଜିଲ୍ଲାକୁ ସତର୍କ କରାଯିବା ସହ ବାତ୍ୟାମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତୁତିର ଆକଳନ ପାଇଁ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ମନ୍ତ୍ରୀ ଶ୍ରୀ ପୂଜାରୀ ଏଠାରେ ସାମ୍ବାଦିକ ମାନଙ୍କୁ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ,ବିପଦରେ ଥିବା ସମ୍ବେଦନଶୀଳ ବସ୍ତି ଏବଂ ଜନସଂଖ୍ୟାକୁ ଚିହ୍ନଟ କରିବା ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ସେବା ମୁତୟନ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି ।ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ୫୧ଟି ଓଡ୍ରାଫ୍ ଟିମ୍ *(ପୃଷ୍ଠା ୭ରେ)*





# ଚିତ୍ରୋତ୍ପଳାରେ ବୁଡ଼ି ଦୁଇ ସାଙ୍ଗ ମୃତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ତଥା କିଶନନଗର ଥାନା ମହମ୍ମଦପୁର ଗ୍ରାମର ଦୁଇ ସାଙ୍ଗ ଚିତ୍ରୋତ୍ପଳା ନଦୀରେ ଗାଧୋଇବାକୁ ଯାଇ ବୁଡ଼ି ଯାଇଛନ୍ତି । ୨ଜଣଙ୍କ ଶବ ଉଦ୍ଧାର ହୋଇଛି । ମୃତକମାନେ ହେଲେ ମହମ୍ମଦପୁର ଗ୍ରାମର ବାବୁଲି ବେହେରାଙ୍କ ୨୧ ବର୍ଷୀୟ ପୁଅ ଚନ୍ଦନ ବେହେରା ଓ ସେହି ଗ୍ରାମର ଚିତ୍ତରଞ୍ଜନ ପାତ୍ରଙ୍କ ୨୧ ବର୍ଷୀୟ ପୁଅ ବିଜୟ କୁମାର ପାତ୍ର । କୋରୁଆ ସ୍ଥିତ ଲୋକନାଥ କଲେଜ୍‌ରେ +୩ ଶ୍ରେଣୀରେ ଚନ୍ଦନ ପଢୁଥିବା ବେଳେ ବିଜୟ ସାଲେପୁର ସ୍ୱୟଂଶାସିତ କଲେଜରେ +୩ ଶ୍ରେଣୀରେ ପଢୁଥିଲେ । ଚିତ୍ରୋତ୍ପଳା ନଦୀକୁ ଗାଧୋଇବା ପାଇଁ ୨ ସାଙ୍ଗ ଯାଇଥିଲେ । ଘଟରା ଘାଟରେ ଗାଧୋଉଥିଲା ବେଳେ ଗୋଡ଼ ଖସିଯିବାରୁ ୨ଜଣ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ସ୍ଥାନୀୟ ଲୋକେ, ଅଗ୍ନିଶମ ବାହିନୀ କର୍ମଚାରୀ, ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ନିରାଶ ହୋଇଥିଲେ । ସୋମବାର ସକାଳେ ଗାଁ ଲୋକେ ନଦୀକୁ ଗାଧୋଇବାକୁ ଯାଇଥିଲା ବେଳେ ୨ଜଣଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିଥିଲେ । କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ବଞ୍ଜାରାଙ୍କ ଦଖଲରେ ରେଳ ଟୁରିଷ୍ଟ କମ୍ପ୍ଲେକ୍ସ



**ପୁରୀ, ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ପରେ ରେଳଯାତ୍ରୀଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ ଟୁରିଷ୍ଟ କମ୍ପ୍ଲେକ୍ସ ଏବେ ବଞ୍ଜାରାଙ୍କ ଦଖଲରେ ରହିଛି । କାର୍ତ୍ତିକ ମାସରେ ହବିଷ୍ୟାଳି ଓ ପର୍ଯ୍ୟଟକ ରେଳ ଯୋଗେ ପୁରୀରେ ପହଞ୍ଚିବା ପରେ ସେଠାରେ ବିଶ୍ରାମନେବା ଅସମ୍ଭବ ହୋଇଛି । ରେଳଷ୍ଟେସନ୍‌ର ନବୀକରଣ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । କମ୍ପ୍ଲେକ୍ସ ପରିସର ଖୋଲା ରହିଥିବା ବେଳେ ମୁଖ୍ୟ ଫାଟକ ବନ୍ଦ ରହିଛି । କୌଣସି ଜଗୁଆଳି ଓ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଏହି କମ୍ପ୍ଲେକ୍ସ ବଞ୍ଜାରା, ନିଶାଖୋର ଓ ଗାଈଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି । ମହାପ୍ରଭୁଙ୍କ ନବକଳେବର ଓ ରଥଯାତ୍ରା ସମୟରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ୨୦୧୫ ଜୁଲାଇ ୧୬ରେ ଟୁରିଷ୍ଟ କମ୍ପ୍ଲେକ୍ସ ଉଦ୍‌ଘାଟନ ହୋଇଥିଲା । ଷ୍ଟେସନ୍ ଅଞ୍ଚଳରେ ଥିବା ବସ୍ତିକୁ ଉଚ୍ଛେଦ କରି ପ୍ରାୟ ୧୦ ହଜାର ଯାତ୍ରୀ ବିଶ୍ରାମ ନେବା ପାଇଁ ବଡ଼ ବଡ଼ ହଲ୍ ନିର୍ମାଣ କରାଯାଇଥିଲା । ପୂର୍ବରୁ ସେଠାରେ କାର୍ତ୍ତିକ ହବିଷ୍ୟାଳିଙ୍କ ରହଣିସ୍ଥଳ ହୋଇଥିଲା । ପରବର୍ତ୍ତୀ ସମୟରେ କେବଳ ରଥଯାତ୍ରା ବେଳେ ଯାତ୍ରୀଙ୍କ ବିଶ୍ରାମ ପାଇଁ ସେଠାରେ ବ୍ୟବସ୍ଥା କରାଯାଉଛି । ରଥଯାତ୍ରା ଶେଷ ହେବାପରେ ସେଠାରେ ଏବେ ଅସାମାଜିକ ଯୁବକଙ୍କ ବିଭିନ୍ନ କାର୍ଯ୍ୟକଳାପ ଆରମ୍ଭ ହୋଇଛି । ଦିନ ଦ୍ୱିପ୍ରହରରେ ନିଶାଖୋର୍ ସେଠାରେ ଆଡ୍ଡା ଜମାଉଛନ୍ତି । ବ୍ୟାପକ ଆଲୋକ ବ୍ୟବସ୍ଥା ନାହିଁ । ଏହି କମ୍ପ୍ଲେକ୍ସ ଦୁର୍ବୃତ୍ତ ଓ ବଞ୍ଜାରାଙ୍କ ପାଇଁ ନିଶା ସେବନ ପରେ ଅପରାଧ ଯୋଜନା କରିବାର ସୁରକ୍ଷିତ ସ୍ଥାନ ପାଲଟିଛି । ପୋଲିସ ସେଠାରେ ଚଢ଼ଉ କରି କେତେକ ନିଶାଖୋର୍‌ଙ୍କୁ ଧରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ଛାଡ଼ି ଦେଉଥିବା ଅଭିଯୋଗ ହେଉଛି । ନିକଟରେ ରେଳଯାତ୍ରୀଙ୍କ ଠାରୁ ମୋବାଇଲ୍ ଓ ଟଙ୍କା ଛଡ଼ାଇନେବା ଘଟଣା ପୋଲିସ ନଜରକୁ ଆସିଥିଲେ ମଧ୍ୟ ଯାତ୍ରୀଙ୍କୁ ବୁଝାସୁଝା କରି ପୋଲିସ ମାମଲା ରୁଜୁ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ରେଳରେ ଆସୁଥିବା ବୁଲା ବିକାଳିଙ୍କ ଠାରୁ କେତେକ ନିଶାଖୋର୍ ଦାଦାବଟି ନେଇ ସେମାନଙ୍କୁ ସେଠାରେ ଅସ୍ଥାୟୀ ଥଇଥାନ କରୁଥିବା ଦେଖାଯାଉଛି । ଏ ସମ୍ପର୍କରେ ରେଳବାଇ ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି ଯେ, ରେଳ କମ୍ପ୍ଲେକ୍ସ ପରିସରରେ ରହୁଥିବା ବଞ୍ଜାରାମାନେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ରହୁଥିବା ନଜରକୁ ଆସିଛି । ଏଥିପ୍ରତି ରେଳସୁରକ୍ଷା ବଳ କର୍ମଚାରୀ ସଜାଗ ରହିବା ଆବଶ୍ୟକ ।

# ମାଲ୍‌ଗୋଦାମ୍‌ରେ ୧୫ ଦିନ ପାଇଁ ସାମଗ୍ରୀ ମହଜୁଦ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ମାଲ୍‌ଗୋଦାମ୍ ଓ ଛତ୍ରବଜାରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ସୋମବାର ସନ୍ଧ୍ୟା ସୁଦ୍ଧା ପାଖାପାଖି ୧୬ କୋଟିରୁ ଅଧିକ ଟଙ୍କାର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଓ ପନିପରିବା ବ୍ୟବସାୟୀମାନେ ବୋହି ନେଇଛନ୍ତି । ସାଧାରଣ ଦିନ ମାନଙ୍କରେ ଏହି କାରବାର ୧୧ କୋଟି ଟଙ୍କାରେ ସୀମିତ ରହେ । ବାତ୍ୟା ଆଶଙ୍କାରେ ମାଲ୍‌ଗୋଦାମ୍‌ରେ ୧୫ କୋଟି ଓ ଛତ୍ରବଜାର୍‌ରେ ଏକ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି । ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ମାଲ୍‌ଗୋଦାମ୍‌ରେ ସୋମବାର ସକାଳୁ ଭିଡ଼ ବଢ଼ିଥିଲା । ସନ୍ଧ୍ୟା ସୁଦ୍ଧା ଭିଡ଼ ନିୟନ୍ତ୍ରଣ ବାହାରକୁ



ଚାଲିଯାଇଥିଲା । ଏହି ବାତ୍ୟା ମୁକାବିଲା ପାଇଁ ମାଲ୍‌ଗୋଦାମ୍ ବଣିକ ସଂଘ ତରଫରୁ ସୋମବାର ସନ୍ଧ୍ୟାରେ ଏକ ସୂଚନା ଜାରି କରାଯାଇଛି । ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ସୂଚନା ଦେଇ କହିଛନ୍ତି ଯେ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟକୁ ବହୁ ପରିମାଣରେ ମହଜୁଦ୍‌କରି ରଖାଯାଇଥିବା ବେଳେ ଏହାକୁ ଗ୍ରାହକମାନଙ୍କ ନିକଟରେ ଅତିଶୀଘ୍ର ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି । ମାଲ୍‌ଗୋଦାମ୍ ଅଞ୍ଚଳରେ ପ୍ରଡକ୍ସନ୍ ହାଉସ୍ ନଥିବା ସତ୍ତ୍ୱେ ବାହାର ରାଜ୍ୟରେ ଥିବା ସମସ୍ତ ଫ୍ୟାକ୍ଟ୍ରି ମାନଙ୍କୁ ଆଗୁଆ ସତର୍କ କରାଯାଇ ଅତ୍ୟାବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଚୁର ପରିମାଣରେ ମହଜୁଦ୍ ରଖାଯାଇଛି । କୌଣସି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ହେଲେ ବଣିକ ସଂଘକୁ ଜଣାଇବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଆବଶ୍ୟକ ହେଲେ ବଣିକ ସଂଘ ତରଫରୁ ଧାର୍ଯ୍ୟ ବ୍ୟବସାୟ ସମୟସୀମା ଛଡ଼ା ୨୪ ଘଣ୍ଟିଆ ଦୋକାନ ଖୋଲା ରଖି ସାମଗ୍ରୀ ଯୋଗାଇଦେବା ପାଇଁ ସମସ୍ତ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଲୋକ ଅଯଥା ଆତଙ୍କିତ ହୋଇ ମାତ୍ରାଧିକ ସାମଗ୍ରୀ ନକିଣିବାକୁ ପରାମର୍ଶ ଦିଆଯାଇଛି । ବଣିକ ସଂଘର ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଶ୍ରୀ ଛାଟୋଇଙ୍କ ସମେତ ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ଉପ ସଭାପତି ଦୀପକ କୁମାର ଅଗ୍ରୱାଲ, ଖୁଚୁରା ବ୍ୟବସାୟୀ ସଂଘର ସଭାପତି ବିନୋଦ କୁମାର ସାହୁ, ପବନ କୁମାର ସନ୍ଧୁଲିଆ, ରବି ଛାଚେରିଆ, ବିନୋଦ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଏଏସ୍‌ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଜ୍ୟୋତି ଓ ସମୁଦ୍ରଙ୍କୁ ସୋନପୁରରେ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓପିଏସ୍‌ଇ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସୋନପୁରର ଜ୍ୟୋତି ରଂଜନ ଭୋଇଙ୍କୁ ସାନଝିଙ୍କୀ ବାସ ଭବନରେ ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୋନପୁର ବ୍ଲକରେ କିରାଣୀ ଭାବେ କାର୍ଯ୍ୟରତ ଥିବା ବାପା ଦୈତ୍ୟଦେବ ଭୋଇ ଓ ମାତା ଜୟଶ୍ରୀ ଭୋଇଙ୍କ ସୁପୁତ୍ର ଅଟନ୍ତି ଜ୍ୟୋତି । ପ୍ରଥମେ ସୋନପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ, ମା' ରାମଚଣ୍ଡୀ, ମା' ମାଉଳି ଏବଂ ଅଜା ସମେତ ବାପା ଓ ମା'ଙ୍କୁ ଏହି ସଫଳତାର ଶ୍ରେୟ ଦେବି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଜ୍ୟୋତି । ପ୍ରଥମ ଥର ଓଏଏସ୍ ପରୀକ୍ଷାରେ ୩୭୨ ନମ୍ବର ର୍‍ୟାଙ୍କରେ ଓ ଜନ ସୂଚିତ ଜାତି ଭାବେ ୪ ନମ୍ବର ର୍‍ୟାଙ୍କରେ ସଫଳ ହୋଇଥିବା ଜ୍ୟୋତି ପ୍ରଥମେ ବୃଦ୍ଧ ବୃଦ୍ଧା, ତଳସ୍ତରର



ସଧାରଣ ଜନତାଙ୍କୁ ଉତ୍ତମ ସେବା ଦେଖିବାକୁ ଓ ବିଶେଷ କରି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛି ବୋଲି କହି ଭାବ ପ୍ରବଣ ହୋଇଯାଇଥିଲେ । ପୁଅ ଆଗକୁ ଜଣେ ଆଇଏଫ୍‌ଏସ୍ ଅଫିସର ହୋଇ ଜଙ୍ଗଲ ପରିବେଶ ସୁରକ୍ଷାର ଗୁରୁ ଦାୟିତ୍ୱ ବହନ କରିବାକୁ ଶୁଭ କାମନା ଜଣାଇଛନ୍ତି । ବାପା ଦୈତ୍ୟଦେବ ପୁଅର ସଫଳତା ଖବର ପରେ ଶ୍ରୀ ଭୋଇଙ୍କ ପରିବାର ଓ ସାନ ଝିଙ୍କୀ ଗାଁ ଉତ୍ସବ ମୁଖର ହୋଇଉଠିଛି । ସେହିପରି ବୌଦ୍ଧ ଜିଲ୍ଲା ମୂଳ ନିବାସୀ ସୋନପୁର ଗ୍ରିଡ୍‌କୋ ଅଞ୍ଚଳରେ ରହୁଥିବା ସୁରଥ ମିଶ୍ର ଓ ବେବିଙ୍କ ସୁପୁତ୍ର ସମୁଦ୍ର ମିଶ୍ର ୩୩ ର୍‍ୟାଙ୍କ ହାସଲ୍ କରି ବୌଦ୍ଧ ଜିଲ୍ଲାର ତଥା ବର୍ତ୍ତମାନ ବାସ କରୁଥିବା ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବଢ଼ାଇଛନ୍ତି । ମୋର ପ୍ରଥମ ଚେଷ୍ଟାରେ ଏ ସଫଳତା ହାସଲ କରିଥିବା ଓ ଏହାର ଶ୍ରେୟ ମୋ ବାପା, ମାଆ, କାକା, ଖୁଡ଼ି, ସାଙ୍ଗ ସାଥି ଓ ସିନିୟରଙ୍କୁ ଦେବି ବୋଲି ସମୁଦ୍ର ମିଡ଼ିଆଙ୍କୁ କହିଥିଲେ । ସୋନପୁର ସେଣ୍ଟ ଆନି ସ୍କୁଲରେ ମେଟ୍ରିକ୍‌ରେ ଟପ୍ପର ହୋଇଥିବା ସମୁଦ୍ର ଯେଉଁଠି ଦାୟିତ୍ୱ ମିଳିବ ମୁଁ ଭଲରେ ଓ ଉତ୍ସର୍ଗୀକୃତ ସର୍ଭିସ୍ ଦେବି ବୋଲି କହିଥିଲେ । ସେ ମଧ୍ୟ ସ୍ୱତନ୍ତ୍ର ଭାବେ ଶିକ୍ଷା ବିଭାଗର ସଂସ୍କାର ଆଣି ଏହାକୁ ଗୁରୁତ୍ୱ ଦେବାକୁ ସଂକଳ୍ପ ନେଇଥିବା ମିଡ଼ିଆଙ୍କୁ ମତ ଦେଇଥିଲେ । ଏ ଫଳାଫଳ ଓ ଭବିଷ୍ୟତ ଉଜ୍ଜଳ ଥିବା କଥା ପୁଅ ଉପରେ ଆମ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଓ ଆହୁରି ରହିବ ବୋଲି ପ୍ରେରଣାଦାୟୀ ସମୁଦ୍ରଙ୍କ ଖୁଡ଼ି ପ୍ରଭାସିନୀ କହିଥିଲେ । ଓଏଏସ୍ ପାଇବା ଖବର ପରେ ଶ୍ରୀମାନ ମିଶ୍ର ଓ ଶ୍ରୀମାନ ଭୋଇଙ୍କୁ ଜିଲ୍ଲା ତଥା ରାଜ୍ୟର ସମଗ୍ର ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ବିଭାଗର ଜାଣତରେ ଠିପି ଖୋଲା ବିଦେଶୀ ମଦ ଦୋକାନ

**କୋରୁକୋଣ୍ଡା, ନ୍ୟୁଜ୍ ବ୍ୟୁରୋ**

ଅବଧି ସମାପ୍ତ ହୋଇଥିବା ମଦ ବିକ୍ରି କରିବା ବେଆଇନ୍ ଓ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଗତ କିଛି ଦିନ ପୂର୍ବେ ବିଷାକ୍ତ ମଦ ପିଇ ବିହାରରେ ୩୦ରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି । ତଥାପି ବିଭିନ୍ନ ସ୍ଥାନରେ ଚୋରା ମଦ, ଅବଧି ସମାପ୍ତ ମଦ, ଦେଶୀ ମଦ ଆଦି ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ଅଞ୍ଚଳରେ ଖୁଲମ୍‌ଖୁଲା ବିକ୍ରି ହେଉଥିବା ଦେଖିବାକୁ ମିଳିଛି । କୋରୁକୋଣ୍ଡା ବ୍ଲକ୍ ସଦରମହକୁମାରେ ସରକାରୀ ସ୍ୱୀକୃତି ପ୍ରାପ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଥିବାବେଳେ, ଉକ୍ତ ଦୋକାନରୁ ତାରିଖ ଏକ୍ସପାଇର୍ ହୋଇଥବା ମଦ ବିକ୍ରି ହେଉଥିବା ଏକ ଭିଡିଓ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ଭାଇରାଲ୍ ଭିଡିଓରେ ଦୋକାନୀଙ୍କୁ ଉକ୍ତ ଏକ୍ସପାଇର୍ ମଦ ସମ୍ପର୍କରେ ପଚାରିବାରୁ, ସେ ଏକ୍ସପାଇର୍ ଶେଷର ୩୦ ଦିନ ପର୍ଯ୍ୟନ୍ତ କୌଣସି ଅସୁବିଧା ହେବନାହିଁ ବୋଲି କହୁଥିବା ଭିଡ଼ିଓରେ ସ୍ପଷ୍ଟ ଜଣାପଡୁଅଛି । ଅବକାରୀ ବିଭାଗ ପକ୍ଷରୁ ପ୍ରତି ମାସରେ ଷ୍ଟକ୍ ଯାଞ୍ଚ କରାଯାଉଥିଲେ ମଧ୍ୟ ଏପରି ଏକ୍ସପାଇର୍ ହୋଇଥିବା ମଦ ବିକ୍ରି ହେଉଛି କିପରି ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ସହ ଉକ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନରେ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ହୋଇ ଆସୁଅଛି, କୋରୁକୋଣ୍ଡା ତଥା ଆଖପାଖ ଅଞ୍ଚଳରେ ବିକ୍ରି ହେଉଥିବା ଚୋରା ମଦ କୋରୁକୋଣ୍ଡା ଠିପି ଖୋଲା ବିଦେଶୀ ମଦ ଦୋକାନରୁ ଯାଉଥିବା ନଜିର ରହିଛି, କିଛି ସମୟରେ ମଦ ଦୋକାନ କର୍ମଚାରୀ ନିଜେ ଉକ୍ତ ଚୋରା ବ୍ୟବସାୟୀଙ୍କୁ ହୋମ୍ ଡେଲିଭରୀ ଦେଉଥିବା ମଧ୍ୟ ନଜିର ରହିଛି, ସବୁ ଜାଣିଶୁଣି ନୀରବ ଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ । ଏହାର ସୁଯୋଗ ନେଇ ମାଲାମାଲ୍ ହେଉଛନ୍ତି ମଦ ଦୋକାନୀ । ତତ୍ ବ୍ୟତୀତ ଅଧିକାଂଶ ଗ୍ରାମରେ ବେଆଇନ୍ ଭାବେ ଦେଶୀ ମଦ ପ୍ରସ୍ତୁତି ହୋଇ ବିକ୍ରି ହେଉଥିବା ସହ, ସାପ୍ତାହିକ ହାଟ ମାନଙ୍କରେ ଖୁଲମ୍‌ଖୁଲା ଦେଶୀ ମଦ, ସଲପ୍, ପେଣ୍ଡମ୍, ଆଦି ବିକ୍ରି ହେଉଥିଲେ ମଧ୍ୟ ସବୁ ଜାଣିଶୁଣି ନୀରବ ଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ । ଏନେଇ ଅବକାରୀ ବିଭାଗୀୟ ଅଧିକାରୀ ଅମିୟ ଖଞ୍ଜାଙ୍କୁ ଯୋଗାଯୋଗ କରିବାରୁ, ଉକ୍ତ ଘଟଣାକୁ ସ୍ୱୀକାର କରିବା ସହ, ଧର୍ମକୁ ଆଖୁଠାର ମାରିଲା ପରି ଏକ୍ସପାୟର୍ ହୋଇଥିବା ମଦ ଏକ୍ସପାୟର୍ ତାରିଖ ଠାରୁ କିଛି ଦିନ ପର୍ଯ୍ୟନ୍ତ ବ୍ୟବହାର ହୋଇପାରିବ ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାର ଓ କମ୍ପାନୀ ଯଦି ଏହାର ଏକ୍ସପାୟର୍ ତାରିଖ ଧାର୍ଯ୍ୟ କରିଛନ୍ତି, ତେବେ ଏହାକୁ ଅବମାନନା କରି କିପରି ବଜାରରେ ଏକ୍ସପାୟର୍ ମଦ ବିକ୍ରି ହେଉଛି ଏବଂ କିପରି ଜିଲ୍ଲା ଅବକାରୀ ବିଭାଗ ଏହାକୁ ପ୍ରୋତ୍ସାହନ ଦେଉଛି ସେନେଇ ବିରାଟ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

# ବାତ୍ୟା 'ଦାନା'କୁ ନେଇ ସଜାଗ ରହିଛି ଏନ୍‌ଡିଆର୍‌ଏଫ୍

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା' ଏବେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ଭାବେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଅବସ୍ଥିତ ଅଛି । ଏହା ୨୨ ତାରିଖ ସକାଳ ସୁଦ୍ଧା ଅବପାତରେ ଓ ୨୩ ତାରିଖରେ ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ ବାତ୍ୟା 'ଦାନା' ଆସନ୍ତା ୨୪ ତାରିଖରେ ପାରାଦୀପରୁ ବାଲେଶ୍ୱର ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବାତ୍ୟା 'ଦାନା' ଅତି ଭୀଷଣ ବାତ୍ୟାର ରୂପନେଇ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଉପକୂଳ ଓଡ଼ିଶାରେ ତାଣ୍ଡବ ରଚିବ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟାପ୍ରତି ୧୦୦ ରୁ ୧୫୦ କିମି ବେଗରେ ପବନ ବହିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଯାହାଫଳରେ କ୍ଷୟକ୍ଷତି ଆଶଙ୍କା ଅଧିକ ରହିଛି । ଏ ନେଇ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସଜାଗ ରହିଛି । ମୁଣ୍ଡଳୀ ସ୍ଥିତ ୩ୟ ବାହିନି ଏନ୍‌ଡିଆର୍‌ଏଫ୍ ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ମନ୍ତ୍ରୀ ମଣ୍ଡଳ ସ୍ତରରେ ଏବଂ ସଚିବ ସ୍ତରରେ ଆଲୋଚନା ଜାରି ରଖିଥିବା ବେଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ପରେ ଏନ୍‌ଡିଆର୍‌ଏଫ୍ ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ନିୟୋଜିତ ହେବେ ବୋଲି ସୂଚନା ମିଳିଛି । ରାଜ୍ୟ ତଥା ଦେଶର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟରେ ନିଜର ସାହସ, ଧୈର୍ଯ୍ୟ ଏବଂ ପରାକ୍ରମ ଦେଖାଇ ସେବା କାର୍ଯ୍ୟ କରି ଆସୁଛନ୍ତି । ଚଳିତ ସମ୍ଭାବ୍ୟ ବାତ୍ୟାକୁ ନେଇ ଏନ୍‌ଡିଆର୍‌ଏଫ୍‌ର ଯବାନମାନେ ସଜାଗ ରହିଥିବା ବେଳେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ ଅପେକ୍ଷାରେ ରହିଥିବା ଜଣାପଡିଛି ।

# ଶିକ୍ଷୟିତ୍ରୀ ବିଳମ୍ବରେ ଆସିବା ନେଇ ଗେଟ୍‌ରେ ତାଲା ପକାଇଲେ ଲୋକେ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଳଶା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଳମ୍ବରେ ଆସିବା ନେଇ ପ୍ରତିବାଦରେ ଗ୍ରାମବାସୀମାନେ ଗେଟ୍‌ରେ ତାଲା ପକାଇଥିଲେ । ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଘଣ୍ଟାଘଣ୍ଟା ଧରି ବସି ରହିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସଂଲଗ୍ନ ହୋଇଛି । ଏଠାରେ ଦୁଇଜଣ ପିଅନ ନିଯୁକ୍ତ ହୋଇଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ହେଡ ପିଅନ ଶରତ ଚନ୍ଦ୍ର ଦାସଙ୍କୁ ଗେଟ୍ ଖୋଲିବାକୁ କହିଥିଲେ ହେଁ ସେ ଗେଟ୍ ଖୋଲିବାକୁ ସିଧାସଳଖ ମନା କରିଥିଲେ ବୋଲି କହିଥିଲେ । ତେବେ ପୂର୍ବରୁ ବୈଠକରେ ବିଦ୍ୟାଳୟରେ ଗୋଟିଏ ଆଟେଣ୍ଡାଣ୍ଟ ରହିଥିବାରୁ ଦ୍ୱୟ ପିଅନଙ୍କୁ ୧୫ ଦିନ



ଲେଖାଏଁ ଏକ ମାସ ଗେଟ୍ ଖୋଲିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଦେଇଥିଲେ । ତାଙ୍କର ଅବମାନନା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସୋକଜ୍ ନୋଟିସ୍ ପ୍ରଦାନ କରି ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିବାକୁ କହିଥିଲେ । ଖବରପାଇ ଏବିଓ ମାନସ ରଞ୍ଜନ ମିଶ୍ର ଓ ତରଣୀସେନ ମୁଣ୍ଡା ଉଭୟ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବାକୁ ବୁଝାସୁଝା କରିଥିଲେ । ପୂର୍ବତନ ସ୍କୁଲ୍ କମିଟିର ଅଧକ୍ଷ ଅଜିତ କୁମାର ଦାସଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ହାତରେ ଚାବି ତାଲା ରହୁଛି । ତେବେ ଦିନ ୧୧ଟା ସୁଦ୍ଧା ବିଦ୍ୟାଳୟ ଗେଟ୍ ଖୋଲାଯାଇନଥିଲା । ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଫଳରେ ଗେଟ୍‌ରେ ତାଲା ପକାଇ ପ୍ରତିବାଦ ଜଣାଇଥିଲେ । ଏହାଛଡ଼ା ଛାତ୍ରଛାତ୍ରୀ ବାହାରେ ବସିରହିବାରୁ ପାଠପଢାରେ ବାଧାପ୍ରାପ୍ତ ହୋଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ, ଜଣେ ପିଏନଙ୍କୁ ପ୍ରାଥମିକ ଓ ଅନ୍ୟ ଜଣଙ୍କୁ ଉଚ୍ଚ ବିଦ୍ୟାଳୟରେ ଦିଆଯିବା ସହିତ ପିଲାମାନଙ୍କୁ ପାଠପଢା କିପରି ଭଲ ହେବ ସେନେଇ ଦାବି କରିଛନ୍ତି । ଏହି ସମସ୍ୟା ନେଇ ସଦର ବିଇଓ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ହେଁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ସ୍କୁଲ୍ କମିଟି ଅଧକ୍ଷ କାନ୍ତାଲତା ସାହୁଙ୍କ ଏହି ଘଟଣା ବିଷୟରେ ପଚାରିବାରେ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟରେ ଗାଇଡ୍ ଲାଇନ୍ ଠିକ୍ ନଥିବାବେଳେ ପାଠପଢା ଅତ୍ୟନ୍ତ ଢିଲା ରହିଥିବା ସହ ଗାଇଡ୍ କରାଯାଉନଥିବାରୁ ପିଲାମାନେ ଏଠି ସେଠି ବୁଲୁଥିବା ଅଭିଯୋଗ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀଙ୍କ ହାତରେ ଚାବି ରହିଥିଲେ ହେଁ ସେ ବିଳମ୍ବରେ ପହଞ୍ଚିଥିଲେ । ଏଣୁ ଗେଟ୍‌ରେ ଗ୍ରାମବାସୀ ତାଲା ପକାଇ ପ୍ରତିବାଦ କରିଥିଲେ । ଅନ୍ୟପଟେ ଘଣ୍ଟା ଘଣ୍ଟା ଧରି ଛାତ୍ରଛାତ୍ରୀ ବାହାରେ ବସି ରହିବା ଯୋଗୁଁ ପାଠପଢା ବାଧାପ୍ରାପ୍ତ ହୋଇଥିଲା ।



# ମନ ମୋହୁଛି କଲେଜ ଛକ ସଦ୍‌ଭାବନା ଓ ତିନିମୁହାଣୀ ଛକ ତୋରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡା ସହର ଚଳଚଞ୍ଚଳ ହେବା ସହ ସମ୍ପୂର୍ଣ୍ଣ ସହର ଆଲୋକୀକରଣ ହୋଇଛି । ଦୁହୁରିଆ ଠାରୁ ଇଛାପୁର ପର୍ଯ୍ୟନ୍ତ ପ୍ରାୟ ୫୦ ଗୋଟି ମେଢ ଆଗରେ ବିଭିନ୍ନ ପ୍ରକାର ତୋରଣ ନିର୍ମାଣ କରାଯାଇ ଜନସାଧାରଣଙ୍କୁ ଆକୃଷ୍ଟ କରୁଥିବା ବେଳେ ଦୁହୁରିଆ ନିକଟବର୍ତ୍ତୀ ସଦ୍‌ଭାବନା କ୍ଲବର ତୋରଣ ଓ ତିନିମୁହାଣୀ ଛକରେ ନିର୍ମାଣ ହୋଇଥିବା ତୋରଣ ଲୋକଙ୍କ ମନ ମୋହୁଛି । ସଦ୍‌ଭାବନା କ୍ଲବର ତୋରଣଟି ଚଳିତ ବର୍ଷ ହୁଗୁଳା ଗଛପତ୍ରରେ ନିର୍ମାଣ କରାଯାଇଥିବା ବେଳେ ଏଥିରେ ବ୍ୟବହୃତ ହେଉଥିବା ଅଠା, କାଠି, ବାଉଁଶ, କାଠି ପାତିଆ, କାଗଜ ଆଦି ତୋରଣ ନିର୍ମାଣରେ ବ୍ୟହୃତ କରାଯାଇଛି । ଏହି ତୋରଣ ନିର୍ମାଣ କରିବା ପାଇଁ ପ୍ରାୟ ୪୦ ଜଣ କାରିଗର ନିଯୁକ୍ତି ହୋଇ ପ୍ରାୟ ୨୦ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରିଛନ୍ତି । ସେହିପରି ତିନିମୁହାଣୀ ତୋରଣଟି ସହରର ମୁଖ୍ୟ ପେଣ୍ଠସ୍ଥଳୀରେ ହୋଇଥିବାରୁ ତୋରଣ ନିର୍ମାଣରେ ଆଧୁନିକ ପଟା ଓ ଗେରୁଆ ରଙ୍ଗ କପଡାରେ ନିର୍ମାଣ କରାଯାଇଛି । ଏହି ତୋରଣଟିକୁ ଦେଖିବା ପାଇଁ ସବୁବେଳେ ଭିଡ ଜମି ରହିଛି । ଏହା ଅତି ଉଚ୍ଚକୋଟୀର ହୋଇଥିବାରୁ ଜନସାଧାରଣଙ୍କ ମନ ମୋହୁଛି । ଉଭୟ ୨ଟି ଯାକ ତୋରଣରେ ନୂତନ ପ୍ରକାରର ଆଲୋକୀକରଣ କରାଯାଇ ଥିବାରୁ ତୋରଣକୁ ଆହୁରି ସୁନ୍ଦର ସରସ କରିଛି । ଆଲୋକ ସଜ୍ଜାରେ ଥାନପତୀ ମେଢ, ଗଜ ଉଦ୍ଧାରଣ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଙ୍ଗା ଭାଗିରଥୀ, ବାସୁଳେଇ କମିଟିର ମୁଖ୍ୟମାନେ ଆଲୋକ ସଜ୍ଜାରେ ଆଗରେ ରହିଛି ।

# କାଳୀପୂଜାରେ ପ୍ରଶାସନକୁ ସହଯୋଗ କରିବ ଯାଜପୁର ପୂଜା କମିଟି



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସହରର ଗଣପର୍ବ କାଳୀପୂଜାସୋବକୁ ଯାଜପୁର ପୂଜା କମିଟି ସମୂହ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ଦୀର୍ଘ ୧୧ ଦିନର ଏହି କାର୍ଯ୍ୟକ୍ରମକୁ ଶଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ବୋଲି ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି । ଏହି ଉତ୍ସବ ଆମର ଏବଂ ଆମର ଏହି ଭାଇଚାରାର ସହରରେ ପୂଜାସବକୁ ଆମେମାନେ ହିଁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରି ସମଗ୍ର ରାଜ୍ୟରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବା ବୋଲି କମିଟିର ସଭାପତି କର୍ଣ୍ଣାଟ କେଶରୀ ଦାସ ଆହ୍ୱାନ ଦେଇଛନ୍ତି । ପୂଜା ପାଇଁ ରହି ଆସିଥିବା ସ୍ଥାୟୀ ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ତଥା ପୌରଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସହର ଏବଂ ସହର ଉପକଣ୍ଠର ସମସ୍ତ ପୂଜା କମିଟି ଗୁଡିକ ଯୋଗଦେଇ ଉକ୍ତ ନିଷ୍ପତ୍ତିକୁ ସମର୍ଥନ ଜ୍ଞାପନ କରିଥିଲେ । ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନ ସ୍ଥାୟୀ ଶାନ୍ତି କମିଟି ଏବଂ ସମୂହ ପୂଜା କମିଟି ସହିତ ଆଲୋଚନା ନକରି କି ସୂଚନା ନଦେଇ ଆଉ କିଛି ବ୍ୟକ୍ତିଙ୍କୁ ଶାନ୍ତି କମିଟିରେ ସାମିଲ୍‌କୁ ବୈଠକରେ ପ୍ରତିବାଦ କରାଯାଇଥିଲା । ପୂଜା କମିଟି ସଭାପତି ଶ୍ରୀ ଦାସଙ୍କ କହିବାନୁଯାୟୀ ଶାନ୍ତି କମିଟିରେ ଆମ ସହର ଅଧିକ ବ୍ୟକ୍ତିଙ୍କ ସାମିଲ୍‌କୁ ପୂଜା କମିଟି କେବେବି ବିରୋଧ କରୁନାହିଁ । କିନ୍ତୁ ସୂଚନା ଏବଂ ଆଲୋଚନାର ଆବଶ୍ୟକତା ନିହାତି ରହିଛି । ବିଗତ ଦୀର୍ଘବର୍ଷ ଧରି ସ୍ଥାୟୀ ଶାନ୍ତି କମିଟି ଏବଂ ଯାଜପୁର ଟାଉନ୍ ପୂଜା କମିଟି ପୂଜାସୋବ ଏବଂ ଦୁଇ ଦିନିଆ ଭଷାଣୀ ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି ଏବଂ ଚଳିତ ବର୍ଷ ମଧ୍ୟ ତା'ର ପୁନରାବୃତ୍ତି ହେବ । ପ୍ରଶାସନ ପୂଜା କମିଟି ଏବଂ ସ୍ଥାୟୀ ଶାନ୍ତି କମିଟି ସହିତ ଆଲୋଚନା କରି ଆସନ୍ତା ବର୍ଷକୁ ଶାନ୍ତି କମିଟିର ସମ୍ପ୍ରସାରଣ କଲେ ଆମେ ସ୍ୱାଗତ କରିବୁ ବୋଲି ପୂଜା ମଣ୍ଡପର କର୍ମକର୍ତ୍ତା ମାନେ ମତ ପୋଷଣ କରିଥିଲେ । ଏହି ବୈଠକରେ ଶାନ୍ତି କମିଟିର ସଭ୍ୟ ଚିନ୍ତାମଣି ପହି, ପ୍ରଫେସର ବଟକୃଷ୍ଣ ମହାପାତ୍ର, ବଳଭଦ୍ର ଦାସ, ଆଡଭୋକେଟ୍ ରାଜୀବ ମହାନ୍ତି ପ୍ରମୁଖ ବକ୍ତବ୍ୟରେ ପୂଜା ଓ ଭଷାଣୀ ଯାତ୍ରାକୁ ଶୃଙ୍ଖଳାର ସହ ସମ୍ପନ୍ନ ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ ।

# ବେଦାନ୍ତ ଆଲୁମିନିୟମ ଏହାର ମେଗା ଆଲୁମିନିୟମ୍ ପ୍ଲାଣ୍ଟ ଝାରସୁଗୁଡ଼ାରେ ସମ୍ବଲପୁରର ଆଇଆଇଏମ୍‌ର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ଏହାର କ୍ୟାମ୍ପସ୍ ସଂଯୋଗ ପଦକ୍ଷେପର ଏକ ଅଂଶ ଭାବରେ ସମ୍ବଲପୁରର ଆଇଆଇଏମ୍ ଛାତ୍ରଛାତ୍ରୀମାନଙ୍କୁ ହୋଷ୍ଟ ଭାବେ ନେଇଥିଲା । ଏହି ପରିଦର୍ଶନ ସମୟରେ ଛାତ୍ରମାନେ ବେଦାନ୍ତର କାର୍ଯ୍ୟକଳାପକୁ ବୁଲି ଦେଖିବା ସହିତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ । ବେଦାନ୍ତ ଆଲୁମିନିୟମ୍ ୬୦ରୁ ଅଧିକ ଦେଶକୁ ଉଚ୍ଚ ମାନର ଆଲୁମିନିୟମ୍ ଯୋଗାଇଥାଏ । ବିଶ୍ୱସ୍ତରରେ ଏହାର ଚାହିଦା ମଧ୍ୟ ରହିଛି । ଅଭିଜ୍ଞ ପେଶାଦାରଙ୍କ ନେତୃତ୍ୱରେ ଛାତ୍ରମାନଙ୍କୁ ଅତ୍ୟାଧୁନିକ ମେସିନାରୀ ଓ କାର୍ଯ୍ୟର ଉନ୍ନତ ପ୍ରକ୍ରିୟା ଉପରେ ବୁଝାଯାଇଥିଲା । ସେମାନେ ମଧ୍ୟ କଠୋର ସୁରକ୍ଷା ପ୍ରୋଟୋକଲ୍ ଓ ବିଶ୍ୱସ୍ତରୀୟ ପ୍ରଥା ସହ ପରିଚିତ ହୋଇଥିଲେ । ଯାହା ବେଦାନ୍ତରେ କାର୍ଯ୍ୟକ୍ଷମତା ଲାଗି ପ୍ରତିବଦ୍ଧତାକୁ ସୂଚୀତ କରାଏ । ଏହି ପରିଦର୍ଶନ ଏକ




କ୍ୟୁ ଆଣ୍ଡ ଏ ଅଧିବେଶନ ସହିତ ସମାପ୍ତ ହୋଇଥିଲା । ଛାତ୍ରଛାତ୍ରୀମାନେ ବିଭିନ୍ନ ବିଷୟ ଉପରେ ଜାଣିବାକୁ ପାଇଥିଲେ । ଏହା ସହ କ୍ୟାରିୟର ସୁଯୋଗ, ଶିଳ୍ପ ଟ୍ରେଣ୍ଡ ଓ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ଉପରେ ପରିଚିତ ହୋଇଥିଲେ । ଏହି ଅବସରରେ ସୁନୀଲ ଗୁପ୍ତା, ମୁଖ୍ୟ ପରିଚାଳନା ଅଧିକାରୀ, ବେଦାନ୍ତ ଆଲୁମିନିୟମ୍ କହିଥିଲେ ଯେ ବେଦାନ୍ତ ଆଲୁମିନିୟମ୍‌ରେ ଆମର ଦୈନନ୍ଦିନ କାର୍ଯ୍ୟରେ ସ୍ଥିରତା କିପରି ନିରନ୍ତର ଭାବରେ ସଂଯୁକ୍ତ ହୋଇଛି ତାହା ଦର୍ଶାଇ ଭବିଷ୍ୟତର ନେତାମାନଙ୍କୁ ପୋଷଣ କରି ଆମେ ଗର୍ବିତ । ଆସନ୍ତାକାଲିର ନାଗରିକମାନଙ୍କୁ ଏକ ସ୍ଥାୟୀ ବ୍ୟବସାୟ ଗଢିବାର ରୋମାଞ୍ଚକର ଅଗ୍ରଗତି ବାଣ୍ଟିବା ଲାଗି ଏକ ପ୍ରେରଣା ଯୋଗାଇଥାଏ । ବିଶ୍ୱଶ୍ରେଣୀୟ ବୈଷୟିକୀ ସହିତ ଆମେ ଉତ୍ପାଦ ପ୍ରସ୍ତୁତ କରୁ ଯାହା ଏକ ସ୍ଥାୟୀ ଭବିଷ୍ୟତ ଗଠନ ଅଭିମୁଖ । ଆମର ସମ୍ବଲପୁର ସ୍ଥିତ ଆଇଆଇଏମ୍ ଛାତ୍ରମାନଙ୍କ ସହ ଆମର ଅଭିଜ୍ଞତାକୁ ବାଣ୍ଟି ଆମେ ବହୁତ ଖୁସି । ଜଣେ ଛାତ୍ରୀ ମିସ୍ ମେଘନା ଏସ୍‌ଏମ୍ କହିଥିଲେ ଯେ ଏହି ପରିଦର୍ଶନ ଆମ ପାଇଁ ପ୍ରେରଣାଦାୟକ । ବେଦାନ୍ତର ପ୍ରତିବଦ୍ଧତାକୁ ବୁଝିବା ଓ କାର୍ଯ୍ୟ ପରିସରକୁ ବୁଲି ଦେଖିବା ଆମ ପାଇଁ ବହୁତ ଶିକ୍ଷଣୀୟ ଓ ଅନୁଭୂତିମୂଳକ । ବେଦାନ୍ତ ଆଲୁମିନିୟମ ଶିକ୍ଷାନୁଷ୍ଠାନ ଗୁଡ଼ିକ ସହ ସହଭାଗିତା, ପ୍ରତିଭା ପ୍ରତିପୋଷଣ ଓ ପରବର୍ତ୍ତୀ ପିଢି ପାଇଁ ଶିଳ୍ପପତିଙ୍କୁ ସଶକ୍ତ କରିବା ଲାଗି ଉତ୍ସର୍ଗୀକୃତ । ବେଦାନ୍ତ ଆଲୁମିନିୟମ୍ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ୍‌ର ଏକ ଅଂଶ । ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ୍ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ୍ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଥିବା ସଂସ୍ଥା । ବେଦାନ୍ତ ଆଲୁମିନିୟମ୍ ଏସ୍‌ଆଣ୍ଡପି ଗ୍ଲୋବାଲ କର୍ପୋରେଟ୍ ସସ୍‌ଟାନବିଲିଟି ଆସସ୍‌ମେଣ୍ଟ ୨୦୨୩ରେ ଆଲୁମିନିୟମ୍ ଉଦ୍ୟୋଗ ପାଇଁ ପ୍ରଥମ ର୍‍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନିୟମ୍ ରିଫାଇନାରୀ ଓ ପାୱାରପ୍ଲାଣ୍ଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଞ୍ଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ୍ ଅଫ୍ ଦି ଫ୍ୟୁଚର୍ ଭାବରେ ଆଲୁମିନିୟମ୍‌ର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି ।

30 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୨୩ ଅକ୍ଟୋବର ୨୦୨୪ ବୁଧବାର





## ଧନ୍ଦାମୂଳକ ଶିକ୍ଷା, ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ହେବ:ଧର୍ମେନ୍ଦ୍ର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କୁ ଭେଟି ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଦ୍ୟାଳୟ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି ଏବଂ ବ୍ୟାପକ କରିବା ଉପରେ ଫଳପ୍ରଦ ଆଲୋଚନା କରିଛନ୍ତି । ପ୍ରତିଭା, ସମ୍ବଳ ଓ ମାର୍କେଟ୍ ଭଳି ୩ଟି ପ୍ରମୁଖ ସ୍ତମ୍ଭ ମାଧ୍ୟମରେ ଦୁଇ ଦେଶର ଭାଗୀଦାରିକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି । ବିଶେଷଭାବେ ଅତ୍ୟାଧୁନିକ ଜ୍ଞାନକୌଶଳ ବା ଡିପଟେକ୍, ଷ୍ଟାର୍ଟଅପ୍ ଏବଂ ଇନୋଭେସନ୍ ପରି ସଂସ୍ଥାନକୁ ଆଗକୁ ବଢ଼ାଇବାରେ ଭାରତ ସିଙ୍ଗାପୁରକୁ ଏକ ବିଶ୍ୱସନୀୟ ଜ୍ଞାନ ସହଯୋଗୀ ରାଷ୍ଟ୍ର ଭାବେ ଦେଖୁଛି ବୋଲି ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ ଏବଂ ଉଭା ହେଉଥିବା କ୍ଷେତ୍ରରେ ସହଯୋଗ ସମେତ ଭାରତ-ସିଙ୍ଗାପୁର ସମ୍ପର୍କକୁ ଏକ ବ୍ୟାପକ ଭାଗୀଦାରିରେ ପରିଣତ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି । ସେହିପରି ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଜିଏଏନ୍ କିମ୍ ୟୋଙ୍ଗଙ୍କୁ ସାକ୍ଷାତ କରି ଧର୍ମେନ୍ଦ୍ର ଭବିଷ୍ୟତ ପିଢ଼ିର ସହଭାଗିତା ସୃଷ୍ଟି କରିବା ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ଏବଂ ପ୍ରଶିକ୍ଷଣରେ ସହଯୋଗ ଉପରେ ଆଲୋଚନା କରିଛନ୍ତି । ଏହା ପୂର୍ବରୁ ସେ ସିଙ୍ଗାପୁରର ଶିକ୍ଷାମନ୍ତ୍ରୀ ଚାନ୍ ଚୁନ୍ ସିଂଙ୍କୁ ଭେଟି ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଛନ୍ତି । ଭାରତର ଶିକ୍ଷା ବ୍ୟବସ୍ଥାର ଅନ୍ତର୍ଜାତୀୟକରଣ ପାଇଁ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ଉପରେ ଚର୍ଚ୍ଚା କରଛନ୍ତି । ଦୁଇ ମନ୍ତ୍ରୀ ଓଭରସିଜ୍ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଛନ୍ତି, ଯାହାଦ୍ୱାରା ଭାରତୀୟ ଛାତ୍ରଛାତ୍ରୀ ସିଙ୍ଗାପୁର କମ୍ପାନୀରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ ।

## ସ୍ତନ କର୍କଟ ଶୀଘ୍ର ଚିହ୍ନଟ ହୋଇପାରିଲେ ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ତନକର୍କଟ ରୋଗ ସଚେତନେତା ମାସ ପାଳନ ଅବସରରେ ଜ୍ଞାନପ୍ରଭା ମିଶନ ତରଫରୁ 'ସୁସ୍ଥ ଓ ସୁନ୍ଦର ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦ୍‌ଗୁରୁ ଚିକିତ୍ସାଳୟ, ସ୍ୱାଭିମାନ ସଂସ୍ଥା, ଆସୋସିଏସନ୍ ଅଫ୍ ରେଡିଏସନ୍ ଅଙ୍କୋଲୋଜିଷ୍ଟ ଅଫ୍ ଇଣ୍ଡିଆ (ଆରୋଇ), ଓଡ଼ିଶା ରାଜ୍ୟ ଅଧ୍ୟାୟ ଏବଂ ରୋଟାରୀ କ୍ଲବ, କଟକର ମିଳିତ ସହଯୋଗରେ ରେଡ଼କ୍ରସ୍ ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦିବ୍ୟ ପ୍ରେରଣାରେ ଏହା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ଡା. ସୁଜାତା ମିଶ୍ର ଯୋଗଦେଇ ସ୍ତନକର୍କଟ ରୋଗର ଭୟାବହତା ଏବଂ ଯଥାଶୀଘ୍ର ରୋଗ ଚିହ୍ନଟ ହୋଇପାରିଲେ ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ ବୋଲି କହିଥିଲେ । ଆରୋଇ ସଭାପତି ପ୍ରଫେସର ଡ. ନିହାରିକା ପଣ୍ଡା କହିଲେ, କୌଣସି ସ୍ତନକର୍କଟ ରୋଗୀ ନିଜକୁ ଏକାକୀ ଭାବି ଅସହାୟ ନ ମଣିବା ଦରକାର । ଏଥିପାଇଁ ସମସ୍ତେ ସହଯୋଗର ହାତ ବଢାଇବା ଆବଶ୍ୟକ । ଆରୋଇ ସମ୍ପାଦିକା ପ୍ରଫେସର ଡ. ସଂଯୁକ୍ତା ପାଢୀ ସ୍ତନକର୍କଟ କିପରି ବ୍ୟାପକ ଭାବେ ମାଡିଚାଲିଛି ସେ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । କଟକ ସ୍ୱର୍ଣ୍ଣତାରକା ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ବିପିନ ବିହାରୀ ପଣ୍ଡା ଏହି ରୋଗର ସଚେତନତା ନେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲେ ଅନେକ ଲୋକଙ୍କୁ ସଚେତନ କରିହେବ ବୋଲି କହିଥିଲେ । ମିଶନର ସଭାପତି ଜ୍ୟୋତିର୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ । ବିଜୟଲକ୍ଷ୍ମୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାସ୍ତା ଖରାପ ଯୋଗୁଁ ଗ୍ରାମକୁ ଆମ୍ବୁଲାନ୍ସ ଯାଇନପାରିବାରୁ ନବଜାତ ଶିଶୁର ମୃତ୍ୟୁ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ରାସ୍ତା ଖରାପଥିବା ଯୋଗୁଁ ଠିକ୍ ସମୟରେ ମେଡିକାଲ୍‌ରେ ପହଞ୍ଚି ପାରିଲାନି ଗର୍ଭବତୀ । ସୂଚନା ଅନୁଯାଇ ଜଣେ ଗର୍ଭବତୀ ମହିଳା ପ୍ରସବଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ଗାଁକୁ ଯାଇପାରିଲାନାହିଁ । ଫଳରେ ଗ୍ରାମବାସୀ ଖଟିଆରେ ବୋହିଆଣିଲେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପାଖକୁ । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ଉପାନ୍ତ ରାଇଘର ବ୍ଲକ ଟିମନପୁର ପଞ୍ଚାୟତର ବୁଢ଼ାପାରା ଗ୍ରାମର ସାଗୁନବାଡ଼ିରେ । ପରମାନନ୍ଦ ମାଝୀଙ୍କ ସ୍ତ୍ରୀ ଗୌତମୀ ମାଝୀ ଗର୍ଭବତୀ ହେବା ପରେ ପ୍ରସବ ଯନ୍ତ୍ରଣା ହେବାରୁ ପରମାନନ୍ଦ ମେଡିକାଲ୍‌କୁ ଯୋଗାଯୋଗ କରିବାରୁ କିଛି ସମୟ ପରେ ଗାଁର ଅଧା ବାଟ ଯାଏଁ ଆମ୍ବୁଲାନ୍ସ ଆସି ଅଟକି ଯାଇଥିଲା କାରଣ ରାସ୍ତା ବହୁତ୍ ଖରାପ । ଘରପାଖକୁ ଆମ୍ବୁଲାନ୍ସ ଆସିନପାରିବାରୁ ପରିବାର ଲୋକେ ଏବଂ ଗ୍ରାମର କିଛି ଲୋକେ ଗର୍ଭବତୀ ମହିଳାଙ୍କୁ ଏକ ଦୌଡ଼ି ଖଟିଆରେ ଦେଢ଼ କିଲୋମିଟର ବୋହିନେଇ ଆମ୍ବୁଲାନ୍ସ ପାଖେ ପହଞ୍ଚେଇଥିଲେ । ପରେ ମହିଳାଙ୍କୁ ଗୋନା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା କିନ୍ତୁ ଦେହ ବହୁତ ଖରାପ ଥିବାରୁ ସାଙ୍ଗେ ସାଙ୍ଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଇଠି ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ ଗୌତମୀ ମାଝୀ କିନ୍ତୁ ଦୁଃଖର ବିଷୟ ଶିଶୁ ପୁତ୍ର ମୃତ୍ୟୁବରଣ କରିଥିଲା । ଏଇଠି ପ୍ରଶ୍ନ ଉଠୁଛି ଦୋଷ କାହାର ଶିଶୁ ପୁତ୍ରର ଯିଏ ଜନ୍ମହେବା ପୂର୍ବରୁ ଆଖିବୁଜିଦେଲା ନା ସ୍ଥାନୀୟ ପ୍ରଶାସନର । ବାରମ୍ବାର ଅଭିଯୋଗ ସତ୍ତ୍ୱେବି ରାସ୍ତା ପ୍ରତି କିଏ ଦୃଷ୍ଟି ଦେଲେନାହିଁ । ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର ନା ବ୍ଲକ ଅଧିକାରୀ କାହାର ଦୃଷ୍ଟି ପଡିଲାନାହିଁ । ଏହି ବୁଢ଼ାପାରାରୁ ବିନୟପୁର ରାସ୍ତା ପ୍ରତି, ଫଳରେ ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ଗର୍ଭବତୀ ମହିଳା ଯନ୍ତ୍ରଣାରେ ଛଟପଟ ହୋଇ ଶେଷରେ ଶିଶୁପୁତ୍ର ମୃତ୍ୟୁବରଣ କରିଛି ।

## ଗଛକୁ ଧକ୍କା ଦେଲା କାର୍, ଅଳ୍ପକେ ବର୍ତ୍ତିଲେ ଚାଳକ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା କାର୍ । ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ସୋମବାର ସକାଳେ ବାରଙ୍ଗ ଥାନା ନରଣପୁର ଖେଳ ପଡିଆ ସମ୍ମୁଖ ଏକ ହୋଟେଲ୍ ସାମ୍ନାରେ ଏକ କାର୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲା । କାର୍‌ଟି ବାଲିକୁଦା ପଟୁ ତ୍ରିଶୂଳିଆ ଅଭିମୁଖେ ଯାଉଥିବା ସମୟରେ କୌଣସି କାରଣ ବଶତଃ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇଯାଇଥିଲା । ପୋଲିସ ସୂଚନା ମୁତାବକ ଜଣେ ବ୍ୟକ୍ତି କାର୍ ଯୋଗେ କର୍ମକ୍ଷେତ୍ରକୁ ଯାଉଥିବା ସମୟରେ ଏଭଳି ଘଟଣା ଘଟିଥିଲା । ଦୁର୍ଘଟଣାରେ ଚାଳକ ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ସଙ୍ଗେ ସଙ୍ଗେ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଏ ସଂକ୍ରାନ୍ତରେ ବାରଙ୍ଗ ଥାନା ପୋଲିସ ଦୁର୍ଘଟଣା ଗ୍ରସ୍ତ କାର୍‌ଟିକୁ ଜବତ କରିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

## ଜ୍ୱାଇଁଙ୍କ ମୃତ୍ୟୁ:ଶଶୁର, ଶଳା ଅଟକ

**ଭାପୁର, ନ୍ୟୁଜ୍ ବ୍ୟୁରୋ**

ଶଶୁର ଘର ଗାଁରେ ଜ୍ୱାଇଁର ମୃତ୍ୟୁ ଘଟିଛି । ଯାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଥିବା ବେଳେ ଶଶୁର ଓ ଶଳାକୁ ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି । ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ଅନ୍ତର୍ଗତ ଗୋପାଳପ୍ରସାଦ ଗ୍ରାମର ରମେଶ ପଟ୍ଟନାୟକଙ୍କ ଝିଅ ପ୍ରଭାସିନୀ ପଟ୍ଟନାୟକ ବୈଦିକ ରୀତିନୀତିରେ ଓଡ଼ଗାଁ ସଦର ମହକୁମାସ୍ଥିତ ହେମମାଳିନୀ ସାହିର ଭାଗୀରଥି ପଟ୍ଟନାୟକଙ୍କ ପୁଅ ଅଜିତ କୁମାର ପଟ୍ଟନାୟକଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ । ସେମାନଙ୍କ ଗୋଟିଏ ୪ ବର୍ଷର ପୁଅ ରହିଥିବା ବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ଲାଗି ରହୁଥିଲା । ଏନେଇ ଓଡ଼ଗାଁ ଥାନାରେ ଆଗରୁ ୨ରୁ ୩ ଥର ଆପୋସ୍ ସମାଧାନ ମଧ୍ୟ ହୋଇଥିଲା । କିନ୍ତୁ ୬ ମାସ ତଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇ ଉଭୟଙ୍କ ମଧ୍ୟରେ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା । ପ୍ରାୟ ୩ ମାସ ତଳେ ଥାନାରେ ଉଭୟ ପରିବାର ମଧ୍ୟରେ ଲିଖିତ ଭାବେ ଦୁହେଁ ଅଲଗା ହୋଇଥିଲେ । ସେହିଦିନ ଠାରୁ ପ୍ରଭାସିନୀ ବାପାଙ୍କ ଘରେ ରହିଆସୁଥିଲେ । କିନ୍ତୁ ଗତ ରବିବାର ଅପରାହ୍ନରେ ସ୍ୱାମୀ ଅଜିତ ସ୍ତ୍ରୀଙ୍କୁ ନେବା ପାଇଁ ଶଶୁର ଘରେ ପହଞ୍ଚିଥିଲେ । କିନ୍ତୁ ପ୍ରଭାସିନୀ ସ୍ୱାମୀଙ୍କ ସହିତ ଯିବା ପାଇଁ ରୋକ୍‌ଠୋକ୍ ମନା କରିଦେଇଥିଲେ । ପ୍ରଭାସିନୀ ସାଙ୍ଗରେ ନଗଲେ ଆତ୍ମହତ୍ୟା କରିବି ବୋଲି କହି ଶଶୁର ଘରୁ ବାହାରି ଆସିଥିଲେ ଅଜିତ । ଏହାପରେ ସେହି ସନ୍ଧ୍ୟାରେ ଅଜିତ ଗୋପାଳପ୍ରସାଦ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରର ପଶ୍ଚିମ ପଟେ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ସ୍ଥାନୀୟ ଲୋକମାନେ ଶିଶୁର ଘର ଲୋକଙ୍କୁ ଖବର ଦେଇଥିଲେ । ଶଶୁର ଘର ଲୋକ ଅଜିତଙ୍କୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଅର ମୃତ୍ୟୁକୁ ନେଇ ବାପା ଭାଗୀରଥି ପଟ୍ଟନାୟକ ସୋମବାର ସକାଳେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଏହି ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ସାଇଣ୍ଟିଫିକ୍ ଟିମ୍ ସହିତ ଥାନା ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ଅଭିଯୋଗକୁ ଆଧାର କରି ଶଶୁର ରମେଶ ଓ ଶଳା ଶଶିକାନ୍ତଙ୍କୁ ଥାନାରେ ଅଟକ ରଖାଯାଇଥିବା ଥାନା ନିରୀକ୍ଷକ ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆସିଲେ ଅଜିତଙ୍କ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ୨୪ ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ଓ ପ୍ରସ୍ତୁତି ନେଇ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକର ବିଡ଼ିଓ ଓ ତହସିଲଦାର ମାନେ ଯୋଗଦେଇଥିଲେ । ଆନନ୍ଦପୁର ଉପଖଣ୍ଡର ତିନି ଗୋଟି ବ୍ଲକ ଯଥା ହାଟଡିହି, ଘଷିପୁରା ଓ ଆନନ୍ଦପୁର ବ୍ଲକ ବିଶେଷ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ତିନୋଟି ବ୍ଲକର ବିଡ଼ିଓ ଓ ତହସିଲଦାର ମାନଙ୍କୁ ୨୪ ଘଣ୍ଟା ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିପଦସଙ୍କୁଳ ଓ କଚ୍ଚା ଘରରୁ ଲୋକ ଓ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବାକୁ ଗୁରୁତ୍ୱାରୋପ କରିଥିଲେ । ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ସରବରାହ ପୁନଃ ସଂଯୋଗୀକରଣ, ରାସନ୍ ଓ ରନ୍ଧା ଖାଦ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉପରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ଓ ଏହାର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ପରିଚାଳନା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେଉଥିବାରୁ ତେଣୁ ବାତ୍ୟା ପ୍ରଭାବିତ ଲୋକଙ୍କ ପାଖରେ କିଭଳି ଔଷଧ ପହଞ୍ଚାଯାଇପାରିବ, ଏହାସହ କିଛି ଅଘଟଣ ଘଟିଲେ ଲୋକମାନଙ୍କୁ କିଭଳି ତୁରନ୍ତ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଇପାରିବ ସେଥିପାଇଁ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଜିଲ୍ଲାର ସ୍ଥିତି ସମୀକ୍ଷା ଓ ସମ୍ଭାବ୍ୟ ବାତ୍ୟା ମୁକାବିଲାର ପ୍ରସ୍ତୁତି ଘଣ୍ଟାକୁ ଘଣ୍ଟା ସମୀକ୍ଷା କରିବା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ନୋଡ଼ାଲ୍ ଅଫିସର ଭାବେ ବିଭିନ୍ନ ବ୍ଲକ୍ ୱାରୀ ଦାୟିତ୍ୱ ସମ୍ପନ୍ନ କରାଯାଇଛି । ସରକାରୀ କର୍ମଚାରୀଙ୍କୁ ଅତି ଜରୁରୀ ଆବଶ୍ୟକତା ନପଡ଼ିଲେ ଛୁଟି ନନେବା ଓ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପରିଚାଳନା ପାଇଁ ଅଗ୍ନିଶମ ବିଭାଗର ୫୦ ଗୋଟି ଦଳ ସଜାଗ ଅଛନ୍ତି ଏବଂ ପରବର୍ତ୍ତୀ କାଳରେ ସମ୍ଭାବ୍ୟ ବାତ୍ୟାର ତୀବ୍ରତା ନିରୀକ୍ଷଣ କରି ରାଜ୍ୟ ସରକାରଙ୍କୁ ଓଡ୍ରାଫ୍ ଟିମ୍ ପ୍ରେରଣ ପାଇଁ ଅନୁରୋଧ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଅସମର୍ଥିତ ଉତ୍ସରୁ ପ୍ରାପ୍ତ ବାତ୍ୟା ସମ୍ପର୍କିତ ଭୁଲ୍ ଓ ମିଥ୍ୟା ଖବର ଉପରେ ବିଶ୍ୱାସ କରି ଭୟଭୀତ ନହେବାକୁ ଏବଂ ମିଥ୍ୟା ଖବର ପ୍ରଚାର କରିବାରୁ କ୍ଷାନ୍ତ ରହିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ସମ୍ଭାବ୍ୟ ବାତ୍ୟାର ସମ୍ମୁଖୀନ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ଏବଂ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟବେଳେ ଏକାଠି ହୋଇ କାର୍ଯ୍ୟ କରନ୍ତୁ

**କଟକ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା ପାଇଁ ଏସ୍‌ସିବି ମେଡିକାଲ୍ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ମେଡିକାଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍‌ସିବି ମେଡିକାଲ୍ କଲେଜ ଅଧକ୍ଷା ତଥା ଅଧିକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଅଧକ୍ଷତା କରି ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ବାତ୍ୟା ମୁକାବିଲା ପାଇଁ ମେଡିକାଲ୍‌ରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ୨୪ ଘଣ୍ଟିଆ ଡାକ୍ତରୀସେବା, ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ, ଟିକା, ଓଆର୍‌ଏସ୍, ପାନୀୟ ଜଳ ମହଜୁଦ୍ ରଖିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଆଇସିୟୁ ଅସ୍ତ୍ରୋପଚାର କକ୍ଷ ଏବଂ ୱାର୍ଡଗୁଡିକୁ ଡିଜି ସେଟ୍ ସହ ସଂଯୋଗ କରାଯାଇଛି । ମେଡିକାଲ୍‌ରେ ଆମ୍ବୁଲାନ୍ସ ପ୍ରସ୍ତୁତ ରଖାଯାଇଛି । ମେଡିକାଲ୍‌ରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହ ଯୋଗାଯୋଗ ପାଇଁ ନମ୍ବର ୦୬୭୧-୨୪୨୨୦୩୨/ ୨୯୯୨୮୦୦ ଜାରି କରାଯାଇଛି । ମେଡିକାଲ୍ ପରିସରରେ ରୋଗୀ, କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ରୋଗୀ ସମ୍ପର୍କୀୟଙ୍କ ପାଇଁ ସୁରକ୍ଷିତ ସ୍ଥାନର ବ୍ୟବସ୍ଥା କରାଯାଇଛି । ଏହାସହ ମେଡିକାଲ୍ ପରିସରରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ବୈଠକରେ ଅତିରିକ୍ତ ଅଧୀକ୍ଷକ ଡ. ମନୋଜ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର, ଯନ୍ତ୍ରୀ ବିଭାଗ ମୁଖ୍ୟ, ୱାଟ୍‌କୋ ମୁଖ୍ୟ ଯୋଗଦେଇଥିଲେ ।

## ଫି' ଆଦାୟ ଜରିଆରେ ବ୍ୟାପକ ହରିଲୁଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଫି' ଆଦାୟ ଆଳରେ ବ୍ରହ୍ମପୁର ମହାନଗର ନିଗମରେ ବ୍ୟାପକ ହରିଲୁଟ୍ । ଦୈନିକ ହଜାର ହଜାର ଓ ମାସିକ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛି ବିଏମ୍‌ସି । ରାଜସ୍ୱ ଆଦାୟରେ ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ବୁଲା ବିକାଳିଙ୍କ ଠାରୁ ନିୟମିତ ଆଦାୟ ହେଉଥିବା ଫି' ଓ ସହରର ବିଭିନ୍ନ ପ୍ରବେଶ ପଥରେ ଥିବା ତନଖି ଫାଟକ ଜରିଆରେ ଆଦାୟ ହେଉଥିବା ବ୍ୟବହାରିକ ଦେୟ ନା ୟୁଜର୍ସ ଫି । ବ୍ରହ୍ମପୁର ସହରରୁ ଖୋଡ଼ାସିଙ୍ଗି, ଅନ୍ଧପସରା ରୋଡ୍, ଫାଷ୍ଟଗେଟ୍, ଲାଞ୍ଜିପଲ୍ଲୀ, ଲୋଚାପଡ଼ା ଏବଂ ହରିଡ଼ାଖଣ୍ଡି ଆଦି ୩ଟି ଶାଖା ପଥ ଦେଇ ପ୍ରବେଶ କରିବାକୁ କରାଯାଇଛି । ତାକୁ ନଦେଖିଲେ କେହି କେବେ ଠିକ୍‌ରେ ବୁଝିପାରିବେ ନାହିଁ । ଫି' ଆଦାୟକାରୀଙ୍କ ସ୍ୱାକ୍ଷର ନଥିବା, ଗାଡ଼ି ନମ୍ବର ଲେଖା ହେଉନଥିବା ରସିଦ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ସେହିଭଳି ବିଏମ୍‌ସି ପକ୍ଷରୁ ନିର୍ଦ୍ଧାରିତ ଫି' ଠାରୁ କେତେବେଳେ କମ୍ ତ ଆଉ କେତେବେଳେ ଅଧିକ ଖର୍ଚ୍ଚ ମଧ୍ୟ ଆଦାୟ କରାଯାଉଥିବା ଜଣାପଡ଼ିଛି । ହେଲେ କୌଣସି ଯାନବାହାନକୁ ରସିଦ୍ ମଧ୍ୟ ଦିଆଯାଉନାହିଁ । ଏଭଳି କ୍ଷେତ୍ରରେ ତନଖି ଫାଟରେ ଥିବା ରସିଦ୍ ପ୍ରକୃତ ବା ନକଲି ତାହା ମଧ୍ୟ ସନ୍ଦେହ ଘେରରେ । ଏଭଳି ଦୀର୍ଘ ବର୍ଷ ଧରି ଚାଲିଥିବା ବେଳେ ତନଖି ଫାଟକରୁ ଆଦାୟ ହେଉଥିବା ରାଜସ୍ୱ ଅର୍ଥ ବିଏମ୍‌ସିରେ ପୈଠ ହେଉକି କି ନାହିଁ ତାହା ମଧ୍ୟ ସନ୍ଦେହ ଭିତରେ । ଉଭୟ ବୁଲା ବିକାଳି ଓ ତନଖି ଫାଟକରେ ଦୀର୍ଘ ଦିନ ଧରି ଚାଲିଥିବା ଅର୍ଥ ହରିଲୁଟ୍ ଘଟଣାରୁ ନେଇ ବିଏମ୍‌ସି କର୍ପୋରେସନ୍ ବୈଠକରେ କେତେକ କର୍ପୋରେଟର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି । ତେବେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଏହାକୁ ନେଇ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳିଛି । ଘଟଣା ସମ୍ପର୍କରେ ଅନୁସନ୍ଧାନ ବେଳେ ଏହା ମଧ୍ୟ ପଦାକୁ ଆସି ଯେ ବିଗତ କିଛି ବର୍ଷ ଧରି ଏହି ରାଜସ୍ୱ ଆଦାୟ ସମ୍ପର୍କିତ ଅଡ଼ିଟ୍ ମଧ୍ୟ ହେଉନାହିଁ । ଯାହାଫଳରେ ଅବସରଗ୍ରହଣ କରିଥିବା କର୍ମଚାରୀ ଓ ମୃତକଙ୍କ ନାମକୁ ମଧ୍ୟ ଚାଲିବାକୁ ବାଦ ଦିଆଯାଇ ପାରିନାହିଁ । ସେପଟେ ଏଭଳି ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ । ତନଖି ଫାଟକ ଓ ବୁଲା ବିକାଳି କ୍ଷେତ୍ରରେ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଏଠାରେ ଥିବା ସମସ୍ୟାକୁ ନେଇ ସେ ଅବଗତ ଥିବା କହିଛନ୍ତି ମେୟର ଶ୍ରୀମତି ଦଳେଇ । ତେବେ କିଛି ଅସାଧୁ କର୍ମଚାରୀଙ୍କ ପାଇଁ ବିଏମ୍‌ସି କାହିଁକି କ୍ଷତି ସହିବ ଏହାର ସ୍ଥାୟୀ ପ୍ରତିକାର ପାଇଁ ଖୁବ୍‌ଶୀଘ୍ର ଉଭୟ ଷ୍ଟ୍ରିଟ୍ ଭେଣ୍ଡରଙ୍କ ଠାରୁ ଫି' ଆଦାୟ ଓ ତନଖି ଫାଟକ ଜରିଆରେ ୟୁଜର୍ସ ଫି ଆଦାୟ ବ୍ୟବସ୍ଥାକୁ ଘରୋଇକରଣ କରାଯିବାକୁ ପ୍ରସ୍ତାବ ରହିଥିବା ସେ ସୂଚନା ଦେଇଛନ୍ତି । ଏନେଇ ଆଗାମୀ ଦିନରେ ଉଭୟ ଷ୍ଟାଣ୍ଡିଂ କମିଟି ଓ କର୍ପୋରେସନ୍ ବୈଠକରେ ବିସ୍ତୃତ ଆଲୋଚନା ପରେ ବିଧିବଦ୍ଧ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି ।



## ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସୋଆ ଛାତ୍ର କୃତକାର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରଶାସନିକ ସେବା ୨୦୨୨ର ପରୀକ୍ଷାଫଳ ନିକଟରେ ପ୍ରକାଶିତ ହୋଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ୨୦୨୦ ପାସ୍ ଆଉଟ୍ ଛାତ୍ର ସୌମେଶ ଆଚାର୍ଯ୍ୟ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି । ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ଆଚାର୍ଯ୍ୟ ୮୩ ତମ ର୍ୟାଙ୍କ ହାସଲ କରିଛନ୍ତି । ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକର ନଟବରପୁର ଶାସନ ଗ୍ରାମର ବାସିନ୍ଦା ଶ୍ରୀ ଆଚାର୍ଯ୍ୟ ୨୦୨୦ରେ ସୋଆ ଆଇଏଏସ୍‌ରୁ ବିଏସ୍‌ସି (ଅନର୍ସ) ଏଗ୍ରିକଲ୍‌ଚର୍‌ରେ ଶିକ୍ଷା ସମାପ୍ତ କରିଥିବା ବେଳେ ୨୦୨୨ରେ ପଶ୍ଚିମବଙ୍ଗର ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟରୁ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍‌ରେ ଏମ୍‌ଏସ୍‌ସି ପାଠ୍ୟକ୍ରମ ସମାପ୍ତ କରିଥିଲେ । ୨୦୨୨ରେ ୟୁଜିସି ନେଟ୍ ଏବଂ ୨୦୨୩ରେ ଆଇସିଏଆର୍ ନେଟ୍‌ରେ ମଧ୍ୟ ସେ ସଫଳତା ହାସଲ କରିଥିଲେ । ବର୍ତ୍ତମାନ ସେ ପଶ୍ଚିମବଙ୍ଗର ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍‌ରେ ପି.ଏଚ୍.ଡି କରୁଛନ୍ତି । ଏକ୍ସଟେନ୍ସନ୍ କ୍ଷେତ୍ରରେ ଗବେଷଣା ନିମନ୍ତେ ସେ ଗଙ୍ଗା ସିଂହ ଚୌହାନ୍ ମେମୋରିଆଲ୍ ସମ୍ମାନରେ ସେ ସମ୍ମାନିତ ହୋଇଥିବା ବେଳେ 'ଫାର୍ମର୍ ପ୍ରଡ୍ୟୁସର୍ ଅର୍ଗାନାଇଜେସନ୍ - ଦ ନିଓ ଇନ୍‌ଷ୍ଟିଚ୍ୟୁସନାଲ୍ ରିଭୋଲ୍ୟୁସନ୍ ଇନ୍ ଇଣ୍ଡିଆନ୍ ଫାର୍ମି' ଶୀର୍ଷକ ଏକ ପୁସ୍ତକର ସେ ସହ-ଲେଖକ ମଧ୍ୟ ଅଟନ୍ତି । ସୋମବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ତାଙ୍କ ସଫଳତା ପାଇଁ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଆଇଏଏସ୍‌ର ସିନିୟର ପ୍ରଫେସର ସରୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ଚ / ୯ | ୭ | ରା୬ / ୫ଶୁ |
| ୧୦ମ | ୬ / ୩ | ୪ |
| ୧୧ / ୧୨କେ | ରବୁଲ | ୩ / ୨ଶ୍ରୀ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୧୦।୨୦୨୪, କାର୍ତ୍ତିକ ଦି୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୪୦।୯ ଚନ୍ଦ୍ରୋଦୟ- ରାଘ ୧୦।୪୦।୧୩**

**ସପ୍ତମୀ-** ରାଘ ୧।୧୯ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ଅହୋରାତ୍ର, **ମିଥୁନ ଚନ୍ଦ୍ର-** ରାଘ୧୨।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୦୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । ରାଘ ୧୨।୦୩ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧।୧୯ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୮ ଗତେ ଘ୮।୦୫ ମଧ୍ୟେ । ଦିଘ ୧।୨୫ ଗତେ ଘ ୩।୪୨ ମଧ୍ୟେ ।



**ମେଷ:** ଶାରୀରିକ ପୀଡ଼ା ଉପୁଜିପାରେ । ଶତ୍ରୁ ଆପଣଙ୍କୁ ପରାସ୍ତ କରିବେ । ଯାନବାହାନ କ୍ରୟ କରିବେ । ଅର୍ଥ ଲାଭ ହେବ । ବ୍ୟବସାୟରେ ଲାଭ କମ୍ ହେବ । ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।



**ବୃଷ:** ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ସତ କଥା କହି ବିବାଦରେ ପଡ଼ିବେ । ରୋଜଗାରରେ ଉନ୍ନତି ହେବ । ଗୃହରେ ଆନନ୍ଦ ଲାଭ ।



**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ମାନସିକ ସ୍ଥିତି ଭଲ ରହିବନାହିଁ । ସୁଖ ଓ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ । ଯାନବାହାନ ଠାରୁ ସତର୍କ ରହିବେ । ଧର୍ମ କାର୍ଯ୍ୟ କରିବା ପାଇଁ ମନ କରିବେ । ପରାକ୍ରମଶାଳୀ ହେବେ । ବିଳାସ ସାମଗ୍ରୀ ପାଇବାର ସୂଚନା ମଧ୍ୟ ।



**ସିଂହ:** ଧୈର୍ଯ୍ୟର ସହ କାମ କରିବେ । ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ରୋଜଗାରର ପରିମାଣ ବଢ଼ିବ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ । ବ୍ୟବସାୟରେ ସୁଯୋଗ ହାତଛଡ଼ା ହେବ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ନୁହେଁ । ଅଯଥାରେ ପରିଶ୍ରମର ମାତ୍ରା ବଢ଼ିବ । ଅପରିଚିତ ବ୍ୟକ୍ତିଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ତୁଳା:** ସତ୍ ମାର୍ଗରେ ପରିଚାଳିତ ହେବେ । ପୁଣ୍ୟ କାର୍ଯ୍ୟ କରିବେ । ଜନପ୍ରିୟତା ହାସଲ ହେବ । ବ୍ୟବସାୟରେ ମାନମନାନ୍ତର ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ ।



**ବିଛା:** କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ । ଖର୍ଚ୍ଚର ପରିମାଣ ଢେର୍ ବଢ଼ିବ । ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ଆପଣଙ୍କର ଅନିଷ୍ଟ କଥା ଚିନ୍ତା କରୁଥିବା ଲୋକ ହାର୍ ମାନିବେ । ଶତ୍ରୁ ହାନୀ କରି କର୍ମ ପଥରେ ଆଗେଇ ଚାଲିବେ । ପାରିବାରିକ ଶାନ୍ତି ଲାଭ ହେବ । ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ଦେହ ଭଲ ରହିବ ।



**ମକର:** ସତ୍ ପଥରେ ଚାଲିବେ । ଦୟାଳୁ ହେବେ । ଲୋକପ୍ରିୟତା ବଢ଼ିବ । କର୍ମକ୍ଷେତ୍ରରେ ଆଶାବାଦୀ ହେବେ । ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟୟର ପରିମାଣ ବଢ଼ିବାର ସୂଚନା ।



**କୁମ୍ଭ:** ଆନନ୍ଦ ଉଲ୍ଲାସରେ ଦିନଟି କଟିବ । ବ୍ୟବସାୟରେ ଉନ୍ନତି ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଉଚ୍ଚ ସ୍ତରରେ ସମ୍ପର୍କ ବଢ଼ିବାର ସୂଚନା । ମନ ଭଲ ରହିବ । ବନ୍ଧୁ ଦର୍ଶନ ।



**ମୀନ:** ଦୂରକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ରୋଜଗାରରେ ଅଗ୍ରଗତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୧୦।୨୦୨୪, କାର୍ତ୍ତିକ ଦି୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୪।୩୨ ଚନ୍ଦ୍ରୋଦୟ- ରାଘ ୧୧।୩୮।୧୦**

**ଅଷ୍ଟମୀ-** ରାଘ ୧।୫୯ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ପ୍ରାଘ ୬।୧୬ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧।୫୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ରାଘ ୫।୪୮ ପରେ ଘ୭।୨୦ ମଧ୍ୟେ । ସନ୍ଧ୍ୟା ଘ୬।୦୪ ପରେ ରାଘ ୯।୨୪ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୬ ବର୍ଷରେ ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଚ୍ଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଚ୍ଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

# ସନ୍ନ୍ୟାସୀ

ସନ୍ନ୍ୟାସୀ ବା ତପସ୍ୱୀ ଯେଉଁମାନଙ୍କୁ କୁହାଯାଏ ତାହା ବିଭିନ୍ନ ଶବ୍ଦକୋଷର ବର୍ଣ୍ଣନାରେ ରହିଛି। ସେହିସବୁକୁ ଆଲୋଚନା କଲେ ସନ୍ନ୍ୟାସୀ ନାମରେ ଉଦ୍ଦିଷ୍ଟ ବ୍ୟକ୍ତିଟି ସଂପର୍କରେ ସବିଶେଷ ତଥ୍ୟ ମନକୁ ଆସିଯାଇଥାଏ। ସନ୍ନ୍ୟାସ(ସମ୍-ନି-ଅସ୍-ଅ) ଶବ୍ଦର ଅର୍ଥ କାମ୍ୟକର୍ମ ପରିତ୍ୟାଗ। ଇଂରାଜୀରେ ତାହା ହେଲା who leaves away any thing from the worldly pleasure। ଯିଏ କି ତ୍ୟାଗଶୀଳ ବା ତ୍ୟାଗୀ, ଚତୁର୍ଥାଶ୍ରମୀ ଓ ଭିକ୍ଷୁ ହୋଇଥାନ୍ତି। ସନ୍ନ୍ୟାସୀଙ୍କର ବ୍ୟାବହାରିକ ଲକ୍ଷଣ ହେଲା ସର୍ବ ଗୃହାଦିକଂ ତ୍ୟକ୍ତ୍ୱା ମୁଣ୍ଡିତ ମୁଣ୍ଡୋ ଗୈରିକ କୌପୀନାଚ୍ଛାଦନଂ ଦଣ୍ଡ କମଣ୍ଡଳୁଞ୍ଚ ବିଭ୍ରତ ଭିକ୍ଷାବୃତ୍ତି ନିର୍ଜନେ ତୀର୍ଥେ ବା ସ୍ଥିତ୍ୱ କେବଳମୀଶ୍ୱରାରାଧନଂ କରୋତି ଯଃ ସ ସନ୍ୟାସୀ। ଭଗବତ ଗୀତାର ପଞ୍ଚମ ଅଧ୍ୟାୟ କର୍ମ ସନ୍ନ୍ୟାସ ଯୋଗର ତୃତୀୟ ଶ୍ଳୋକରେ ଅଛି-

**ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ପ୍ରମୁଚ୍ୟତେ।। (୩)**

**ଅନ୍ୱୟ:** ମହାବାହୋ- ହେ ଅର୍ଜୁନ, ଯଃ- ଯେଉଁ ପୁରୁଷ, ନ ଦ୍ୱେଷ୍ଟି-ଦ୍ୱେଷକରେ ନାହିଁ। ନ କାଙ୍କ୍ଷତି- (କିଛି) ଆକାଙ୍କ୍ଷା କରେ ନାହିଁ, ସଃ- ସେହି (କର୍ମଯୋଗୀ), ନିତ୍ୟସନ୍ନ୍ୟାସୀ-ସଦା ସନ୍ନ୍ୟାସୀ, ଜ୍ଞେୟଃ- ବୋଲାଯିବାର ଯୋଗ୍ୟ, ହି - କାରଣ, ନିର୍ଦ୍ୱନ୍ଦ୍ୱଃ- ରାଗଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ (ପୁରୁଷ), ସୁଖମ୍ - ସୁଖ ପୂର୍ବକ, ବନ୍ଧାତ୍- ସଂସାର ବନ୍ଧନରୁ, ପ୍ରମୁଚ୍ୟତେ-ମୁକ୍ତ ହୋଇଯାଏ।

**ଅର୍ଥ:** ହେ ଅର୍ଜୁନ ! ଯେଉଁ ପୁରୁଷ କାହା ସହିତ ଦ୍ୱେଷ କରନ୍ତି ନାହିଁ କି କିଛି ଆକାଂକ୍ଷା କରନ୍ତି ନାହିଁ, ସେହି କର୍ମଯୋଗୀ ସଦା ସନ୍ନ୍ୟାସୀ ବୋଲାଯିବାର ଯୋଗ୍ୟ ଅଟନ୍ତି। କାରଣ ରାଗଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ ପୁରୁଷ ସୁଖପୂର୍ବକ ସଂସାରବନ୍ଧନରୁ ମୁକ୍ତ ହୋଇଯାଆନ୍ତି। ସେହିପରି ଦ୍ୱିତୀୟ ଶ୍ଳୋକରେ ଅଛି-

**ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ।**
**ତୟୋସ୍ତୁ କର୍ମସନ୍ନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ।।**
**(୨)**

**ଅନ୍ୱୟ:** ସନ୍ନ୍ୟାସଃ- କର୍ମସନ୍ନ୍ୟାସ, ଚ- ଓ, କର୍ମଯୋଗଃ- କର୍ମଯୋଗ, ଉଭୌ- ଉଭୟ, ନିଃଶ୍ରେୟସକରୌ- ପରମ କଲ୍ୟାଣ କାରକଃ (ଅଟନ୍ତି) ତୁ- କିନ୍ତୁ, ତୟୋଃ- ସେହି ଦୁଇଟି ମଧ୍ୟରୁ, କର୍ମ ସଂନ୍ୟାସାତ୍- କର୍ମ ସନ୍ନ୍ୟାସ ଅପେକ୍ଷା, କର୍ମଯୋଗଃ- (ସାଧନାରେ ସୁଗମ ହୋଇଥିବାରୁ) କର୍ମ ଯୋଗ, ବିଶିଷ୍ୟତେ- ଶ୍ରେଷ୍ଠ ଅଟେ।

**ଅର୍ଥାତ୍:** କର୍ମ ସନ୍ନ୍ୟାସ ଓ କର୍ମ ଯୋଗ ଉଭୟେ ପରମ କଲ୍ୟାଣକାରକ ଅଟନ୍ତି। କିନ୍ତୁ ଏହି ଦୁଇଟି ମଧ୍ୟରୁ କର୍ମସନ୍ନ୍ୟାସ ଅପେକ୍ଷା ସାଧନାରେ ସୁଗମ ହୋଇଥିବାରୁ କର୍ମଯୋଗ ଶ୍ରେଷ୍ଠ ଅଟେ। ସନ୍ନ୍ୟାସ ପଦର ଅର୍ଥକୁ ବ୍ୟାଖ୍ୟାକରି କୁହାଯାଇଛି ଯେ ସମ୍ ଉପସର୍ଗର ଅର୍ଥ ହେଉଛି ସମ୍ୟକ ପ୍ରକାରେ ଓ ନ୍ୟାସର ଅର୍ଥ ତ୍ୟାଗ। ଏହିପରି ପୂର୍ଣ୍ଣ ତ୍ୟାଗର ଅର୍ଥ ହେଉଛି ସନ୍ୟାସ।

ମନ, ବଚନ ଓ ଶରୀରଦ୍ୱାରା ହେଉଥିବା ସମସ୍ତ କ୍ରିୟାରେ କର୍ତ୍ତାପଣ ତଥା ଶରୀର ଓ ସମଗ୍ର ସଂସାର ପ୍ରତି ହେଉଥିବା ଅହଂତ୍ୱ, ମମତ୍ୱ ସଂପୂର୍ଣ୍ଣ ରୂପେ ତ୍ୟାଗ କରିଥିବା ବ୍ୟକ୍ତି ହିଁ ସନ୍ନ୍ୟାସୀ। ସକଳ କର୍ମର ଭଗବଦ୍ ଅର୍ପଣକୁ ସନ୍ୟାସ ବୋଲି ମଧ୍ୟ କୁହାଯାଇଛି।

ଭଗବଦ୍ ଗୀତାର ଏପରି ସଂକ୍ଷେପ ଆଲୋଚନା ସହ ସନ୍ନ୍ୟାସୀ, ତପସ୍ୱୀ, ବାବାଜୀ ଶବ୍ଦର ଅର୍ଥମାନଙ୍କରୁ ଏହା ସବୁ ଜାଣିବାକୁ ମିଳୁଛି। ବର୍ତ୍ତମାନର ସମାଜରେ ନିଜର ପ୍ରାଧାନ୍ୟ ବିସ୍ତାର କରିଥିବା କେତେକ ବ୍ୟକ୍ତି ବା ଯେଉଁମାନେ ସେମାନଙ୍କୁ ଏପରି ଉପାଧିରେ ଭୂଷିତ ବା ସମ୍ମାନିତ କରିଛନ୍ତି, କରୁଛନ୍ତି ବା କରାଉଛନ୍ତି ତାହା କେତେଦୂର ଠିକ୍ ତାହା ସେହିମାନେ ହିଁ ବିଚାର କରନ୍ତୁ। ଅନ୍ଧମାନଙ୍କର ହାତୀ ଦେଖା ଭଳି କୌଣସି ବ୍ୟକ୍ତି ବିଶେଷଙ୍କର ଚରିତ୍ର ଓ କର୍ମର ଆକଳନ କରାନଯାଇ ତାଙ୍କୁ ତପସ୍ୱୀ ବା ସନ୍ନ୍ୟାସୀ ପଦରେ ଅଧିଷ୍ଠିତ କରାଇବା ବା ତାଙ୍କର ପ୍ରଚାର କରିବା ସହ ଶତ ପ୍ରଣାମ ଜଣାଇବା ଯେ କେତେ ହାସ୍ୟାସ୍ପଦ ତାହା ସହଜେ ଅନୁମେୟ। ନଡ଼ା ଗଦା ଉପରେ ସେହିମାନଙ୍କୁ ବସାଇ ଅନ୍ୟର ସ୍ଥିତିକୁ ମଧ୍ୟ ସେହିଭଳି ଭାବି ନେବା ଆଦୌ ଠିକ୍ ହେଉନାହିଁ। ନିଜ ଗରିମାର ବଳୟ ଭିତରେ ନିଜେ ରହିବାକୁ ଉଦ୍ୟମ ନକରି ଅନ୍ୟର ବୃତ୍ତି ବା ଇତିକଥାର କଟୁକ୍ତି କରିବା ଜଣେ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତି ପକ୍ଷେ ଆଦୌ ଉଚିତ ନୁହେଁ। ତାହା କେବଳ ଜଗତରେ ଜନେ ହସିବା ଭଳି ହେବ ସିନା କହିଥିବା ବା କହୁଥିବା ବ୍ୟକ୍ତିଟି ଆଦୌ ମର୍ଯ୍ୟାଦା ପାଇ ପାରିବ ନାହିଁ।

ନିଜ ପିତାମାତା ବା ପରିବାରଙ୍କଦ୍ୱାରା ବ୍ୟକ୍ତି ବିଶେଷର ଯେଉଁସବୁ ନାମକରଣ କରାଯାଇଥାଏ ତାହା ସବୁ ସେହି ଲୋକ ପାଇଁ କଣ ପ୍ରଯୁଜ୍ୟ ଥାଏ ? ସନ୍ନ୍ୟାସୀ ବା ତପସ୍ୱୀର କୌଣସି ଗୁଣ ନଥାଇ ଯଦି ଜଣକର ନାମ ସେହିପରି ଦିଆଯାଇଥାଏ ତେବେ ସେ କ'ଣ ପ୍ରକୃତରେ ସେପରି ଅଟନ୍ତି ? ସେହିଭଳି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନାମ ଦିଆଗଲେ ସେମାନେ ସେହି ଦେବ ପୁରୁଷମାନ ହୋଇଯିବେ ନାହିଁ। ସେହି ନାମ ସହ ଲୋକ ଚରିତ୍ରକୁ ବିଶ୍ଳେଷଣ କରାଗଲେ ତାହା କେବଳ ଲୋକ ହସିବା କଥା ହେବ। ସମାଜ ମଧ୍ୟରେ ବା ବାହାରେ ବହୁ ସନ୍ନ୍ୟାସୀ ଓ ତପସ୍ୱୀମାନେ ରହିଛନ୍ତି। ଯେଉଁମାନଙ୍କୁ ସହଜରେ ଚିହ୍ନି ହୁଏନାହିଁ। ମାତ୍ର ଉପରେ ପଡ଼ି ବହୁ ଲୋକ ନିଜକୁ ସର୍ବଜ୍ଞାତା ସନ୍ନ୍ୟାସୀ ବା ତପସ୍ୱୀ ଭାବେ ବିଦିତ କରିବା ସହ ସମାଜରୁ ସେହିଭଳି ସମ୍ମାନ ପାଇଁ ମଧ୍ୟ ଦାବି କରିଥାନ୍ତି। ମାତ୍ର ଏମାନେ ସବୁ କେଉଁ ପ୍ରକାରର ସନ୍ନ୍ୟାସୀ ନା ତପସ୍ୱୀ ?

ଏବେବି ତୁଷାର ମଣ୍ଡିତ ହିମାଳୟ କ୍ରୋଡ଼ରେ ବହୁ ସାଧୁ, ସନ୍ନ୍ୟାସୀ ବା ତପସ୍ୱୀ ରହିଛନ୍ତି ଯେଉଁମାନେ କି ଜନପଦକୁ ଆସିବାକୁ ଆଦୌ ଚାହାନ୍ତି ନାହିଁ। ଜନ ସମାବେଶଠାରୁ ବହୁ ଦୂରରେ ରହିବାକୁ ସେମାନେ ଭଲ ପାଇଥାନ୍ତି। ନିଜର ବ୍ରହ୍ମଲୀନ ସହ ଜଗତର କଲ୍ୟାଣ ନିମନ୍ତେ ଜୀବନକୁ ସେମାନେ ଉତ୍ସର୍ଗ କରିଦେଇଥାନ୍ତି। ସେହିଭଳି କୌଣସି ତପସ୍ୱୀଙ୍କର ଠାବ ଯଦି କେହି ଭାଗ୍ୟବାନ ପାଇ ପାରିଥାନ୍ତି ତେବେ ସେ ନିଶ୍ଚିତ ଆକଳନ କରିନେବେ ଏହି ଉକ୍ତିର ସତ୍ୟତା କେତେ ? ସେହିମାନେ ହିଁ ସମାଜର କଲ୍ୟାଣକାରୀ ଓ ନୀରବ ସାଧକ। ପଳାଶ ଫୁଲ ଦେଖିବାକୁ ସୁନ୍ଦର ସିନା ମାତ୍ର ଗନ୍ଧହୀନ। ଆଉ ତାହାର ଯେପରି ଆଦର ନଥାଏ ସେପରି କୌଣସି ଲୋକର ବାହ୍ୟ ଚାକଚକ୍ୟ ଆକର୍ଷଣୀୟ ଦେଖା ଯାଉଥିଲେ ମଧ୍ୟ ସେମାନେ ମହାକାଳ ଫଳ ସଦୃଶ ସମାଜରେ ରହି ବିଷ ବଳୟ ହିଁ ସୃଷ୍ଟି କରିଥାନ୍ତି।



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

# ଭାରତୀୟ ରେଳ ସେବା କେତେ ଲୋକାଭିମୁଖୀ ?

ପୃଥିବୀରେ ରେଳବାଇ କ୍ଷେତ୍ରରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ପ୍ରାୟ ୧,୨୬,୫୨୧ କିଲୋମିଟର ରେଳ ଲାଇନ ଦ୍ୱାରା ଏହା ଭାରତର କୋଣ ଅନୁକୋଣକୁ ସଂଯୋଗ କରୁଛି । ସତ କହିବାକୁ ଗଲେ ଭାରତୀୟ ରେଳ ଭାରତୀୟଙ୍କ ଜୀବନ ରେଖା, ରେଳ ବିନା ଅନ୍ୟ ଗତି ନାହିଁ ତେଣୁ ଧନୀ ଠାରୁ ଦରିଦ୍ର , ପିଲା ଠାରୁ ବୁଢା ସମସ୍ତେ ରେଳ ପରିବହନ ଉପରେ ଶତକଡା ୭୫ ଭାଗ ନିର୍ଭର କରନ୍ତି । ଖାଲି ସେତିକି ନୁହେଁ ମାଲ ପରିବହନର ସବୁଠାରୁ ବଡ଼ ଭୂମିକା ରେଳ ବିଭାଗ ଦ୍ୱାରା ସମ୍ପନ୍ନ ହୋଇଥାଏ। ଦୈନିକ ୧୨ ହଜାରରୁ ଅଧିକ ରେଳଗାଡ଼ି ଯାତ୍ରୀ ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଥାଏ, ଏହା ହୁଏତ ପୃଥିବୀର ସବୁଠାରୁ ବଡ଼ ପରିବହନ ବ୍ୟବସ୍ଥା , ଏତେ ବଡ଼ ସଂସ୍ଥାକୁ ଚଳାଇବା ପାଇଁ ପାଖାପାଖି ୧୫ ଲକ୍ଷ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଥା'ନ୍ତି ।

ରେଳ ମନ୍ତ୍ରଣାଳୟ ଭାରତର ସର୍ବବୃହତ ସଂସ୍ଥାକୁ ପରିଚାଳନା କରନ୍ତି । ଆଧୁନିକ ଯୁଗକୁ ଲକ୍ଷ୍ୟ ରଖି ବିଦେଶୀ ଜ୍ଞାନ କୌଶଳକୁ ଗ୍ରହଣ କରି ତୁଳନାତ୍ମକ ଭାବେ ଆଧୁନିକ ଆରାମଦାୟକ ରେଳ ଡବା, ଉଚ୍ଚ ଶକ୍ତି ସମ୍ପନ୍ନ ରେଳ ଇଂଜିନ, ମସୃଣ ରେଳ ଧାରଣା, ବିଦ୍ୟୁତକରଣ , ଆଧୁନିକ ସିଗ୍ନାଲ , ଅନ୍ତର୍ଜାତୀୟ ମାନର ରେଳ ଷ୍ଟେସନ , ଯାତ୍ରୀ ନିବାସ, ପରିଷ୍କାର ପରିଚ୍ଛନ୍ନ, ସମୟାନୁବର୍ତ୍ତିତା ଉପରେ ଅଧିକରୁ ଅଧିକ ଧ୍ୟାନ ଦେଇ ଆସୁଛି ବୋଲି ବହୁଳ ପ୍ରଚାରିତ ହେଉଛି, ଯଦିଓ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ସବୁଠାରୁ ବଡ଼କଥା ହେଲା ରେଳ ନିରାପତ୍ତା, ଏହାକୁ ଗୁରୁତ୍ୱର ସହ ବିଚାରକୁ ନିଆ ହୋଇଛି, ନିରାପତ୍ତା ବିହୀନ ଯାତ୍ରାର ମାନେ ମୃତ୍ୟୁ ସହିତ ଖେଳ, ତୃଣମୂଳ ସ୍ତରରୁ ଏହି ନିରାପତ୍ତା ସବୁ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ, କିନ୍ତୁ ଆଜିକାଲି କିଛି ଖାମଖିଆଲି ତଥା ନିଶାଗ୍ରସ୍ତ କର୍ମଚାରୀଙ୍କ ଦ୍ୱାରା ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଜୀବନ ଯିବାର ନଜିର ରହିଛି । ଅନେକ ନୂତନ ବୈଷୟିକ ଜ୍ଞାନ କୌଶଳ ସହିତ ବେଗଗାମୀ, ଆରାମ ଦାୟକ ଯାତ୍ରୀବାହୀ ରେଳ ବିଭିନ୍ନ ସହରକୁ ସଂଯୋଗ କରୁଛି , କିନ୍ତୁ ରେଳ ଭିତ୍ତିଭୂମିର କେତେ ବିକାଶ ହୋଇଛି ତାହା କିଏ କହିବ ? ସେଥି ପ୍ରତି କାହାରି ଦୃଷ୍ଟି ନାହିଁ କହିଲେ ଚଳେ, ସେହି ପୁରୁଣା ରେଳ ଧାରଣା , ଅନେକ ପୁରୁଣା ପୋଲ , ବିପଦ ସଂକୁଳ ମାର୍ଗ ଦେଇ ଯାଉଥିବା ଦୂରଗାମୀ ଗାଡି ଗୁଡିକରେ ଯାଉଥିବା ଯାତ୍ରୀ ମାନେ କେତେ ନିରାପଦ, ଏହି ବିଷୟରେ ରେଳ ମନ୍ତ୍ରଣାଳୟ ଅବଗତ ଅଛନ୍ତି ତ' ? ଖାଲି ବଡ ବଡ କଥା କହି ବାହସ୍ଫୋଟ ମାରିବା ବିଭାଗୀୟ ମନ୍ତ୍ରୀଙ୍କ ପୁରୁଣା ଅଭ୍ୟାସ ହୋଇ ଗଲାଣି ବୋଲି ହୃଦବୋଧ ହୁଏ ।

ବର୍ତ୍ତମାନ ଆମେ ରେଳବାଇର ଆଉ ଏକ ଦିଗ ବିଷୟରେ କିଛି ଆଲୋକପାତ କରିବା । ଭାରତ ବର୍ଷରେ ଦୈନିକ ୧୨/୧୩ ହଜାରରୁ ଅଧିକ ଯାତ୍ରୀବାହୀ ଗାଡି ଚଳାଚଳରୁ ଗରିବ ଯାତ୍ରୀ କେତେ ଲାଭ ପାଉଛନ୍ତି ? ଯାତ୍ରୀବାହୀ ରେଳ ଗାଡିରେ ୧୨ ରୁ ନେଇ ୨୨ ଟି ଓ କେତେକ ସ୍ଥାନରେ ୨୪ ଟି ଯାତ୍ରୀ ବାହୀ ଡବା ଦିଆ ଯାଇଥାଏ, ଟିକେ ଯଦି ତର୍ଜମା କରିବା ଦୂରଗାମୀ ଏକ୍ସପ୍ରେସ, ମେଲ୍, ସୁପର୍ ଫାଷ୍ଟ, ଇତ୍ୟାଦି ଗାଡ଼ିରେ ସାଧାରଣ ଯାତ୍ରୀଙ୍କ ପାଇଁ କେତୋଟି ଡବା ଥାଏ ? ସବୁ ଆରକ୍ଷିତ କୋଚ୍ ଆଉ ଇଂଜିନ ପାଖରେ ଗୋଟିଏ କି ଦୁଇଟି ତଥା ଶେଷରେ ଗୋଟିଏ/ ଦୁଇଟି ସାଧାରଣ ଡବା ଥାଏ । ଆରକ୍ଷିତ ସ୍ଥାନ ପାଇଁ ଆରକ୍ଷିତ ମାହାସୁଲ ନେଇ ଟିକେଟ ଦିଆ ହେଉଥିବା ବେଳେ ଅଣ ଆରକ୍ଷିତ ଶ୍ରେଣୀ ଡବାର ବସିବା ଏବଂ ଛିଡା ହେବାର କ୍ଷମତା ଠାରୁ ଢେର ଅଧିକ ଟିକେଟ ରେଳବାଇ ବିକ୍ରୀ କରିଥାଏ, ସତ କହିବାକୁ ଗଲେ ଯଦି ରେଳ ଡବା ରେ ୧୦୪ ଜଣ ବସିବା କ୍ଷମତା ଥାଏ ତେବେ ସେହି ଡବା ରେ ୩୦୦ ରୁ ଅଧିକ ଯାତ୍ରୀ ପୋକ ମାଛି ପରି ଯାତ୍ରା କରିବାର ଦେଖାଯାଏ, ଏଥିପ୍ରତି ରେଳବାଇର କୌଣସି ନିୟମ ବା ଅନୁଶୋଚନା ନାହିଁ । ଏହି ପ୍ରକାର ବିପଦପୂର୍ଣ୍ଣ ଯାତ୍ରା କ'ଣ ଦୁର୍ଘଟଣାକୁ ଆମନ୍ତ୍ରଣ କରୁ ନାହିଁକି ? ଯାତ୍ରୀବାହୀ କୋଚ୍‌ର ଯାତ୍ରୀଙ୍କ ଓଜନ ବହନ କରିବା କ୍ଷମତା ଠାରୁ ଯଦି ଦୁଇରୁ ଅଢେଇ ଗୁଣ ଅଧିକ ଓଜନ ଲଦି ଦିଆ ଯାଏ ତେବେ ଏହା ବୈଷୟିକ ନିରାପତ୍ତା ଦୃଷ୍ଟିରୁ କେତେ ଯୁକ୍ତି ଯୁକ୍ତ ? ତାହା କେବଳ ଇଞ୍ଜିନିୟର ମାନେ କହିବେ । ଏପରି ମାନବିକତା ବିହୀନ ଯାତ୍ରୀ ପରିବହନ କେତେଦୂର ଯଥାର୍ଥ ? ଏଥିପାଇଁ ରେଳ ବିଭାଗକୁ କାଠ ଗଡ଼ା/ଅଦାଲତ ରେ ହୁଏତ ଦିନେ ଜବାବ୍ ଦେବାକୁ ପଡ଼ିବ । ରେଳବାଇର ଯୁକ୍ତି :-' ଆମେ ସବୁଠାରୁ କମ ମୂଲ୍ୟର ଟିକେଟରେ ଦେଶର ଅଗଣିତ ଗରିବଙ୍କୁ ଅଣ ସଂରକ୍ଷିତ ଶ୍ରେଣୀରେ ଯାତ୍ରା କରାଇ ପାରୁଛୁ ଏହା ଆମପାଇଁ ଗର୍ବର ବିଷୟ ' । କଥାରେ ଅଛି 'ବେହିଆ ପିଚାରେ ବଥ ହେଲେ ତାକୁ ଆରାମ ଲାଗେ' । ଜଣେ ଯାତ୍ରୀ ହିସାବରେ ନିଃସଂକୋଚରେ ରେଳବାଇକୁ ପଚାରିବାକୁ ଚାହୁଁଛି, ଆପଣମାନେ ତ' ବହୁତ ବିଜ୍ଞ ଲୋକ ରେଳବାଇର ବହୁ ପଦସ୍ଥ ଜାଗାରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ତୃଣମୂଳକୁ ଯାଇ କେବେ ଦେଖିଛନ୍ତି କି ? ପିଲାଛୁଆ ନେଇ ସାଧାରଣ ଶ୍ରେଣୀର ଯାତ୍ରୀ କେତେ ଅସୁବିଧାରେ ଯାତ୍ରା କରୁଛନ୍ତି ? ସେମାନଙ୍କ ନିରାପତ୍ତା ନାହିଁ କହିଲେ ଚଳେ, ପଶୁ ତୁଲ୍ୟ ବ୍ୟବହାର ସେମାନେ ରେଳ କର୍ମଚାରୀଙ୍କ ଠାରୁ ପାଇ ଥା'ନ୍ତି , ତଥାପି ଦେହକୁ କାଠ କରି ନିର୍ଲଜ୍ଜ ପରି ସବୁ ସହି ନିଅନ୍ତି କାରଣ ସେମାନେ ସାଧାରଣ ଶ୍ରେଣୀର ଯାତ୍ରୀ ଆଉ ସେମାନଙ୍କ ଅଧିକାର କେବଳ ପଶୁ ପରି ଯାତ୍ରା କରିବା ତା'ଠାରୁ ଅଧିକ ଆଶା କେବଳ ରେଳବାଇ ପୋଲିସର ଲାଠି ଦେଇ ପାରେ । ରେଳ ଗାଡ଼ିରେ କେତେ ଯାତ୍ରୀ ବସିବାର କ୍ଷମତା ଅଛି ଆଉ କେତେ ଟିକଟ ବିକ୍ରି ହୋଇଛି ତା' ଦେଖିବା କଥା । ଏହାତ ଗଲା ସାଧାରଣ ଶ୍ରେଣୀର ଯାତ୍ରୀଙ୍କ ସମସ୍ୟା ଏବେ ଟିକେ ୩ୟ ଶୟନ ଯାନ, ୩ୟ / ୨ୟ ବାତାନୁକୁଳିତ ଶୟନ ଯାନ ବିଷୟରେ ରେଳବାଇକୁ ଅବଗତ କରୁଛି । ରେଳ ଗାଡ଼ି ଯାତ୍ରା ଆରମ୍ଭ ସମୟରେ ପରିଷ୍କାର ଥାଏ, କିନ୍ତୁ ୩/୪ ଘଣ୍ଟା ପରେ ଶୌଚାଳୟ ଗୁଡ଼ିକ ଅତ୍ୟଧିକ ଅପରିଷ୍କାର ହୋଇଯାଏ, ସଫେଇ କର୍ମଚାରୀ କେହି ମିଳନ୍ତି ନାହିଁ, ଶୌଚାଳୟରେ ପାଣି ନ ଥାଏ, ଅନଧିକାର ଭାବେ ଅନେକ ବୁଲା ବିକାଳିଙ୍କ ଦୌରାତ୍ମ୍ୟ, ତୃତୀୟ ଲିଙ୍ଗୀ ମାନଙ୍କ ଅସଭ୍ୟ ଆଚରଣ, ରେଳ କ୍ୟାଟରିଙ୍ଗ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଖାଦ୍ୟ ପେୟର ମୂଲ୍ୟ ଠାରୁ ଅଧିକ ଜୋର୍ ଜବରଦସ୍ତ ଆଦାୟ ତଥା ଅନେକ ସମୟରେ ସେମାନଙ୍କ ଦୁର୍ବ୍ୟବହାର ପାଇଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ରେଲ୍ ନିର୍ ପାଣି ୧୫ ଟଙ୍କା ବଦଳରେ ୨୦ ଟଙ୍କା ନିଆ ଯାଉଛି । ନିରାମିଷ ଭୋଜନ ୧୫୦ ଟଙ୍କା ନିଆ ଯାଉଛି । ଏ: ସି କୋଚ୍ ଗୁଡିକ୍ ଖୁବ୍ ଅପରିଷ୍କାର ପୂତିମୟ ଗନ୍ଧରେ ବସି ହୁଏ ନାହିଁ , ବର୍ତ୍ତମାନ୍ ବାୟୋ ଟଏଲେଟ୍ ଗୁଡିକ ଆଧୁନିକତା ତଥା ରେଳ ବୈଷୟିକ ଜ୍ଞାନ କୌଶଳରେ ତିଆରି କିନ୍ତୁ ତାହାକୁ ପରିଷ୍କାର କରିବା ଆବଶ୍ୟକ ପଡେ । ବିବେକ ଏକ୍ସପ୍ରେସ ଭଳି ଗାଡ଼ିରେ ୪ ଦିନ ଧରି ଟଏଲେଟ୍ ଟାଙ୍କି ବୋଧ ହୁଏ ସଫା ହୁଏ ନାହିଁ, ଏହା ମୋର ନିଜସ୍ୱ ଅନୁଭୂତି । ଗତ ୧୧ ଅକ୍ଟୋବର ୨୦୨୪ କଟକରୁ ନ୍ୟୁ ଜଲ୍ପାଇ ଗୁଡ଼ି ତୃତୀୟ ଏ: ସି ଶ୍ରେଣୀରେ ଯାତ୍ରା ସମୟରେ ରେଳ ବିଭାଗର ଚରମ ଅବହେଳା ମୋ ପରି ଜଣେ ବରିଷ୍ଠ ନାଗରିକକୁ ଖୁବ୍ କଷ୍ଟ ଦେଇଥିଲା । ରେଳ ଯାତ୍ରା ସମୟରେ ଜଣେ ଉପଭୋକ୍ତା ତା'ର ଅଧିକାର କ'ଣ ଅଛି ନା ସେ ଜାଣେ ନା ସେ ପାଏ । ରେଳ ବିଭାଗ ସୁପ୍ତ, ଅକର୍ମଣ୍ୟ ତଥା ଅସମ୍ଭବ ଭାବେ ଲାଭଖୋର ମନୋବୃତି ନେଇ ଆଗେଇ ଚାଲିଛି । ଯାତ୍ରୀ ମାନେ ବର୍ତ୍ତମାନ୍ ଷ୍ଟେସନ୍‌ରେ ଶୌଚାଳୟ ବ୍ୟବହାର ପାଇଁ ୫ ରୁ ୧୦ ଟଙ୍କା ଦେଉଛନ୍ତି, ରେଳ ବିଭାଗ ଦ୍ୱାରା ପରିଚାଳିତ ବିଶ୍ରାମ ଗୃହ ଗୁଡିକ ନିମନ୍ତେ ମଧ୍ୟ ଦେୟ ଦେବାକୁ ପଡୁଛି । ଫେରନ୍ତି ଯାତ୍ରାର ଅନୁଭୂତି ଅତ୍ୟନ୍ତ ହୃଦୟ ବିଦାରକ ଥିଲା ତା ୧୮/୧୦/୨୦୨୪ ରିଖ ଶିଲଂରୁ ଛାଡୁଥିବା ଥିରୁଅନନ୍ତ ପୁର୍ ଗାମୀ ଏକ୍ସପ୍ରେସ ପ୍ରାୟ ୧୩ ଘଣ୍ଟା ବିଳମ୍ବ ଥିଲା, ନିୟୁ ଜଲ୍ପାଇଗୁଡ଼ି ଷ୍ଟେସନର ରିଟାୟରିଂ ରୁମ୍ ନମ୍ବର ୧୪ ନିମନ୍ତେ ୬୮୩ ଟଙ୍କା (୧୨ ଘଣ୍ଟା ନିମନ୍ତେ) ଦେଇ ଯାହା ଅନୁଭବ କଲି ତାହା ନ କହିବା ଉଚିତ୍, ରୁମଟି ପରିତ୍ୟକ୍ତ ଗୋଦାମ୍ ଘର ଠାରୁ ମଧ୍ୟ ଶୋଚନୀୟ ଅବସ୍ଥା, ଖୁବ୍ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଯାତ୍ରୀଙ୍କୁ ବାଧ୍ୟରେ ରହିବାକୁ ହୁଏ । ରେଳ ମନ୍ତ୍ରୀ ଟିକେ ବେଶ ବଦଳାଇ ଏହି ସବୁ ଆସି ଦେଖନ୍ତୁ ତାହା ହେଲେ ଜାଣିବେ ତାଙ୍କ ବିଭାଗର କାର୍ଯ୍ୟକଳାପ । ଥାଟ ବାଟ, ପଟୁଆର ନାଲିବତୀ ଲଗେଇ ଗଲେ ତୃଣମୂଳ ସ୍ତରର କଥା ବୁଝିବା ସମ୍ଭବ ନୁହେଁ ଆଜ୍ଞା । ରେଳ ଗାଡ଼ି ବିଳମ୍ବ ନିମନ୍ତେ ଯାତ୍ରୀ କାହିଁକି ଅର୍ଥିକ, ମାନସିକ, ଶାରୀରିକ କଷ୍ଟ ପାଇବ ? ଏଥିପାଇଁ କିଏ ଦାୟୀ ? ରେଳ ବିଭାଗ ନା ଯାତ୍ରୀ ? ନିଉ ଜଲପାଇଗୁଡ଼ି ଷ୍ଟେସନ୍ ରେ ଏ:ସି ବିଶ୍ରାମାଗାରରେ ଘଣ୍ଟା ପ୍ରତି ୧୦ ଟଙ୍କା ଯୁକ୍ତ ଶୌଚାଳୟ ପାଇଁ ପ୍ରତି ଥର ୫ ଟଙ୍କା ହିସାବରେ ଦେବାକୁ ହେଲା । ଚାରି ମାସ ଆଗରୁ ଟିକେଟ କରି ଯାତ୍ରୀ ଯଦି ଏତେ କଷ୍ଟ ପାଏ ତେବେ କହିବା କାହାକୁ ? ଶୁଣିବ କିଏ ? ଏଠାରେ ତ' ଖାଲି 'ବନ୍ଦେ ଭାରତ' ଗାଡ଼ି ଗୁଡ଼ିଏ ଚଳାଇ ମନ୍ତ୍ରୀ ପରିଷଦ ଟିଭି ରେ ନିଜର ବହୁଳ ପ୍ରଚାରିତ କରନ୍ତି ବାହାବା ନିଅନ୍ତି । ବନ୍ଦେ ଭାରତ ଗାଡ଼ି ଗୁଡିକ କାହା ସ୍ୱାର୍ଥରେ ଚାଲିଛି ? କିଏ ଉପକୃତ ହେଉଛନ୍ତି ? ଏଥି ପାଇଁ ସାଧାରଣ ଯାତ୍ରୀ ଭଡ଼ା ଠାରୁ କେତେ ଗୁଣ ଅଧିକ ଭଡା ରେଳ ବିଭାଗ ଆଦାୟ କରୁଛି ? ଏବେ ଝିଣ୍ଟିକା ମାରି ବଣି ପୋଷିବା ପରି ଅବସ୍ଥା ହେଲାଣି, ଅତ୍ୟଧିକ ଲାଭଖୋର ମନୋବୃତ୍ତି ରେଳ ବିଭାଗ ପାଇଁ ଜନ ବିରୋଧି ବୋଲି ପ୍ରତିପାଦିତ ହେବାକୁ ଯାଉଛି ।

ରେଳ ବିଭାଗ ଦେଶରେ ଅନ୍ତର୍ଜାତୀୟ ସ୍ତରର ରେଳଗାଡ଼ି ଚଳାଇବାକୁ ତତ୍ପର କିନ୍ତୁ ତୃଣମୂଳ ସ୍ତରର ବିଫଳତାକୁ ସ୍ୱୀକାର କରିବାକୁ ଚାହେଁ ନାହିଁ ବା ସୁଧାରି ପାରୁ ନାହିଁ । ଆପଣ ମାନେ ଯେତେ ଦୁରନ୍ତ, ତେଜସ୍, ରାଜଧାନୀ, ବନ୍ଦେ ଭାରତ, ବୁଲେଟ୍ ଟ୍ରେନ୍ ଚଳାନ୍ତୁ ନା' କାହିଁକି ତାହାର ମୂଲ୍ୟ ସାଧାରଣ ଗରିବ ଜନତା ବୁଝି ପାରିବେ ନାହିଁ, ଜନତା ସେହି ପୁରୁଣା ଯୁଗର 'ଜନତା ଏକ୍ସପ୍ରେସ' ଟ୍ରେନ ଚାହାନ୍ତି ଯେଉଁଥିରେ କି କୌଣସି ଉଚ୍ଚ ଶ୍ରେଣୀ ନ'ଥିବ ସବୁ ଦ୍ୱିତୀୟ ଶ୍ରେଣୀ ଅଣ ସଂରକ୍ଷିତ ହୋଇଥିବ ଏବଂ ସେମାନେ ସେଥିରେ ସ୍ୱଳ୍ପ ମୂଲ୍ୟର ଟିକଟ କିଣି ନିଜ ଗନ୍ତବ୍ୟ ସ୍ଥାନକୁ ଅନାୟାସରେ ଯାତ୍ରା କରି ପାରିବେ । ଠିକ୍ ଅଛି ଦୁନିଆ ସହିତ ତାଳ ଦେଇ ରେଳର ଉନ୍ନତି ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ , ତେବେ ସାଧାରଣ ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଅଣ ସଂରକ୍ଷିତ ରେଳ ଚଳା ଚଳର ବ୍ୟବସ୍ଥା ଜରୁରୀ ବୋଲି ମନେ ହୁଏ । ମାନ୍ୟବର ରେଳ ମନ୍ତ୍ରୀ ଜଣେ ଉଚ୍ଚ ଶିକ୍ଷିତ ବୈଷୟିକ ଜ୍ଞାନର ଅଧିକାରୀ ଖୁବ୍ ବୁଦ୍ଧିମାନ ବ୍ୟକ୍ତି ତା'ଙ୍କୁ ବିନମ୍ର ଅନୁରୋଧ, ସେ ଗରିବ/ସାଧାରଣ ବର୍ଗର ଯାତ୍ରୀଙ୍କୁ ଅଣଦେଖା କରି କେବଳ ବିଶ୍ୱସ୍ତରୀୟ ରେଳ ଚଳାଇବା ଉପରେ ଏତେଟା ଗୁରୁତ୍ୱ ଦିଅନ୍ତୁ ନାହିଁ । 'ଜନତା ଏକ୍ସପ୍ରେସ' ଚଳାଇବା ଉପରେ ଟିକେ ଅନ୍ତରରୁ ତର୍ଜମା କରନ୍ତୁ , ସାଧାରଣ ଯାତ୍ରୀଟିଏ କ'ଣ ରେଳବାଇ ଦ୍ୱାରା ଧାର୍ଯ୍ୟ ଦେୟ ଦେଇ ତେଜସ, ବନ୍ଦେ ଭାରତ, ରାଜଧାନୀ, ଦୁରନ୍ତ ପରି ରେଳ ଗାଡିରେ ବସି ଯାଇ ପାରିବ ? ମାନ୍ୟବର ରେଳମନ୍ତ୍ରୀ ମହୋଦୟ, ଦାଦନ ଖଟିବାକୁ ରେଳରେ ଯାତ୍ରା କରୁଥିବା ହଜାର ହଜାର ସାଧାରଣ ଶ୍ରେଣୀ ଯାତ୍ରୀ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଥରେ ଛଦ୍ମ ବେଶରେ ଯାଇ ବଡ଼ ବଡ଼ ଷ୍ଟେସନରେ ଅନୁଧ୍ୟାନ କରନ୍ତୁ , ଅଧିକାଂଶ ରେଳ କର୍ମଚାରୀ ମାନଙ୍କର ଯାତ୍ରୀଙ୍କ ପାଇଁ ଅଶାଳୀନ ବ୍ୟବହାର ଏବଂ ସାଧୁତା ତଥା ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ଥରେ ନଜର ପକାନ୍ତୁ ତା'ହେଲେ ଜାଣିବେ ତୃଣମୂଳ ସ୍ତରର ଯାତ୍ରୀଙ୍କ କଷ୍ଟ କେତେ ? କେବଳ ଉଚ୍ଚ ବର୍ଗର ଯାତ୍ରୀଙ୍କ ସୁବିଧା ପାଇଁ ରେଳବାଇ ଏତେ ଆଗ୍ରହୀ କାହିଁକି ? ଅସାଧୁ ରେଳ କର୍ମଚାରୀଙ୍କ ପ୍ରଧାନ ଆୟର ମାଧ୍ୟମ ଏହି ସାଧାରଣ ଶ୍ରେଣୀର ଯାତ୍ରୀ, ତେଣୁ କିଛି ଜାଗାରେ ଯାତ୍ରୀଙ୍କ ଦେହସୁହା ହୋଇ ଗଲାଣି, ଏହି ଚିରାଚରିତ ପ୍ରକ୍ରିୟାରେ ସେମାନେ ଯାତ୍ରା କରୁଛନ୍ତି । ଏହି କଥାକୁ ହସି ଉଡାଇ ଦେବାର ସମୟ ନୁହେଁ ଆମେ ନିଜକୁ ଯେତେ ବଡ଼, ଜ୍ଞାନୀ ଆଉ ଉନ୍ନତ ଭାବିଲେ କ'ଣ ହେବ ଯେତେଦିନ ସମସ୍ତଙ୍କୁ ନିଜର ସମାନ ଅଧିକାର ନ' ମିଳିଛି ସେତେଦିନ ଗଣତନ୍ତ୍ରର ମାନେ କିଛି ନାହିଁ , ଏହା ରାଜତନ୍ତ୍ର ଠାରୁ ମଧ୍ୟ କଷ୍ଟ ଦାୟକ ପରିଲକ୍ଷିତ ହେଉଛି । ମାନ୍ୟବର ରେଳ ମନ୍ତ୍ରୀ, ରେଳବାଇ ବୋର୍ଡ , ରେଳବାଇର ବରିଷ୍ଠ ଅଧିକାରୀ ମାନଙ୍କୁ ମୋର ବିନମ୍ର ନିବେଦନ ସାଧାରଣ ଯାତ୍ରୀଙ୍କ ପାଇଁ କିଛି ଉନ୍ନତି ମୂଳକ କାର୍ଯ୍ୟ କରନ୍ତୁ, ବଡ଼ ବଡ଼ ସହରକୁ ସାଧାରଣ ଶ୍ରେଣୀର 'ଜନତା ଏକ୍ସପ୍ରେସ' ଦ୍ୱାରା ସଂଯୋଗ ସହିତ ମେଟ୍ରୋ ରେଳ ସଂଯୋଗୀକରଣ ଉପରେ ଦୃଷ୍ଟି ଦିଅନ୍ତୁ । ସବୁ ଠାରୁ ବଡ କଥା ପରିଷ୍କାର ପରିଚ୍ଛନ୍ନତା ଉପରେ ଅତ୍ୟଧିକ ଗୁରୁତ୍ୱ ଦେବା ଉଚିତ୍ । ରେଳ ବିଭାଗର ବଡ ବଡ ଧଳା ହାତୀ ମାନଙ୍କ ପାଇଁ ଭଲ ମାହୁନ୍ତ ଏବଂ ଅଙ୍କୁଶ ର ଆବଶ୍ୟକତା ଅଛି ଏକଥା ମାନ୍ୟବର ରେଳ ମନ୍ତ୍ରୀ ସାମାନ୍ୟ ଚେଷ୍ଟା କଲେ ଜାଣିପାରିବେ। ଖବର କାଗଜ କହୁଛି ରେଳ ବିଭାଗ ୨୫ ହଜାର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ପୁଣି ଚାକିରି ଦେବ, ଏହି ନିଷ୍ପତ୍ତି ଯେତିକି ଲଜ୍ଜ୍ୟା ଜନକ ସେତିକି ହୃଦୟ ବିଦାରକ। ଆମ ଦେଶରେ କଣ ଯୋଗ୍ୟ ଯୁବକ/ ଯୁବତୀ ନାହାଁନ୍ତି ନା ସେମାନେ ଏହି ସବୁ ଏହି କାର୍ଯ୍ୟ କରି ପାରିବେ ନାହିଁ ? ତେଣୁ ହଠାତ୍ ସରକାରଙ୍କ ଏଭଳି ନିଷ୍ପତ୍ତି କାହିଁକି ? ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ବସି ଥିବା ସମୟରେ ରେଳ ବିଭାଗ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ବ୍ୟବସ୍ଥା କିଛି ବୁଝାପଡୁନି। ଯୁବ ସମାଜ କଣ କେବଳ ବେକାର ହୋଇ ରହିବେ ? ଏହି ନିଷ୍ପତ୍ତିର ପୁନଃ ବିଚାର କରାଯାଉ ତଥା ଯୁବ ସମାଜକୁ ଚାକିରିରୁ ବଞ୍ଚିତ କରା ନ ଯାଉ ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ
### ମା।



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ - ୭୨୦୫୧୦୦୮୩୯

# ଜଳ ପ୍ରଳୟ

କଥାରେ ଅଛି "ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଲେ ସୃଷ୍ଟି ନାଶ"। ଯଦି ବର୍ଷା ସମୟରେ ବର୍ଷା ନ ହେଲା ତାହେଲେ ମରୁଡିର ଭୟ ସୃଷ୍ଟି ହୁଏ , ଆଉ ଯଦି ଅତ୍ୟଧିକ ବର୍ଷା ହୁଏ ତାହେଲେ ଚାରି ଆଡେ ଜଳମଗ୍ନ ହୋଇଥାଏ । ଜଳ ହିଁ ଜୀବନ । କିନ୍ତୁ ସେତିକି ଜଳର ଆବଶ୍ୟକତା ରହିଛି ଯେତିକି ଜଳ ଆମ କୃଷି ପାଇଁ ଏବଂ ଆମର ନିତ୍ୟ ବ୍ୟବହାର ପାଇଁ ଆବଶ୍ୟକ । ଆମେ ମାନେ ଭାଗ୍ୟବାନ କାରଣ ଆମ ଦେଶରେ ଠିକ ସମୟରେ ମୌସୁମୀ ବର୍ଷା ହୋଇଥାଏ। ମୌସୁମୀ ବର୍ଷା ସହିତ ଚାଷ କାମ ଆରମ୍ଭ ହୋଇଯାଏ । ଯଦି ମୌସୁମୀ ଆସିବାରେ ବିଳମ୍ବ ହୋଇଥାଏ, ଲୋକଙ୍କ ଚିନ୍ତା ବଢିଯାଏ , ଆଜି କାଲି ବର୍ଷା ଆମ ଦେଶ ପାଇଁ ସମସ୍ୟା ନେଇ ଆସିଛି । କାଶ୍ମୀର ଠାରୁ ଓଡିଶା ଯାଏଁ ସବୁଠି ବନ୍ୟାର ସମସ୍ୟା ଦେଖିବାକୁ ମିଳିଛି । ଦେଶର ରାଜଧାନୀ ନୂଆ ଦିଲ୍ଲୀ ମଧ୍ୟ ବନ୍ୟା ଜଳରେ ପ୍ରଭାବିତ । ଲାଲକିଲା ଠାରୁ ରାଜଘାଟ ଯାଏଁ ସବୁଠି ବନ୍ୟା ଜଳ ପ୍ରବେଶ କରିଛି । ମହାରଷ୍ଟ୍ରର ବିଭିନ୍ନ ସହର ବନ୍ୟା ଜଳରେ ପ୍ରଭାବିତ । ବର୍ଷକୁ ଛ' ଟି ଋତୁ । ପ୍ରତ୍ୟେକ ଋତୁର ମହତ୍ୱ ଆମ ଜୀବନରେ ରହିଛି । ପ୍ରତ୍ୟେକ ଋତୁ ଆମ ପାଇଁ କିଛି ନା କିଛି ନେଇଆସନ୍ତି। ଖରା ଦିନ ବା ଗ୍ରୀଷ୍ମ ଋତୁରେ ଆଜି କାଲି ଉତ୍ତାପ ବଢି ଚାଲିଛି । ଖରା ଏବଂ ଗୁଳୁଗୁଳି ଯୋଗୁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଏବଂ ପ୍ରତିବର୍ଷ ଅଂଶୁଘାତରେ ଅନେକ ଲୋକ ମୃତ୍ୟୁବରଣ କରିଥିବାର ଖବର ମିଳିଥାଏ। ଏହି ବର୍ଷ ମୌସୁମୀ ଓଡିଶାକୁ ଡେରିରେ ଛୁଇଁଲା ଯାହା ପାଇଁ ଚାଷୀ ମାନଙ୍କୁ ଅନେକ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା। ବନ୍ୟା ଜଳ ଯେତେବେଳେ ସହର ସହରକୁ ବ୍ୟାପୀ ଯାଉଛି ସେତେବେଳେ ଆମର ନିତି ଦିନିଆ ଜୀବନକୁ ପ୍ରଭାବିତ କରୁଛି । ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ମୂଳ କାରଣ ହେଉଛି ବର୍ଷା ଜଳ ବର୍ଷା ପାଣି ଠିକ୍ ଭାବରେ ପ୍ରବାହିତ ହୋଇପାରୁ ନାହିଁ। ବିଭିନ୍ନ ସ୍ଥାନରେ ଜମା ହୋଇଥିବା ଅଳିଆ ଅବର୍ଜନା ଓ ପଲିଥିନ ପ୍ୟାକେଟ ପାଣିର ଗତିକୁ ଅଟକାଇଦେଉଛି । ତେଣୁ ନଦୀ, ନାଳ ଓ ଝରଣାର ପ୍ରବାହିତ ଜଳ ନିଜ ଗତିପଥ ଛାଡି ସହର, ଗାଁ ଓ ଚାଷ ଜମି ଆଡେ ମୁହାଁଉଛି । ଯେତେବେଳେ ଚାଷ ଜମି ଆଡେ ମୁହାଉଛି ଚାଷୀର ଫସଲ ନଷ୍ଟ ହେଉଛି। ଏବେ ଅନେକ ବର୍ଷ ଧରି ଆମେ ଦେଖୁଛୁ ଯେ ବର୍ଷା ପାଣି ବନ୍ୟା ପରିସ୍ଥିତି ସୃଷ୍ଟି କରିଚାଲିଛି । ବନ୍ୟା ପାଇଁ କେବଳ ପ୍ରକୃତି ଦାୟୀ ନୁହେଁ ବରଂ କିଛିକାଂଶରେ ମଣିଷ ମଧ୍ୟ ଦାୟି।

ବର୍ତ୍ତମାନ ପୁରା ବିଶ୍ୱରେ ପରିବେଶକୁ କିପରି ବଞ୍ଚାଇବା ସେଥିପାଇଁ ଆଲୋଚନା ଚାଲିଛି। ପରିବେଶ ଉପରେ ମଣିଷ ବର୍ଷ ବର୍ଷ ଧରି ଅତ୍ୟାଚାର କରିଚାଲିଛି । ଜଙ୍ଗଲ ନଷ୍ଟ କରି ଚାଲିଛି । ପ୍ରଦୁଷଣ ବଢି ଚାଲିଛି । ବାୟୁମଣ୍ଡଳରେ ବିଭିନ୍ନ ବିଷାକ୍ତ ଗ୍ୟାସର ମାତ୍ରା ବଢିଯିବା ଫଳରେ ଉତ୍ତାପ ବଢୁଛି । ଉତ୍ତପ ବଢିଲେ ବରଫ ଆବୃତ ଗ୍ଲେସିଏର ତରଳୁଛି ଯେଉଁଥି ପାଇଁ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ଆମେ ଆଜି ଯଦି ସଚେତନ ନ ହେବା ପରିବେଶର ଯତ୍ନ ଯଦି ନ ନେବା ଏବଂ ଗଛ ଓ ଜଙ୍ଗଲକୁ ନଷ୍ଟ କରିବା ତେବେ ଦିନେ ମଣିଷ ସମାଜ ବିଲୁପ୍ତ ହୋଇଯାଇପାରେ । ଏବେ ପୃଥିବୀର ବିଭିନ୍ନ ଦେଶରେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳୁଛି । ଅନେକ ଥର ବାତ୍ୟା ଏବଂ ତୁଫାନ ମଧ୍ୟ ତା କରାଳ ରୂପ ଆମକୁ ଦେଖାଉଛି । ପ୍ରକୃତି ଆଗରେ ମଣିଷ ଅସହାୟ। ପ୍ରକୃତିର ତାଣ୍ଡବ ଆଗରେ ମାନବ ସମାଜ ହାର ମାନିଛି । ଭାଗବତର ପୃଷ୍ଠାରେ ଜଳ ପ୍ରଳୟର ବର୍ଣ୍ଣନା ରହିଛି। ପ୍ରଳୟ ସମୟରେ ପ୍ରଚଣ୍ଡ ଉତ୍ତାପ ସହିତ ବନ୍ୟା ଜଳ ଚାରି ପଟେ ବ୍ୟାପୀ ଯାଏ ଏବଂ ସମଗ୍ର ଜୀବ ଜଗତ ନଷ୍ଟ ହୋଇଯାଏ । ଭାରତରେ ଅନେକ ରାଜ୍ୟରେ ବର୍ଷା ଯୋଗୁ ବନ୍ୟା ଜନିତ ସମସ୍ୟା ଦେଖିବାକୁ ମିଳିଛି। ସେହି ରାଜ୍ୟ ଗୁଡିକ ହେଲା ଦିଲ୍ଲୀ, ଗୁଜରାଟ, ଜମ୍ମୁ କାଶ୍ମୀର ଏବଂ ମହାରାଷ୍ଟ୍ର । ଏହି ରାଜ୍ୟ ଗୁଡିକରେ ବନ୍ୟା ପାଣି ରାଜ ରାସ୍ତା ଉପରକୁ ଆସିଯାଇଅଛି । କେତେକ ସ୍ଥାନରେ ଘର, ଗାଡି ଏବଂ ଅନେକ ବ୍ୟବହାର କରୁଥିବା ଦରକାର ଜିନିଷ ବନ୍ୟା ପାଣିରେ ଭାସିବା ଦେଖିବାକୁ ମିଳିଛି ଏବଂ ସାଧାରଣ ଲୋକ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ମୃତ୍ୟୁ ବରଣ କରିବା ଖବର ଲୋକଲୋଚନକୁ ଆସିଛି । ବିଭିନ୍ନ ରାଜ୍ୟର ରାଜ୍ୟ ସରକାର ଏବଂ ଏଣ୍ଡିଆରଏଫ ଟିମଙ୍କ ମିଳିତ ଉଦ୍ୟମ ଦ୍ୱାରା ପାଣି ଘେରରେ ରହିଥିବା ଲୋକଙ୍କୁ ସୁରକ୍ଷା ସ୍ଥାନକୁ ଅଣାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ବନ୍ୟା ଜଳକୁ ନିଷ୍କାସିତ କରିବା ପାଇଁ ଉଦ୍ୟମ ଚାଲିଛି କିନ୍ତୁ ରାଜ୍ୟ ସରକାରଙ୍କ ସବୁ ଯାକ ପ୍ରୟାସ ସମୁଦ୍ରକୁ ଶଙ୍ଖେ। କାରଣ ବର୍ଷା କମିବାକୁ ନା ନେଉନି ଏବଂ ନଦୀର ଜଳ ସ୍ତର ବଢିଚାଲିଛି । କେତେକ ସ୍ଥାନରେ ନାଳର ପୋଲ ଭୁଷୁଡିଯିବା ଖବର ଗଣମାଧ୍ୟମରେ ଆସିଛି । ବନ୍ୟା ଯୋଗୁ ସାଧାରଣ ଲୋକ ବିଭିନ୍ନ ରୋଗରେ ପୀଡିତ ହୋଇଥାନ୍ତି ଯେମିତି କି କଲେରା, ମ୍ୟାଲେରିଆ, ଟାଇଫଏଡ, ଚିକେନ ପକ୍ସ ଏବଂ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ମାଛି ମଶାଙ୍କ ଆକ୍ରମଣ ବଢିଯାଏ । ଏଥିପାଇଁ ବିଭିନ୍ନ ରୋଗ ବ୍ୟାପୀ ଯାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅକ୍ଟୋବର ୨୦୨୪ ବୁଧବାର



# ଆଭା

# ପ୍ରତ୍ୟେକ ଦିନ ମଲ୍‌ଟିଭିଟାମିନ ଖାଉଥିବା ଲୋକଙ୍କ ମୃତ୍ୟୁ ଆଶଙ୍କା ୪% ଅଧିକ ଥାଏ

ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ କେହି ଦୀର୍ଘାୟୁ ହେବେ ନାହିଁ। ବରଂ ଏହା ଶୀଘ୍ର ମୃତ୍ୟୁ ଘଟିବାର ଆଶଙ୍କାକୁ ବଢ଼ାଇ ଦେଇପାରେ। ଏକ ବଡ଼ ଗବେଷଣାରୁ ଏହା ଜଣାପଡ଼ିଛି। ଆମେରିକାର ମେରୀଲ୍ୟାଣ୍ଡ ସ୍ଥିତ ନ୍ୟାଶନାଲ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଗବେଷଣା କରାଯାଇଥିଲା। ୩ ଲକ୍ଷ ୯୦ ହଜାର ୧୨୪ ଜଣ ସୁସ୍ଥ ପ୍ରାପ୍ତ ବୟସ୍କ ଆମେରିକୀୟଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେହି ବଡ଼ଧରଣର ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ନଥିଲେ। ୨୦ରୁ ଅଧିକ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ପ୍ରତିଦିନ



ମଲ୍‌ଟିଭିଟାମିନ୍ ଖାଇଲେ ମୃତ୍ୟୁ ଆଶଙ୍କା ହ୍ରାସ ପାଏ ବୋଲି ଏହି ଗବେଷଣାରୁ ଗବେଷକମାନେ କୌଣସି ପ୍ରମାଣ ପାଇ ନଥିଲେ। ଓଲଟି ପ୍ରତ୍ୟେକ ଦିନ ମଲ୍‌ଟିଭିଟାମିନ ଖାଉଥିବା ଲୋକଙ୍କ ମୃତ୍ୟୁ ଆଶଙ୍କା ୪% ଅଧିକ ଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ତେଣୁ ଗବେଷକମାନେ ଏଥିରେ ଉପନୀତ ହୋଇଥିଲେ ଯେ ଦୀର୍ଘାୟୁ ହେବାର ମଲ୍‌ଟିଭିଟାମିନ୍ ସହାୟକ ହୋଇ ନଥାଏ। ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ମଲ୍‌ଟିଭିଟାମିନ୍‌ର ବ୍ୟବସାୟ ବଢ଼ି ଚାଲିଛି। କେବଳ ଆମେରିକାରେ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରୁ ଏକ ତୃତୀୟାଂଶ ବିଭିନ୍ନ ପ୍ରକାର ମଲ୍‌ଟିଭିଟାମିନ୍‌ର ବ୍ୟବହାର କରନ୍ତି। ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ସେମାନେ ମଲ୍‌ଟିଭିଟାମିନ ସେବନ କରନ୍ତି। ମଲ୍‌ଟିଭିଟାମିନ୍‌ର ଏତେ ଚାହିଦା ଥିବା ସତ୍ତ୍ୱେ ଗବେଷକମାନେ ଏହାର ସ୍ୱାସ୍ଥ୍ୟ ଉପକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ଓ ଏହା ଶରୀର ପାଇଁ କ୍ଷତିକାରକ ବୋଲି ଚେତାଇ ଦେଇଛନ୍ତି।

ଗବେଷକମାନଙ୍କ କହିବାନୁଯାୟୀ, ବିଭିନ୍ନ ପ୍ରକାର ଖାଦ୍ୟରୁ ଆମେ ପାଉଥିବା ବେଟା-କ୍ୟାରୋଟିନ୍ କ୍ୟାନ୍‌ସରରୁ ସୁରକ୍ଷା ଦେଇଥାଏ। କିନ୍ତୁ ବେଟା-କ୍ୟାରୋଟିନ୍ ସପ୍ଲିମେଣ୍ଟଗୁଡ଼ିକ କ୍ୟାନସର ଓ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ସେହିପରି ଅନେକ ମଲ୍‌ଟିଭିଟାମିନ୍‌ରେ ଥିବା ଆଇରନ ଶରୀରରେ ଆଇରନର ମାତ୍ରାକୁ ଅଧିକ କରିଦେଇପାରେ। ଆଉ ଏହା ହୃଦରୋଗ, ଡାଇବେଟିସ୍ ଓ ଡିମେନଶିୟା ଭଳି ରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ।

## ଧନତେରସରେ ଘରକୁ ଆଣନ୍ତୁ ଏହି ଜିନିଷ

ଧନତେରସରେ ଲୋକେ ମନ ଭରିବା ପର୍ଯ୍ୟନ୍ତ କିଣାକିଣି କରିଥାନ୍ତି। ଆସନ୍ତା ଅକ୍ଟୋବର ୩୦ ତାରିଖରେ ଧନତେରସ। ଏହି ଦିନ ଧନର ଦେବତା କୁବେର ଓ ମା ଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ। ଏହି ଅବସରରେ କୁବେରଙ୍କୁ ଖୁସି କରିବା ପାଇଁ ଲୋକେ ଧନତେରସରେ ଅନେକ ପ୍ରକାର ଜିନିଷ କିଣାକିଣି କରିଥାନ୍ତି। ଲୋକେ କିଣାକିଣିରେ ସୁନା, ରୂପା ଅଳଙ୍କାରରୁ ଆରମ୍ଭ କରି ଘରର ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ଏପରିକି ଝାଡୁ ମଧ୍ୟ କ୍ରୟ କରିଥାନ୍ତି । ଝାଡୁ, ବାସନ କୁସନ, ସ୍ୱର୍ଣ୍ଣାଳଙ୍କାର ବ୍ୟତୀତ ଏପରି ଅନେକ ଜିନିଷ ଅଛି ଯାହାକୁ ଧନତେରଶରେ କିଣିଲେ ଶୁଭ ହୋଇଥାଏ। ତେବେ ଆସନ୍ତୁ ଜାଣିବା ଧନତେରସରେ କ'ଣ କିଣିଲେ ଘର ପାଇଁ ସୁଖ ଓ ସମୃଦ୍ଧି ଆସିବ। **ଝାଡୁ :** ଝାଡୁକୁ ମା ଲକ୍ଷ୍ମୀଙ୍କ ପ୍ରତୀକ ମନେ କରାଯାଏ। ଏଣୁ ଧନତେରସରେ ଝାଡୁ କିଣିବା ବହୁତ ଶୁଭ ମନେ କରାଯାଏ।ଦାରିଦ୍ର୍ୟତା ଓ ଅପରିଷ୍କାରକୁ ଝାଡୁ ଘରୁ ବାହାର କରିଦେଇଥାଏ। ଏଣୁ ଧନତେରସ ଅବସରରେ ଝାଡୁ କିଣାକୁ ଶୁଭ ମନେ କରାଯାଏ। ଏହା ଦ୍ୱାରା ଘର ଉପରେ ମା'ଲକ୍ଷ୍ମୀଙ୍କ କୃପା ବର୍ଷିଥାଏ। **ବାସନକୁସନ କ୍ରୟ :** ଧନତେରସ ଦିନ ଅଲଗା ଅଲଗା ଧାତୁରେ ନିର୍ମିତ ବାସନ କୁସନ କିଣିଲେ ଶୁଭ ହୋଇଥାଏ। ଯଦି ଧନତେରସ ସମୟରେ ଅର୍ଥର ଅଭାବ ଥାଏ ତେବେ ସୁନା, ରୂପା ଅଳଙ୍କାର କିଣାକିଣି ନ କରି ପିତଳ, ତମ୍ବା, କଂସା ଆଦି ଧାତୁ ନିର୍ମିତ ବାସନକୁସନ କିଣାକିଣି କରିପାରନ୍ତି। ଏପରି କ୍ରୟ ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ସହ ୧୩ ଗୁଣା ଅଭିବୃଦ୍ଧି ହୋଇଥାଏ। ତେବେ ଏପରି ଦିନରେ ଷ୍ଟିଲ, ସିଲଭର ଆଦି ବାସନ ନ କିଣିବା ଭଲ। **ଲକ୍ଷ୍ମୀଙ୍କ ପାଦ:** ଦିପାବଳୀ ପୂର୍ବରୁ ଧନତେରସରେ ଘରକୁ ମା'ଲକ୍ଷ୍ମୀଙ୍କୁ ଆବାହନର ପର୍ବ ଆରମ୍ଭ ହୋଇଯାଇଥାଏ। ଏଥିରେ ଆପଣ ବଜାରରେ କିଣାକିଣି କରିବା କାଳରେ ମା'ଲକ୍ଷ୍ମୀଙ୍କ ଚରଣ (ପାଦ) ମଧ୍ୟ କ୍ରୟ କରିପାରନ୍ତି। ଏହାକୁ କେବଳ ଶୁଭ ମନେ କରାଯାଏନା। ଏହାକୁ କ୍ରୟ କରିବା ଦ୍ୱାରା ଘରକୁ ଲକ୍ଷ୍ମୀଙ୍କୁ ଆମନ୍ତ୍ରଣ କରିବା ସହ ସମାନ ହୋଇଥାଏ। ଲକ୍ଷ୍ମୀଙ୍କ ଚରଣକୁ ଆପଣ ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ ଲଗାଇ ପାରନ୍ତି, ଅଥବା ପୂଜା ସ୍ଥଳରେ ଚରଣ ସ୍ଥାପନା ମଧ୍ୟ କରିପାରନ୍ତି। **ଲକ୍ଷ୍ମୀ-ଗଣେଶ ମୂର୍ତ୍ତି :** ଦିପାବଳୀରେ ଲକ୍ଷ୍ମୀ-ଗଣେଶଙ୍କ ପୂଜା ହୋଇଥାଏ। ଧନତେରସରେ ଆପଣ ପୂଜା ନିମନ୍ତେ ଧାତୁ ନିର୍ମିତ ଲକ୍ଷ୍ମୀ ଓ ଗଣେଶ ମୂର୍ତ୍ତି କ୍ରୟ କରିପାରନ୍ତି। ଏହି ଦିନ ଆପଣ ଚାହିଁଲେ ମାଟିରେ ନିର୍ମିତ ଲକ୍ଷ୍ମୀ-ଗଣେଶ ମୂର୍ତ୍ତି ମଧ୍ୟ କ୍ରୟ କରିପାରନ୍ତି। ଯାହାକୁ ଆପଣ ଆଗାମୀ ବର୍ଷ ଜଳରେ ପ୍ରବାହିତ କରି ପୁଣି ନୂଆ ମୂର୍ତ୍ତି କିଣି ଆଣି ପାରିବେ।

## ଖାଇବାର ୨-୫ ମିନିଟ ହାଲୁକା ଚାଲିବା ଦ୍ୱାରା ବ୍ଲଡ ସୁଗାର ଲେଭେଲ ନିୟନ୍ତ୍ରିତ ହୋଇପାରେ

ଡାଇବେଟିସର ସମସ୍ୟାର ସାମ୍ନା ସେତେବେଳେ କରିବାକୁ ପଡ଼ିଥାଏ। ଯେତେବେଳେ ଶରୀରରେ ଗ୍ଲୁକୋଜ ସ୍ତର ଅଧିକ ବଢ଼ିଥାଏ। ଏହାକୁ ସନ୍ତୁଳିତ କରିବା ପାଇଁ ଇନସୁଲିନ ବେଶ ସହାୟକ ହୋଇଥାଏ। ଗବେଷଣାକୁ ବିଶ୍ଳେଷଣ କରିଥିଲେ ଯେ ଅଧିକ ସମୟ ଧରି ବସିବା ଅପେକ୍ଷା ଛିଡ଼ା ହେବା ଦ୍ୱାରା ଏବଂ ଚାଲିବା ଦ୍ୱାରା ଶାରୀରିକ କାର୍ଯ୍ୟକଳାପ ଦ୍ୱାର କେଉଁଭଳି ଭାବରେ ଇନସୁଲିନ ଏବଂ ବ୍ଲଡ ସୁଗାର ଲେଭେଲ ସହ ହାର୍ଟ ହେଲ୍ଥକୁ ପ୍ରଭାବିତ କରିଥାଏ । ରିସର୍ଚ୍ଚରେ ଜଣାପଡ଼ିଥିଲା ଯେ



ଇନସୁଲିନ ପାନକ୍ରିୟାଜରୁ ବାହାରୁଥିବା ଏକ ହରମୋନ ଯାହା ରକ୍ତରେ ଗ୍ଲୁକୋଜ ସ୍ତରକୁ କଣ୍ଟ୍ରୋଲ କରିବାରେ କାମ କରିଥାଏ। ନିକଟରେ ଏକ ରିସର୍ଚ୍ଚରେ ଏହା ସାମ୍ନାକୁ ଆସିଛି ଯେ ଖାଇବା ପରେ କିଛି ସମୟ ଚାଲିବା ଦ୍ୱାରା ଶରୀରରେ ବ୍ଲଡ ସୁଗାର ଲେଭେଲକୁ କମ କରାଯାଇପାରେ। ତେବେ ଆସନ୍ତୁ ଜାଣିବା ଏହି ଗବେଷଣା ବିଷୟରେ ଅଧିକ । ସ୍ପୋର୍ଟସ ମେଡିସିନ ନାମକ ଏକ ଜର୍ଣ୍ଣାଲରେ ପ୍ରକାଶିତ ରିସର୍ଚ୍ଚରେ ବୈଜ୍ଞାନିକମାନେ ସାତଟି ଭିନ୍ନ ଭିନ୍ନ ଲଞ୍ଚ କିମ୍ବା ଡିନର ପରେ ବସିବା କିମ୍ବା ଶୋଇବା ଅପେକ୍ଷା ୨-୫ ମିନିଟ ହାଲୁକା ଚାଲିବା ଦ୍ୱାରା ବ୍ଲଡ ସୁଗାର ଲେଭେଲ ବେଶ ନିୟନ୍ତ୍ରିତ ହୋଇପାରେ। ଏହା ସହ କେବଳ ଖାଇବା ପରେ ମଧ୍ୟ କିଛି ସମୟ ଛିଡ଼ା ହେବା ଦ୍ୱାରା ମଧ୍ୟ ବ୍ଲଡ ସୁଗାର ଲେଭେଲ କମ ହୋଇପାରେ। ଗବେଷଣାରେ କୁହାଯାଇଛି ଯେ, ହାଲୁକା ଏକ୍ସରସାଇଜ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇପାରେ। ଆହୁରି ମଧ୍ୟ ବ୍ଲଡ ସୁଗାରକୁ କଣ୍ଟ୍ରୋଲରେ ରଖିବା ପାଇଁ, ଭରପୁର ମାତ୍ରାରେ ଫଳ ଏବଂ ପରିବା ସହ ହେଲଦୀ ଡାଏଟ ଖାଇବା, ସଠିକ ଓଜନ ରଖିବା ଏବଂ ନିୟମିତ ଶାରୀରିକ ଗତିବିଧିରେ ଭାଗ ନେବା ଜରୁରୀ। ଏହା ସହ ନିଜ ବ୍ଲଡ ସୁଗାରକୁ ନିୟମିତ ପରୀକ୍ଷା କରୁଥିବା ଦରକାର। ଦିନସାରା ଖାଲି ପେଟରେ ନରହି, କିଛି କିଛି ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ମାତ୍ରାରେ ପାଣି ପିଅନ୍ତୁ ।

## ଦକ୍ଷିଣ ଭାରତ ସମେତ ଓଡ଼ିଶାରେ ବି ବୃଦ୍ଧି ପାଉଛି ନିଜ ସମ୍ପର୍କୀୟଙ୍କୁ ବିବାହ କରିବାର ଧାରା

ଭାରତରେ ବିବାହକୁ ଏକ ପବିତ୍ର ବନ୍ଧନ ଭାବେ ବିବେଚନା କରାଯାଏ। ଜଣେ ପୁଅ-ଝିଅ ସାରା ଜୀବନ ପରସ୍ପରକୁ ଜୀବନ ସାଥୀ କରିବାକୁ ଶପଥ ନେଇଥାନ୍ତି। ଦୁନିଆର ପ୍ରତ୍ୟେକ ଧର୍ମରେ ବିବାହକୁ ନେଇ ନିଜସ୍ୱ ନିୟମ ରହିଛି। କେତେକ ସମ୍ପ୍ରଦାୟରେ ନିଜ ସମ୍ପର୍କୀୟଙ୍କୁ ବିବାହ କରିବାକୁ ଅନୁମତି ଦିଆଯାଇଥିବା ବେଳେ ଅନେକ ସମ୍ପ୍ରଦାୟରେ ଭାଇ-ଭଉଣୀଙ୍କ ମଧ୍ୟରେ ଏପରି ସମ୍ପର୍କ କଳ୍ପନା ମଧ୍ୟ କରାଯାଏ ନାହିଁ। ଗୋଟିଏ ପରିବାରରେ ବିବାହ ନ ହେବାର ଅନେକ ବୈଜ୍ଞାନିକ କାରଣ ରହିଛି। ଏହାରି ଭିତରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ଏକ ରିପୋର୍ଟ ସାମ୍ନାକୁ ଆସିଛି, ଯେଉଁଥିରେ କୁହାଯାଇଛି ଯେ ଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ ଭାରତ ଏବଂ ଦକ୍ଷିଣ ଓଡ଼ିଶାର ହିନ୍ଦୁ ଏବଂ ବୌଦ୍ଧ ସମ୍ପ୍ରଦାୟମଧ୍ୟରେ ନିଜ ସମ୍ପର୍କୀୟଙ୍କୁ ବିବାହ କରିବାର ଘଟଣା ଯଥେଷ୍ଟ ବୃଦ୍ଧି ପାଇଛି । ମୁସଲମାନ ସମ୍ପ୍ରଦାୟରେ, ସେମାନଙ୍କ ସମ୍ପର୍କକୁ ମଜବୁତ କରିବା ଏବଂ ସେମାନଙ୍କ ସମ୍ପତ୍ତିକୁ ପରିବାର ଭିତରେ ରଖିବା ପାଇଁ ସମ୍ପର୍କୀୟ ବିବାହ ଆରମ୍ଭ କରାଯାଇ ଥିବା ଲୋକମତ ରହିଛି। ସେହିପରି ସମାଜବିଜ୍ଞାନୀଙ୍କ ମତରେ ଦକ୍ଷିଣ ଭାରତରେ ମଧ୍ୟ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ କରିବା ପରମ୍ପରା ରହିଛି। ତେବେ ଦେଖିବାକୁ ଗଲେ ଏଥିପାଇଁ ତିନୋଟି ପ୍ରମୁଖ କାରଣ ରହିଛି ଜାତି, ଶ୍ରେଣୀ ଏବଂ ବିଭିନ୍ନ କାରଣ ମାନ ରହିଛି। ସମାଜବିଜ୍ଞାନୀଙ୍କ ମତରେ ଅଧିକାଂଶ ଲୋକ ନିଜ କାଷ୍ଟରେ ବିବାହ କରିବାକୁ ଚାହାଁନ୍ତି। ଏହି କାରଣରୁ ସେ ନିଜ ଘରର, ସଦସ୍ୟ କିମ୍ବା ଦୂର ସମ୍ପର୍କୀୟଙ୍କ ଝିଅ କିମ୍ବା ପୁଅଙ୍କୁ ବିବାହ କରିଦିଅନ୍ତି। ସେହିପରି ନିଜ ପରିବାରରେ ବିବାହ କରିବାର ଦ୍ୱିତୀୟ କାରଣ ହେଉଛି କ୍ଲାସ ଲୋକମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଅର୍ଜିତ ସମ୍ପତ୍ତି ଏହି ଉପାୟରେ ନିଜ ଘରେ ଯିବ ଏବଂ ନିଜ ପରିବାରକୁ ଶକ୍ତିଶାଳୀ ହେବାରେ ସାହାଯ୍ୟ କରିବ। ଭାରତରେ ବିଭିନ୍ନ ସମ୍ପ୍ରଦାୟ, ଜାତି, ଧର୍ମ ଓ ଭାଷାର ଲୋକ ଏକାଠି ରୁହନ୍ତି। ଅନେକ ରାଜ୍ୟରେ ସମ୍ପ୍ରଦାୟ ହେବା ପରେ ମଧ୍ୟ ସେମାନଙ୍କ ଜୀବନଶୈଳୀ, ଖାଇବା ପିଇବା ଶୈଳୀ ଭିନ୍ନ। ଏଭଳି ପରିସ୍ଥିତିରେ ଲୋକମାନେ ଚାହାଁନ୍ତି ଯେ ତାଙ୍କ ସନ୍ତାନ ପରିବାର ଭିତରେ ବିବାହ କରନ୍ତୁ । ଯାହାଦ୍ୱାରା କେବଳ ଦକ୍ଷିଣ ଭାରତ ଏବଂ ଦକ୍ଷିଣ ଓଡ଼ିଶାରେ ଗୋଟିଏ ପରିବାରରେ ବିବାହ କରିବାର ଧାରା କାହିଁକି ଏତେ ବୃଦ୍ଧି ପାଉଛି ବୋଲି ଏକ ପ୍ରଶ୍ନ ଉଠୁଛି। ଏହି ପ୍ରଶ୍ନର ଉତ୍ତରରେ ସମାଜବିଜ୍ଞାନୀଙ୍କ ମତରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ସଂସ୍କୃତି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ସେଠାକାର ଲୋକଙ୍କ ଚିନ୍ତାଧାରାଠାରୁ ଆରମ୍ଭ କରି ଜୀବନ ଶୈଳୀ ପର୍ଯ୍ୟନ୍ତ ସବୁ କିଛି ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଉତ୍ତର ଭାରତରେ ସମାନ ଗୋତ୍ର ମଧ୍ୟରେ ବି ବିବାହ କରାଯାଇ ନଥାଏ ଏଠାରେ ବିବାହ ଗୋଟିଏ ଜାତିରେ କରାଯାଏ କିନ୍ତୁ ଗୋଟିଏ ପରିବାରରେ ନୁହେଁ ବିଶ୍ୱାସ କରାଯାଏ ଯେ ଏକ ପରିବାର ଓ ସମ୍ପର୍କୀୟଙ୍କ ସହ ବିବାହ କଲେ ପାପ ହୋଇଥାଏ କିନ୍ତୁ ଏହା ସହିତ ଦକ୍ଷିଣ ଭାରତରେ ହିନ୍ଦୁମାନଙ୍କ ଗୋତ୍ରକୁ ନେଇ ଏତେଟା ସମାଲେଚନା କରାଯାଏ ନାହିଁ, ଯାହା ଦ୍ୱାରା ସେମାନଙ୍କ ପାଇଁ ଗୋଟିଏ ପରିବାରରେ ବିବାହ କରିବା ସହଜ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଯଦି ଗୋଟିଏ ପରିବାରର ଦୁଇ ଜଣ ବୟସ୍କ ବ୍ୟକ୍ତି ବିବାହ କରନ୍ତି, ତେବେ ସେମାନେ ସନ୍ତାନ ଜନ୍ମ କରିବା ବିଷୟରେ ଚିନ୍ତା କରିବା ଉଚିତ। ମୁଁ ଏହା କହୁଛି କାରଣ ସମ୍ପର୍କୀୟଭାଇମାନଙ୍କ ମଧ୍ୟରେ ରକ୍ତ ଗୋଷ୍ଠୀ ସମାନ ଅଟେ। ଯଦିଓ ସେମାନଙ୍କର ରକ୍ତ ଗ୍ରୁପ ଅଲଗା ଅଲଗା ଅଟେ, ତଥାପି ସେମାନଙ୍କ ଶରୀରରେ ଥିବା ରକ୍ତର ଶାରୀରିକ ଉପାଦାନ ସମାନ ହେବ। କାରଣ ସେମାନେ ଗୋଟିଏ ପରିବାରର ଅଟନ୍ତି। ଏହି କାରଣରୁ ସମାନ ପୂର୍ବପୁରୁଷ ଥିବା ଜୀବନସାଥୀ ମାନେ ସୁସ୍ଥ ସନ୍ତାନ ଜନ୍ମ ଦେବା ପାଇଁ ଡାକ୍ତରୀ ଦୃଷ୍ଟିରୁ ଯୋଗ୍ୟ ନୁହଁନ୍ତି। ଏଭଳି ବିବାହରେ ପିଲାମାନେ ଶାରୀରିକ ଓ ମାନସିକ ଭାବେ ଅସ୍ୱାଭାବିକ ହେବାର ସମ୍ଭାବନା ଅଧିକ ଥାଏ।



## ୨୦୫୦ ସୁଦ୍ଧା ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରତି ୪ ଜଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ହେବେ ବୃଦ୍ଧ

ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି (ୟୁଏନଏଫପିଏ) ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳର ନିର୍ଦ୍ଦେଶକ ପି ସ୍ମିଥ କହିଛନ୍ତି ଯେ, ୨୦୫୦ ସୁଦ୍ଧା ଏସିଆ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚାରି ଜଣଙ୍କ ମଧ୍ୟରୁ ଜଣଙ୍କର ବୟସ ୬୦ ବର୍ଷରୁ ଅଧିକ ହେବ ଏବଂ ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସଂଖ୍ୟା ମହିଳାମାନଙ୍କର ରହିବ । ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସ୍ମିଥ କହିଛନ୍ତି ଯେ, ଲୋକଙ୍କ ବୟସ ବଢ଼ିବା ସହିତ ଏହି ଦେଶମାନଙ୍କରେ ପ୍ରଜନନ ହାର ମଧ୍ୟ ହ୍ରାସ ପାଉଛି ଏବଂ କମ ପିଲା ଜନ୍ମ ହେଉଛନ୍ତି। ସେ କହିଛନ୍ତି, ଏହାର ଅର୍ଥ ହେଉଛି ଗୋଟିଏ ପଟେ ଲୋକଙ୍କ ବୟସ ବଢୁଛି ଏବଂ ଅନ୍ୟ ପଟେ ଜନସଂଖ୍ୟା ମଧ୍ୟ ହ୍ରାସ ପାଉଛି । ସ୍ମିଥ କହିଛନ୍ତି ଯେ, ୨୦୫୦ ସୁଦ୍ଧା ଏସିଆ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚାରି ଜଣଙ୍କ ମଧ୍ୟରୁ ଜଣଙ୍କର ବୟସ ୬୦ ବର୍ଷରୁ ଅଧିକ ହେବ ଓ ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ମହିଳା ହେବେ। ଯଦି କେବଳ ସଂଖ୍ୟା ଉପରେ ଧ୍ୟାନ ଦିଆଯାଏ ତେବେ ଏହା ବିପଦର ଘଣ୍ଟି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏହା ବୁଝିବାକୁ ହେବ ଯେ, ଲୋକଙ୍କ ବୟସ ବୃଦ୍ଧି ଏବଂ କମ ପ୍ରଜନନ ହେଉଛି ଏକ ସମସ୍ୟା। ଯାହାର ସମାଧାନ କାହାର ନିୟନ୍ତ୍ରଣରେ ନାହିଁ । ସେ କହିଛନ୍ତି ଯେ, ସେଗୁଡ଼ିକ ହେଉଛି ଜନସଂଖ୍ୟାଗତ ପରିବର୍ତ୍ତନ ଯାହା ମଣିଷ ନିଜ ଇତିହାସରେ ଲଗାତାର ଭାବରେ ଅନୁଭବ କରିଆସୁଛି ଏବଂ ଏହିପରି ପରିବର୍ତ୍ତନ ରାତାରାତି ହୁଏ ନାହିଁ । ସ୍ମିଥ କହିଛନ୍ତି, ସେଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ଓ ସମୟ ସମୟରେ ନିବେଶ କରିବାକୁ ପଡ଼ିବ। ଏହା ଏକାକୀ କରାଯାଇପାରିବ ନାହିଁ। ଆମକୁ ବଡ଼ ଆକାରକୁ ଦେବା ଆବଶ୍ୟକ। ବଢୁଥିବା ମାନବିକ ସଙ୍କଟ, ଦ୍ରୁତ ଜଳବାୟୁ ପରିବର୍ତ୍ତନ, ସହରୀକରଣ ବୃଦ୍ଧି, ସ୍ଥାନାନ୍ତରଣ ଏବଂ ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ବିକାଶ ଏହା ସମସ୍ତ ଲୋକଙ୍କୁ ତାଙ୍କ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରଭାବିତ କରୁଛି ।



## ମନ୍ଦିରରେ ପଡ଼େନି ପତ୍ର: ମାଟି ଉପରେ ପ୍ରସାଦ ସେବନ କରନ୍ତି ଭକ୍ତ

ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଭରପୂର ହୋଇ ରହିଛି ଆମ ଦେଶ ଭାରତ। ସମସ୍ତ ମନ୍ଦିରରେ ଥିବା କିଛି ନା କିଛି ପରମ୍ପରା ଏବଂ ସଂସ୍କୃତି ପାଇଁ ଭାରତ ଆଜି ବିଦେଶରେ ମଧ୍ୟ ପୂଜ୍ୟ ହୋଇ ରହିଛି। ସେହିଭଳି ଏକ ମନ୍ଦିର ହେଉଛି ଦକ୍ଷିଣ ଭାରତର ଏକ ମନ୍ଦିର । ଯେଉଁଠି ଖାଦ୍ୟ ବା ପ୍ରସାଦ ସେବନ ପାଇଁ କୌଣସି ପତ୍ର ପଡ଼େନାହିଁ। ଭକ୍ତମାନେ ଏଠାରେ ତଳେ ବା ଚଟାଣରେ ହିଁ ପ୍ରସାଦ ବାଢି ଖାଇଥାନ୍ତି। ଏଭଳି ଏକ ପରମ୍ପରା ପାଇଁ ଏହି ମନ୍ଦିର ଖୁବ ପ୍ରସିଦ୍ଧ ହୋଇପାରିଛି । ଦକ୍ଷିଣ ଭାରତର ପଶ୍ଚିମ ତଟ ଉଡ୍ଡପୀରେ ଅବସ୍ଥିତ ଶ୍ରୀକୃଷ୍ଣ ମଠ। ଏହାବ୍ୟତୀତ ଏହାକୁ ମନ୍ଦିରର ଭୂମି ବା ପରଶୁରାମ କ୍ଷେତ୍ର ବୋଲି ମଧ୍ୟ କୁହାଯାଏ ଏବଂ ଏଠାରେ ପ୍ରାଚୀନ ଚନ୍ଦ୍ରମୌଳୀଶ୍ୱର ଓ ଅନନ୍ତେଶ୍ୱର ମନ୍ଦିର ମଧ୍ୟ ଉପସ୍ଥିତ ରହିଛି। ତେବେ ଏହି ମନ୍ଦିରରେ ଭକ୍ତମାନେ ତଳେ ବସି ଚଟାଣରେ ପ୍ରସାଦ ସେବନ କରିବାର ପରମ୍ପରା ରହିଥିବା ଦେଖାଯାଇଛି। ଶ୍ରଦ୍ଧାଳୁମାନେ ନିଜ ତରଫରୁ ଏଭଳି ଦାବି କରିଥାନ୍ତି। କୌଣସି ମନୋସ୍କାମନା ପୂରଣ ହେବା ପରେ ଶ୍ରଦ୍ଧାଳୁ ଏଠାରେ ତଳେ ଖାଦ୍ୟ ପରସି ଖାଇଥାନ୍ତି ବୋଲି କୁହାଯାଇଛି। ଏହି ପ୍ରସାଦକୁ ପ୍ରସାଦମ ବା ନୈବେଦ୍ୟମ ବୋଲି ମଧ୍ୟ କୁହାଯାଏ। ମନ୍ଦିରର ଏହି ଚଟାଣକୁ କଳା କାଢ଼ପ୍ପା ପଥରରେ ନିର୍ମାଣ କରାଯାଇଛି। ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ମନ୍ଦିରର ଚାରିପାଖରେ ୮ଟି ମଠ ରହିଛି। ଏହି ମଠଗୁଡ଼ିକ ଜଣକ ପରେ ଜଣେ ମନ୍ଦିରର ରକ୍ଷଣାବେକ୍ଷଣ କରିଥାନ୍ତି। ନିକଟରେ ଶ୍ରୀକୃଷ୍ଣ ମଠକୁ ଆସୁଥିବା ପୁରୁଷ ତଥା ମହିଳା ଭକ୍ତମାନଙ୍କ ପାଇଁ ନୂଆ ନିୟମ କରାଯାଇଛି। ମହିଳାମାନେ ଏଠାକୁ ଆସିଲେ ଶାଢୀ ବା ସାଲଓ୍ୱାର କମିଜ ପିନ୍ଧି ଆସିବେ ଏବଂ ପୁରୁଷମାନଙ୍କ ପାଇଁ ଧୋତୀ ବାଧ୍ୟତାମୂଳକ କରାଯାଇଛି। ମନ୍ଦିରର ପ୍ରବେଶ ଦ୍ୱାର ପୂର୍ବରୁ ଏକ ବିଶାଳ ଗୋପୁରମ ଝରକା ଦେଖାଯାଏ। ଏହା ବାସ୍ତୁକଳାର ଦ୍ରାବିଡ଼ ଶୈଳୀରେ ପ୍ରସ୍ତୁତ କରାଯାଇଛି। ଏହି ଝରକା ମାଧ୍ୟମରେ ସିଧାସଳଖ ଭଗବାନଙ୍କ ଦର୍ଶନ କରିପାରିବେ ଭକ୍ତ। କୁହାଯାଏ ଯେ, ଶ୍ରୀକୃଷ୍ଣଙ୍କ ପ୍ରକୃତ ଭକ୍ତ କନକଦାସ। ଏହି ମନ୍ଦିରକୁ ଆସିଥିବା ବେଳେ ତାଙ୍କୁ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇ ନଥିଲା। ଏହାପରେ ସେ ଠାକୁରଙ୍କୁ ପ୍ରାର୍ଥନା କରିବାରୁ ଶ୍ରୀକୃଷ୍ଣ ତାଙ୍କ ଆଡ଼କୁ ବୁଲି ଯାଇଥିବା କୁହାଯାଉଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ କରିବା ପୂର୍ବରୁ ଏହି ଝରକା ବାଟ ଦେଇ ଭଗବାନଙ୍କୁ ଦର୍ଶନ କରିଥାନ୍ତି ।



## ମସ୍ତିଷ୍କ ପାଇଁ ହୋଇପାରେ କ୍ଷତିକାରକ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା

ଜେଏଏମ୍‌ଏ ନ୍ୟୁରୋଲୋଜି ଅନୁଯାୟୀ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ରିସର୍ଚ୍ଚରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଉପରେ ଅନୁସନ୍ଧାନ ହୋଇଥିଲା, ଯେଉଁଥିରେ ସମାନ ଫଳାଫଳ ଦେଖିବାକୁ ମିଳିଥିଲା ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ପିଜା, ବରଗର, ପ୍ରସ୍ତୁତ ଖାଦ୍ୟ ଖାଇବା ଯେପରିକି ଫ୍ରିଜ ଭୋଜନ, ତରକାରୀ ଇତ୍ୟାଦି ସାମିଲ। ଆଜିର ସମୟରେ, ଲୋକମାନେ କେବଳ ଏପରି ଖାଦ୍ୟ ଖାଇବାକୁ ସକ୍ଷମ ଅଟନ୍ତି, ଯାହା ଶୀଘ୍ର ପ୍ରସ୍ତୁତ ହୋଇପାରିବ।

ସମୟର ଅଭାବ ହେତୁ, ଲୋକଙ୍କୁ ତାଜା ଖାଦ୍ୟ ପ୍ରସ୍ତୁତ ଏବଂ ଖାଇବାକୁ ମଧ୍ୟ ସମୟ ନାହିଁ । କିନ୍ତୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ। ଏହି ସତ୍ୟକୁ ଆଲୋକିତ କରିବା ପାଇଁ ଗବେଷଣା କରାଯାଇଥିଲା ପ୍ରତ୍ୟେକ କୋଣରେ ଖୋଲିଥିବା ଆଉଟଲେଟ ଗୁଡିକରେ ତୁମେ ଯାହା ଅର୍ଡର କର, ତୁମର ମୋଟ କ୍ୟାଲୋରୀ ୫୦୦ରୁ ଅଧିକ ହେବ। ଏହି ବିଷୟ ଉପରେ ସୂଚନା ଦେଇଛନ୍ତି ଲକ୍ଷ୍ନୌ କେୟାର ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସ, ଏମଡି ଚିକିତ୍ସକ ଡକ୍ଟର ସୀମା ଯାଦବ। **ପ୍ରକ୍ରିୟାକୃତ ଖାଦ୍ୟ କଣ ? :** ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ଚିପ୍ସ, ସ୍ନାକ୍ସ, କୋଲ୍ଡ ପାନୀୟ, ଫ୍ରିଜ ପିଜା କିମ୍ବା ଫ୍ରିଜ ଖାଦ୍ୟ ଇତ୍ୟାଦି ସାମିଲ। ଏହା ବ୍ୟତୀତ ଚକୋଲେଟ୍, କାଣ୍ଡି, ଆଇସ୍କ୍ରିମ୍, ହଟଡଗ୍, ଚିକେନ ନାଗେଟ ମଧ୍ୟ ପ୍ରକ୍ରିୟାକୃତ ଖାଦ୍ୟରେ ଆସେ। ଅଲଟ୍ରାପ୍ରୋସେସିଡ ଖାଦ୍ୟରେ କ୍ୟାଲୋରୀ ଅଧିକ, ଯାହା ମେଦବହୁଳତା, ହୃଦ ରୋଗ, ମଧୁମେହ ଇତ୍ୟାଦି ରୋଗର ଆଶଙ୍କା ବଢ଼ିଥାଏ। **ପ୍ରକ୍ରିୟାକୃତ ଖାଦ୍ୟ ମସ୍ତିଷ୍କକୁ ଦୁର୍ବଳ କରିଥାଏ :** ଏହି ଅନୁସନ୍ଧାନରେ, ଯେଉଁମାନେ ପ୍ରକ୍ରିୟାକୃତ ଖାଦ୍ୟ ଖାଉଥିଲେ, ସେମାନଙ୍କର ଚିନ୍ତା କରିବାର ଏବଂ ବୁଝିବାର କ୍ଷମତା ଅଧିକ ହ୍ରାସ ପାଇଥିବାର ଦେଖାଯାଇଥିଲା। ଅନୁସନ୍ଧାନରେ ଏହା ମଧ୍ୟ କୁହାଯାଇଛି ଯେ ଯେଉଁମାନେ ଦୈନିକ କ୍ୟାଲୋରୀରେ ୨୦ ପ୍ରତିଶତରୁ ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ଖାଆନ୍ତି, ସେମାନେ ଗୁରୁତର ରୋଗର ଶିକାର ହୋଇପାରନ୍ତି। ଅନୁସନ୍ଧାନରେ କୁହାଯାଇଛି ଯେ ପ୍ରକ୍ରିୟାକୃତ ଖାଦ୍ୟ ଆମ ମସ୍ତିଷ୍କ ପାଇଁ କ୍ଷତିକାରକ। ଅଧ୍ୟୟନ ଅନୁଯାୟୀ, ଆମର ନିଷ୍ପତ୍ତି ନେବା କ୍ଷମତା ଉପରେ ଏହାର ସିଧାସଳଖ ପ୍ରଭାବ ପଡିଥାଏ। ପ୍ରକ୍ରିୟାକୃତ ଖାଦ୍ୟ ଖାଦ୍ୟର ଗୁଣବତ୍ତା ମଧ୍ୟ ହ୍ରାସ କରେ। ଏହି କାରଣରୁ, ଆମ ଶରୀର ଖାଇବା ପରେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇ ନଥାଏ। ଅନୁସନ୍ଧାନରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଉତ୍ତମ ଗୁଣାତ୍ମକ ଖାଦ୍ୟ ସହିତ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମଧ୍ୟ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ ଏବଂ ଖାଦ୍ୟର ପୁଷ୍ଟିକର ଖାଦ୍ୟ ମଧ୍ୟ କମିଯାଏ। ଏହି ଅଧ୍ୟୟନ ପାଇଁ ଦଶ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା, ଯାହା ଉପରେ ଗତ ୧୦ ବର୍ଷ ଧରି ଅନୁସନ୍ଧାନ କରାଯାଉଥିଲା। ଏହି ଲୋକଙ୍କ ବୟସ ୫୧ ବା ତାଠାରୁ କମ ଥିଲା। ମନର ଦକ୍ଷତା ପରୀକ୍ଷା କରିବାକୁ ଡାକ୍ତରମାନେ ଶବ୍ଦ ଚିହ୍ନିବା, ମୋକ ପରୀକ୍ଷା, ଶବ୍ଦ ପ୍ରତ୍ୟାହାର ପରୀକ୍ଷା ନେଇଥିଲେ। ସାନ ଡିଏଗୋରେ ୨୦୨୨ ଆଲଜାଇମର ଆସୋସିଏସନ ଆନ୍ତର୍ଜାତୀୟ ସମ୍ମିଳନୀରେ ଏହି ଅଧ୍ୟୟନ ଉପସ୍ଥାପିତ ହୋଇଥିଲା। ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ୪୮ ପ୍ରତିଶତ କ୍ୟାଲୋରୀ, ବ୍ରିଟିଶ ନାଗରିକଙ୍କ ଦ୍ୱାରା ୫୬.୮ ପ୍ରତିଶତ କ୍ୟାଲୋରୀ ଏବଂ କାନାଡିୟମାନଙ୍କ ଦ୍ୱାରା ଖାଉଥିବା ୪୮ ପ୍ରତିଶତ କ୍ୟାଲୋରୀ ପ୍ରକ୍ରିୟାକୃତ ଖାଦ୍ୟରୁ ଆସିଥାଏ। ତେଣୁ ଏହାକୁ ଖାଇବା ଠାରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଥିଲେ।

# ଦୀର୍ଘାୟୁ ହେବାର ମନ୍ତ୍ର



ଶ୍ରୀ ଭଗବାନ ବେହେରା ଯିଏକି ବର୍ତ୍ତମାନ ୧୦୪ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ସେ ୧୯୨୦ ମସିହାରେ କଟକ ଜିଲ୍ଲାର ବଡମ୍ବା ବନମାଳୀପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଏକ ଗରୀବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସମାଜ ପ୍ରତି ତାଙ୍କର ଦାନ ଥିଲା ଅତୁଳନୀୟ। ସେତେବେଳେ ବଡମ୍ବାରେ ରାଜାରାଜୁଡା ସାଶନ ଚାଲିଥିଲେ ମଧ୍ୟ ସେ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଅଞ୍ଚଳର ଯୁବକଙ୍କୁ ଏକାଠି କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତି ପରେ ସେ ଦେଶସେବା କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ବୟସରୁ ସେ ନିଜ ଅଞ୍ଚଳର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିଆସୁଥିଲେ। ଯାତାୟତ ସୁବିଧା ପାଇଁ ସେ ରାସ୍ତା ନିର୍ମାଣ ସହ ପୋଖରୀରୁ ପଙ୍କୋଦ୍ଧାର ପରି ସମାଜସେବା କାମରେ ଦିନରାତି ଲାଗିରହିଥିଲେ। ଶ୍ରୀ ବେହେରା ଗ୍ରାମବାସୀଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଯତ୍ନବାନ ଥିଲେ। ତାଙ୍କ ଗ୍ରାମରେ ହାଇସ୍କୁଲ ନ ଥିବାରୁ ପିଲାମାନଙ୍କୁ ୫ କିଲୋମିଟର ଦୂରକୁ ଯାଇ ପାଠ ପଢିବାକୁ ପଡୁଥିଲା। ଏଥିପାଇଁ ପିଲାମାନେ ଅନେକ ଅସୁବିଧା ଭୋଗୁଥିଲେ। ଏହି ଅସୁବିଧାକୁ ହୃଦୟଙ୍ଗମ କରି ସେ ୧୯୯୦ ମସିହାରେ ନିଜ ଗ୍ରାମରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିବା ପାଇଁ ଜମି ଏବଂ ଅର୍ଥ ଦାନ କରିଥିଲେ ଯାହା ଏବେ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇପାରିଛି। ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସେ ରାସ୍ତାକଡ ଏବଂ ଅନାବାଦୀ ଜମିରେ ବୃକ୍ଷରୋପଣ ପାଇଁ ଯୁବକମାନଙ୍କୁ ପ୍ରେରିତ କରିବା ସହ ବୃକ୍ଷ କଟାକୁ ବିରୋଧ କରୁଥିଲେ। ଟ୍ରାଡିସନାଲ ବାଦ୍ୟଯନ୍ତ୍ରରେ ସେ ଅତ୍ୟନ୍ତ ଅଭିଜ୍ଞ । ଖୋଳ, ପଖଉଜ, ଖଞ୍ଜଣି ଇତ୍ୟାଦି ବାଦ୍ୟଯନ୍ତ୍ର ଶିକ୍ଷା ଦେଇ ସେ ଅନେକ ପ୍ରତିଭାବାନଙ୍କୁ ରୋଜଗାରର ନୂଆ ରାହା ଦେଖେଇଛନ୍ତି। ଏହି ସବୁ ବାଦ୍ୟଯନ୍ତ୍ର ଗୁଡିକର ଲୁପ୍ତ ହୋଇଆସୁଥିବା କଳାକୁ ବଂଚାଇ ରଖିବା ପାଇଁ ସେ ବର୍ତ୍ତମାନ ୧୦୪ ବର୍ଷରେ ସୁଦ୍ଧା ଲୋକଙ୍କୁ ଶିଖେଇବା ପ୍ରୟାସ ଜାରି ରଖିଛନ୍ତି। ଅନ୍ୟମାନଙ୍କ ବାରଣ ସତ୍ତ୍ୱେ ସେ ଅନୁସୂଚିତ ଜନଜାତିଙ୍କ ବସ୍ତିକୁ ଯାଇ ସେମାନଙ୍କୁ ବାଦ୍ୟଯନ୍ତ୍ର ଶିକ୍ଷା ଦିଅନ୍ତି ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସେ ଅନର୍ଗଳ ଭାଗବତ ପାଠ କରିପାରନ୍ତି। ତାଙ୍କ ଭାଗବତ ପାଠରେ ମୁଗ୍ଧ ହୋଇ ଅନେକ ଅନୁଷ୍ଠାନ ତାଙ୍କୁ ପୁରସ୍କୃତ ଓ ସମ୍ମାନୀତ କରିଛନ୍ତି। ଗ୍ରାମାଞ୍ଚଳର ପଶାପାଲି ଖେଳର ସେ ଜଣେ ବିଶାରଦ। ଏହି ଖେଳରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ସେ ଅନେକ ଥର ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ନିଜ ଗ୍ରାମର କଳହକୁ ନିଜେ ନ୍ୟାୟିକ ଭାବେ ସମାଧାନ କରିଦିଅନ୍ତି। ଗ୍ରାମକୁ କେବେ ପୋଲିସ କିମ୍ବା କୋର୍ଟ କଚେରୀରୁ ଦୂରେଇ ରଖନ୍ତି। ଗ୍ରାମର ଲୋକମାନେ ତାଙ୍କୁ ଅତ୍ୟନ୍ତ ସମ୍ମାନ ଦେଖାଉଥିବାରୁ ତାଙ୍କ ନିଷ୍ପତ୍ତିକୁ ସସମ୍ମାନେ ଗ୍ରହଣ କରିନିଅନ୍ତି। ଆୟୁର୍ବେଦ ଚିକିତ୍ସା ଉପରେ ମଧ୍ୟ ତାଙ୍କର ଗଭୀର ଜ୍ଞାନ ରହିଛି। ବିଭିନ୍ନ ପ୍ରକାର ଚେରମୂଳୀ ପ୍ରୟୋଗରେ ଅନେକ ରୋଗର ଚିକିତ୍ସା କରନ୍ତି। ତାଙ୍କ ଗ୍ରାମରେ ହେଉଥିବା ରାସୋତ୍ସବ ଏବେ ବି ତାଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଉଛି। ସେ ନିଜ କର୍ତ୍ତବ୍ୟ ପାଳନକୁ ପ୍ରାଧାନ୍ୟ ଦେଇ ଏଯାଏଁ ଏକ ସୁସ୍ଥ ଜୀବନ ଜିଇଁଆସିଛନ୍ତି। ତାଙ୍କ ଜୀବନଚର୍ଯ୍ୟା- ସେ ପ୍ରତିଦିନ ଭୋର ୫.୦୦ଟାରେ ଉଠି ନିତ୍ୟକର୍ମ ସମାପ୍ତି ପରେ ଠାକୁର ପୂଜା କରନ୍ତି। ପ୍ରାୟ ଘଣ୍ଟାଏ ଯାଏ ଭାଗବତ ପାଠ ଓ ଅନ୍ୟାନ୍ୟ ମନ୍ତ୍ରପାଠ କରନ୍ତି। ପୂଜା ପରେ ଚା'ମୁଢି କିମ୍ବା ଛତୁଆ ଖାଇ ଦିନ ଆରମ୍ଭ କରନ୍ତି। ପ୍ରତି କଥାରେ ସେ ସଞ୍ଜମୀ ଏବଂ ସମୟାନୁବର୍ତ୍ତୀ। ଦିନ ୧୧.୩୦ରୁ ୧୨ଟା ମଧ୍ୟରେ ତାଙ୍କର ମଧ୍ୟାହ୍ନ ଭୋଜନ ଶେଷ ହୁଏ। ନିରାମିଷ ଖାଦ୍ୟକୁ ସେ ପ୍ରାଧାନ୍ୟ ଦିଅନ୍ତି। ଦିନସାରା ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ବ୍ୟସ୍ତ ରୁହନ୍ତି। ଅପରାହ୍ଣ ୪.୦୦ଟାରୁ ୪.୩୦ ମଧ୍ୟରେ କିଛି ଫଳ ଏବଂ ବିସ୍କୁଟ ଖାଇଥାନ୍ତି। ସନ୍ଧ୍ୟା ସମୟରେ ଠାକୁର ଭଜନ ସହ ବିଭିନ୍ନ ସ୍ତୋତ୍ର ପାଠ କରିଥାନ୍ତି। ଏହି ସମୟରେ ଗ୍ରାମର କିଛି ଲୋକଙ୍କ ସହ ରାମାୟଣ, ମହାଭାରତ, ଭାଗବତ ଇତ୍ୟାଦି ବିଷୟରେ ଆଲୋଚନା କରିଥାନ୍ତି। ରାତ୍ରି ୭.୩୦ମଧ୍ୟରେ ତାଙ୍କର ରାତ୍ରୀଭୋଜନ ଶେଷ ହୁଏ। ରାତ୍ର ଭୋଜନରେ ସେ ରୁଟି କ୍ଷୀର କିମ୍ବା ରୁଟି ଛେନା ଖାଇଥାନ୍ତି। ସମୟକୁ ଅତ୍ୟନ୍ତ ମହତ୍ତ୍ୱ ଦେଉଥିବା ୧୦୪ ବର୍ଷୀୟ ଶ୍ରୀ ବେହେରାଙ୍କ ଆଦର୍ଶମୟ ଜୀବନ ଅନ୍ୟମାନଙ୍କ ପାଇଁ ଉଦାହରଣ ଅଟେ।

# କମନଓ୍ୱେଲଥ୍ ଗେମ୍ସରୁ ହକି, କ୍ରିକେଟ, କୁସ୍ତି ଓ ଶୁଟିଂ ସମେତ ବାଦ୍ ପଡ଼ିଲା ୯ ଇଭେଣ୍ଟ

**ନୂଆଦିଲ୍ଲୀ**

ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ହେବାକୁ ଥିବା କମନଓ୍ୱେଲଥ ଗେମ୍ସ ୨୦୨୬ ଆରମ୍ଭ ହେବା ପୂର୍ବରୁ ଭାରତକୁ ଲାଗିଛି ବଡ଼ ଝଟ୍‌କା। ୨୦୨୬ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଗ୍ଲାସ୍‌ଗୋରେ ହେବାକୁ ଥିବା ଏହି ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରୁ ୯ଟି ଖେଳକୁ ବାଦ୍ ଦିଆଯାଇଛି, ଯାହା ଭାରତର ବହୁ ସଂଖ୍ୟାର ମେଡାଲ ଆଶାକୁ କ୍ଷୀଣ କରିଦେଇଛି।

ସବୁଠାରୁ ବଡ଼ କଥା ହେଉଛି, ଭାରତୀୟ ଆଥ୍‌ଲେଟଙ୍କ ଦବ୍‌ଦବା ରହିଥିବା ଖେଳ ଯଥା- ହକି, ବ୍ୟାଡ୍‌ମିଣ୍ଟନ, କୁସ୍ତି, ଶୁଟିଂ ଆଦି କ୍ରୀଡ଼ାକୁ ଇଭେଣ୍ଟରୁ ବାଦ୍ ଦିଆଯାଇଛି। ଟେବୁଲ ଟେନିସ୍, ସ୍କ୍ୱାଶ, ରୋଡ୍ ରେସିଂ ଭଳି ଖେଳଗୁଡ଼ିକୁ ମଧ୍ୟ ଇଭେଣ୍ଟରୁ ବାଦ୍ ଦିଆଯାଇଛି। ଫଳରେ ଭାରତର ମେଡାଲ ସଂଖ୍ୟା ପ୍ରଭାବିତ ହେବାର ଆଶଙ୍କା କରାଯାଉଛି।

୧୯ ବଦଳରେ ହେବ ୧୦ ଖେଳ : କମନଓ୍ୱେଲଥ ଗେମ୍ସ ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ପୂର୍ବରୁ ୨୦୨୨ରେ ବର୍ମିଂହାମରେ ଅନୁଷ୍ଠିତ ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରେ ୧୯ଟି ଖେଳ ସାମିଲ ଥିଲା। ହେଲେ ଏବେ ୨୦୨୬ ସଂସ୍କରଣ ପାଇଁ ଏହି ସଂଖ୍ୟାକୁ ୧୦ କରିଦିଆଯାଇଛି। ୨୦୧୪ରେ ଶେଷ ଥର ପାଇଁ ଗ୍ଲାସ୍‌ଗୋରେ ରାଷ୍ଟ୍ରମଣ୍ଡଳ କ୍ରୀଡ଼ା ଆୟୋଜିତ ହୋଇଥିଲା। ୨୦୨୬ ସଂସ୍କରଣ ଆୟୋଜନ ଅଧିକାର ଭିକ୍ଟୋରିଆ ପାଖରେ ରହିଥିଲା। ହେଲେ ଆର୍ଥିକ ଅସ୍ୱଚ୍ଛଳତା ଦର୍ଶାଇ ଆୟୋଜନ ଅଧିକାର ନିଜ ହାତରୁ ଛାଡ଼ିଦେଇଥିଲା ଭିକ୍ଟୋରିଆ। ଶେଷରେ ୧୨ ବର୍ଷ ପରେ ପୁଣିଥରେ




ଗ୍ଲାସ୍‌ଗୋ ସିଟିକୁ କମନଓ୍ୱେଲଥ ଗେମ୍ସ ଫେରିଛି। ଇଭେଣ୍ଟକୁ ଆର୍ଥିକ-ଅନୁକୂଳ କରିବା ପାଇଁ ୯ଟି କ୍ରୀଡ଼ାକୁ ଏଥିରୁ ବାଦ୍ ଦିଆଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

କମନଓ୍ୱେଲଥ ଗେମ୍ସରେ ଭାରତର ପ୍ରଦର୍ଶନ ବେଶ ଦୃଢ଼ ହୋଇଛି। ବିଶେଷ କରି ବର୍ତ୍ତମାନ ଇଭେଣ୍ଟରୁ ଅପସାରିତ ହୋଇଥିବା କ୍ରୀଡ଼ାରେ ଭାରତକୁ ଅଧିକ ସଫଳତା ମିଳିଛି। ହକି, ବ୍ୟାଡ୍‌ମିଣ୍ଟନ, ଶୁଟିଂ ଏବଂ କୁସ୍ତିରେ ଦେଶ ବହୁ ସଂଖ୍ୟାରେ ପଦକ ଜିତିଛି, ହେଲେ ଏସବୁ ଖେଳ ଆଗାମୀ ସଂସ୍କରଣରେ ସ୍ଥାନ ପାଇବ ନାହିଁ। ତେବେ ଆଗାମୀ ସଂସ୍କରଣରୁ ଶୁଟିଂକୁ ବାଦ୍ ଦେବା ଦେଶ ପାଇଁ ବିଶେଷ କ୍ଷତିକାରକ। କାରଣ ଭାରତ ଶୁଟିଂରେ ଶ୍ରେଷ୍ଠ ପ୍ରଦର୍ଶନ ସହ କମନଓ୍ୱେଲଥ୍ ଗେମ୍ସରୁ ୬୩ଟି ସ୍ୱର୍ଣ୍ଣ ସମେତ ୧୩୫ ପଦକ ହାସଲ କରିଛି, ଫଳରେ ଏହି ଇଭେଣ୍ଟରେ ଶୁଟିଂ ଦେଶର ଅନ୍ୟତମ ସଫଳ କ୍ରୀଡ଼ା ଭାବରେ ପରିଗଣିତ ହୋଇଛି। ବିଭିନ୍ନ ବର୍ଗରେ ୧୧୪ ପଦକ ସହିତ ରେସଲିଂ ମଧ୍ୟ ଭାରତ ପାଇଁ ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରେ ଏକ ସଫଳ ଖେଳ ହୋଇପାରିଛି।

ସେହିପରି ଇଭେଣ୍ଟରୁ ହକିକୁ ବାଦ୍ ଦେବା ଭାରତ ପାଇଁ ଆଉ ଏକ ଝଟ୍‌କା, କାରଣ ଭାରତର ପୁରୁଷ ଦଳ ୨୦୧୦, ୨୦୧୪ ଓ ୨୦୨୨ରେ ଏହି ଇଭେଣ୍ଟର ଫାଇନାଲରେ ପହଞ୍ଚି ରୌପ୍ୟ ପଦକ ହାସଲ କରିଥିଲା। ଏହା ବ୍ୟତୀତ ହକିରେ ଦେଶକୁ ପୁରୁଷ ଦଳ ଦୁଇଟି କାଂସ୍ୟ ପଦକ ମଧ୍ୟ ଆଣିଥିଲେ।

ମହିଳା ହକି ଦଳର ପ୍ରଦର୍ଶନ ମଧ୍ୟ କମନଓ୍ୱେଲଥ ଗେମ୍ସରେ ଉଲ୍ଲେଖନୀୟ ଥିଲା। ୨୦୦୨ରେ ଫାଇନାଲରେ ପହଞ୍ଚି ଐତିହାସିକ ସ୍ୱର୍ଣ୍ଣ ସହିତ ୨୦୦୬ରେ ରୌପ୍ୟ ଓ ୨୦୨୨ରେ କାଂସ୍ୟ ପଦକ ଦେଶକୁ ଭେଟି ଦେଇଥିଲେ ଭାରତୀୟ ମହିଳା ହକି ଦଳ। ୧୦ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ, ଓ ୧୩ଟି କାଂସ୍ୟ ସହ ଭାରତ ୩୧ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳ ମଧ୍ୟ ଆଉ କମନଓ୍ୱେଲଥ ଗେମ୍ସର ଅଂଶ ହୋଇ ରହିବ ନାହିଁ।

## ମୋଟାପଣ କାରଣରୁ ପୃଥ୍ୱୀ ଶ'ଙ୍କୁ ଦଳରୁ ବାହାର କଲା ମୁମ୍ବାଇ



**ମୁମ୍ବାଇ**

ଯୁବ ବ୍ୟାଟର ପୃଥ୍ୱୀ ଶ'ଙ୍କୁ ଲାଗିଛି ପୁଣି ଏକ ବଡ଼ ଝଟ୍‌କା। ଏହି ଡାହାଣହାତି ବ୍ୟାଟରଙ୍କୁ ରଣଜୀ ଦଳରୁ ବାହାର କରିଦେଇଛି ମୁମ୍ବାଇ। ଅତ୍ୟଧିକ ମୋଟାପଣ କାରଣରୁ ତାଙ୍କୁ ଏଭଳି ଦଣ୍ଡ ମିଳିଛି ଏବଂ ଫିଟ୍‌ନେସ୍ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ରଣଜୀ ଟ୍ରଫି ପାଇଁ ମୁମ୍ବାଇ ଟିମ୍ ପରିଚାଳନା କମିଟି ପୃଥ୍ୱୀ ଶ'ଙ୍କୁ ଦଳରୁ ବାହାର କରିବାର କୌଣସି ସଠିକ୍ କାରଣ କହିନାହିଁ। ହେଲେ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଚୟନକର୍ତ୍ତା ଫିଟ୍‌ନେସ୍ ଓ ଅନୁଶାସନକୁ ନେଇ ତାଙ୍କ ଉପରେ ଖୁସି ନାହାନ୍ତି।

ପୃଥ୍ୱୀ ଶ'ଙ୍କୁ କଠିନ ପରିଶ୍ରମ କରିବା ଜରୁରୀ : ସଞ୍ଜୟ ପାଟିଲ (ଅଧ୍ୟକ୍ଷ), ରବି ଠାକୁର, ଜିତେନ୍ଦ୍ର ଠାକରେ, କିରଣ ପାଓ୍ୱାର ଏବଂ ବିକ୍ରାନ୍ତ ୟେଲିଗେଟିଙ୍କୁ ନେଇ ଗଠିତ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ଚୟନ କମିଟି ଆଗାମୀ ମ୍ୟାଚ୍ ପାଇଁ ଦଳରୁ ପୃଥ୍ୱୀ ଶ'ଙ୍କୁ ବାହାର କରିବାକୁ ନିଷ୍ପତ୍ତି ନେଇଛି। ୨୬ରୁ ୨୯ ଅକ୍ଟୋବର ପର୍ଯ୍ୟନ୍ତ ତ୍ରିପୁରା ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ମୁମ୍ବାଇ ଦଳ ଅଗରତାଲା ଗସ୍ତ କରିବ। ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ, ୨୪ ବର୍ଷୀୟ ଖେଳାଳିଙ୍କ ଶରୀରରେ ୩୫ ପ୍ରତିଶତ ଚର୍ବି ରହିଛି ଏବଂ ତାଙ୍କୁ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ଦଳ ପରିଚାଳନା ଏମସିଏକୁ ସୂଚନା ଦେଇଛି।

ରଣଜୀ ଟ୍ରଫି ୨୦୨୪ରେ ୨ଟି ମ୍ୟାଚ୍‌ରେ ୪ ଇନିଂସ ଖେଳି ପୃଥ୍ୱୀ ଶ' ଏପର୍ଯ୍ୟନ୍ତ ଯଥାକ୍ରମେ ୭, ୧୨, ୧ ଏବଂ ଅପରାଜିତ ୩୯ ରନ କରିଛନ୍ତି। ସେ ୨୦୧୮ରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ପାଇଁ ପଦାର୍ପଣ କରିଥିଲେ, କିନ୍ତୁ ବ୍ୟକ୍ତିଗତ ସମସ୍ୟା କାରଣରୁ ତାଙ୍କ କ୍ୟାରିୟର ଆଗକୁ ବଢ଼ିପାରିନଥିଲା। ଭାରତୀୟ ଦଳ ପାଇଁ ସେ ୬ଟି ଏକଦିବସୀୟ ମ୍ୟାଚ୍ ଖେଳି ୧୮୯ ରନ୍ ଏବଂ ୯ ଟେଷ୍ଟ ମ୍ୟାଚ୍ ଖେଳି ୪୨.୩୭ ହାରରେ ୩୩୯ ରନ୍ ସଂଗ୍ରହ କରିଛନ୍ତି।

## ନ୍ୟୁଜିଲାଣ୍ଡ ସିରିଜ୍ ଭିତରେ ବାପା ହେଲେ ସର୍ଫରାଜ ଖାନ



**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଉଥିବା ଟେଷ୍ଟ ସିରିଜ୍‌ରେ ବାପା ହୋଇଛନ୍ତି ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି। ଏହି ଖେଳାଳି ଗତ ବର୍ଷ କାଶ୍ମୀରୀ ଝିଅକୁ ବିବାହ କରିଥିଲେ। ଏବେ ଖେଳାଳି ଜଣଙ୍କ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକମାନଙ୍କୁ ଏହି ଖୁସି ଖବର ଦେଇଛନ୍ତି।

ଟିମ୍ ଇଣ୍ଡିଆ ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ ୨୪ ଅକ୍ଟୋବରରୁ ଖେଳାଯିବ। ଏହି ସମୟରେ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟରଙ୍କୁ ନେଇ ଆସିଛି ବଡ ଅପଡେଟ୍। ଦଳର ଯୁବ ବ୍ୟାଟ୍ସମ୍ୟାନ ସର୍ଫରାଜ ଖାନ ବାପା ହୋଇଛନ୍ତି। ସରଫରାଜ ଖାନ୍‌ଙ୍କ ପତ୍ନୀ ରୋମାନା ଜାହୋର ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଏହି ପୋଷ୍ଟକୁ ନିଜ ଇନଷ୍ଟାଗ୍ରାମରେ ସେୟାର କରି ସରଫରାଜ ଏହି ସୂଚନା ଦେଇଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଉଥିବା ଟେଷ୍ଟ ସିରିଜ୍‌ରେ ସର୍ଫରାଜ ଖାନ ଟିମ୍ ଇଣ୍ଡିଆର ଏକ ଅଂଶ। ଏବେ ତାଙ୍କ ଖୁସି ପୂରା ଡବଲ। କାରଣ ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସେ ଡେବ୍ୟୁରେ ଶତକୀୟ ପାଳି ଖେଳିଥିଲେ।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦଳରେ ଇଶାନ କିଶନଙ୍କୁ ସାମିଲ କଲା ବିସିସିଆଇ

**ନୂଆଦିଲ୍ଲୀ**

ବିସିସିଆଇ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଇଣ୍ଡିଆ ଏ ଟିମ୍ ଘୋଷଣା କରିଛି। ଇଶାନ କିଶନଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିଛି। ତାଙ୍କୁ ୧୫ ଜଣିଆ ଇଣ୍ଡିଆ ଏ ଦଳରେ ୱିକେଟ କିପର ବ୍ୟାଟର ଭାବେ ଦଳରେ ସାମିଲ କରାଯାଇଛି। ଋତୁରାଜ ଗାଏକ୍ୱାଡ୍ ଇଣ୍ଡିଆ ଏ'ର ଅଧିନାୟକତ୍ୱ ସମ୍ଭାଳିବେ। ଅଭିମନ୍ୟୁ ଈଶ୍ୱରନଙ୍କୁ ଉପ ଅଧିନାୟକ କରାଯାଇଛି।

୨୬ ବର୍ଷୀୟ ଇଶାନ ଦୀର୍ଘ ସମୟରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଦୂରରେ ଅଛନ୍ତି। ସେ ଗତ ବର୍ଷ ନଭେମ୍ବରରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୨୦୨୩ ଶେଷ ଆଡ଼କୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଅଚାନକ ହଟି ଯାଇଥିଲେ। ଏହାପରେ ଭାରତୀୟ ଜାତୀୟ ଦଳରେ ଆଉ ତାଙ୍କୁ ଚୟନ କରାଯାଇ ନ ଥିଲା। ପୁଣି ଇଶାନ ଘରୋଇ କ୍ରିକେଟ୍‌ରୁ ଦୂରେଇ ରହିବା କାରଣରୁ ବିବାଦରେ ରହିଥିଲେ। ତାଙ୍କର ଏମିତି ଆଭିମୁଖ୍ୟ ପ୍ରତି ବିସିସିଆଇ ଅସନ୍ତୋଷ ପ୍ରକାଶ କରିଥିଲା।

ଏପରିକି ବିସିସିଆଇ ୨୦୨୪ ଫେବୃଆରୀରେ ଇଶାନଙ୍କୁ କେନ୍ଦ୍ରୀୟ ଅନୁବନ୍ଧରୁ ବାଦ୍ ଦେଇଥିଲା। ନିକଟରେ ଘରୋଇ କ୍ରିକେଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇଶାନଙ୍କ ଭାରତୀୟ ଏ ଦଳକୁ ଫେରିବା ତାଙ୍କ ଭବିଷ୍ୟତକୁ ନେଇ ବଡ଼ ସଙ୍କେତ ରହିଛି। କୁହାଯାଉଛି ଇଶାନ ଯଦି ଅଷ୍ଟ୍ରେଲିଆରେ ପ୍ରଭାବଶାଳୀ ପ୍ରଦର୍ଶନ କରନ୍ତି, ତେବେ ତାଙ୍କର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିପାରେ।




ଇଣ୍ଡିଆ ଏର ଅଷ୍ଟ୍ରେଲିଆ ଏ ସହ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ରହିଛି। ପ୍ରଥମ ମ୍ୟାଚ୍ ଅକ୍ଟୋବର ୩୧ରୁ ମକାୟ ଓ ନଭେମ୍ବର ୭ରୁ ଦ୍ୱିତୀୟ ମ୍ୟାଚ୍ ମେଲବର୍ଣ୍ଣରେ ଖେଳାଯିବ। ଏହା ପରେ ଇଣ୍ଡିଆ ଏ ଓ ଭାରତୀୟ ଜାତୀୟ ଦଳ ମଧ୍ୟରେ ପର୍ଥରେ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍ ଖେଳିବ। ଏହି ମୁକାବିଲା ନଭେମ୍ବର ୧୫ରୁ ଆରମ୍ଭ ହେବ। ଏହା ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ନଭେମ୍ବର ୨୨ରୁ ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବ।

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଇଣ୍ଡିଆ ଏ' ଟିମ୍ : ଋତୁରାଜ ଗାଏକ୍ୱାଡ୍ (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ(ଉପ ଅଧିନାୟକ), ସାଇ ସୁଦର୍ଶନ, ଇଶାନ କିଶନ (ୱିକେଟ କିପର), ନୀତିଶ କୁମାର ରେଡ୍ଡୀ, ଦେବଦତ୍ତ ପାଡିକଲ, ରିକି ଭୁଇ, ବାବା ଇନ୍ଦ୍ରଜିତ, ନବଦୀପ ସାଇନି, ମାନବ ସୁଥାର, ତନୁଷ କୋଟିଆନ, ମୁକେଶ କୁମାର, ଖଲୀଲ ଅହମ୍ମଦ, ଯଶ ଦୟାଲ।

## ଆହତ ସମସ୍ୟାକୁ ନେଇ ବଡ଼ ତଥ୍ୟ ଦେଲେ ମହମ୍ମଦ ଶାମି

**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ଫିଟ୍‌ନେସ୍‌କୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି। ନଭେମ୍ବର ୨୨ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫିରେ ସେ ଖେଳିବେ କି ନାହିଁ, ତା'କୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଏସବୁ ଭିତରେ ନିଜର ଫିଟ୍‌ନେସ୍‌କୁ ନେଇ ବଡ଼ ତଥ୍ୟ ଦେଇଛନ୍ତି ନିଜେ ଶାମି। ଦିନିକିଆ ବିଶ୍ୱକପ୍ ପରେ ଆହତ ହୋଇଥିବା ଶାମି ଏବେ ସଂପୂର୍ଣ୍ଣ ଭାବେ ଯନ୍ତ୍ରଣା ମୁକ୍ତ ହୋଇଥିବା ଦାବି କରିଛନ୍ତି। ଏଥିସହ ସେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି।

ବେଙ୍ଗାଲୁରୁରେ ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ପରେ ଶାମି ନେଟ୍ସରେ ଫୁଲ ଦମ୍‌ରେ ବୋଲିଂ କରିଛନ୍ତି। ସେ ନିଜ ଫିଟ୍‌ନେସ୍‌ର ପ୍ରମାଣ ସମସ୍ତଙ୍କୁ ଦେଖାଇବାକୁ ଚେଷ୍ଟା କରିଛନ୍ତି। ବେଙ୍ଗାଲୁରୁ ଟେଷ୍ଟର ଦିନକ ପୂର୍ବରୁ ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା ଦ୍ରୁତ ବୋଲର ଶାମି ଆଣ୍ଠୁରେ ହୋଇଥିବା ଫୁଲା ସମସ୍ୟାର ସମ୍ମୁଖୀନ କରୁଛନ୍ତି। ଏଥିପାଇଁ



ଗତବର୍ଷ ସେ ସମ୍ମୁଖୀନ ହୋଇଥିବା ଗୋଇଠି ସମସ୍ୟାରୁ ମୁକୁଳିବା ପାଇଁ ସମୟ ଲାଗୁଥିବା ରୋହିତ କହିଥିଲେ। ଏହାପରେ ଶାମି ଜୋରଦାର ଅଭ୍ୟାସ କରି ସେ ଫିଟ୍ ଥିବା ସମସ୍ତଙ୍କୁ ଜଣାଇବାକୁ ଚେଷ୍ଟା କରିଛନ୍ତି। ସୋମବାର ସେ ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି ଯେ "ରବିବାର ମୁଁ ଯେଉଁ ଭଳି ବୋଲିଂ କରିଛି, ସେଥିରେ ମୁଁ ବହୁତ ଖୁସି। ଏହାପୂର୍ବରୁ ମୁଁ ଅଧା ରନ ଅପରୁ ବୋଲିଂ କରୁଥିଲି। ହେଲେ ଏବେ ମୁଁ ଫୁଲ ରନଅପ ନେଇଥିଲି ଓ ୧୦୦% ଦେଇ ବୋଲିଂ କରିଥିଲି। ଏହାର ଫଳ ବେଶ୍ ଭଲ ଆସିଛି। ମୁଁ ବର୍ତ୍ତମାନ ପୂରା ଯନ୍ତ୍ରଣା ମୁକ୍ତ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳିବାକୁ ମୁଁ ଯାଇ ପାରିବି କି ନାହିଁ, ତା'କୁ ନେଇ ବେଶ୍ ଚର୍ଚ୍ଚା ହେଉଛି। କିନ୍ତୁ ଏଥିପାଇଁ ବେଶ୍ ସମୟ ରହିଛି।"

ଅଷ୍ଟ୍ରେଲିଆ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଶାମିଙ୍କ ଭଳି ଜଣେ ଅଧା ଠିକ୍ ହୋଇଥିବା ବୋଲରଙ୍କୁ ନେବା ଠିକ୍ ହେବ ନାହିଁ ବୋଲି ମଧ୍ୟ ରୋହିତ କହିଥିଲେ। ହେଲେ ଶାମି ଏବେ ଫିଟ୍ ଥିବା କହିଛନ୍ତି। ଫର୍ମ ପାଇବା ପାଇଁ ଶାମି ବେଙ୍ଗଲ ପାଇଁ କିଛି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାକୁ ଆଗ୍ରହ ଦେଖାଇଥିଲେ। ସେ କହିଛନ୍ତି, "ମୋର ଫୋକସ୍ ଫିଟ୍‌ନେସ୍ ଉପରେ ରହିଛି। ଅଷ୍ଟ୍ରେଲିଆ ସିରିଜ୍ ବେଳକୁ ମୁଁ କେମିତି ସଶକ୍ତ ହୋଇଥିବି, ତା' ଉପରେ କାମ କରୁଛି। ଅଷ୍ଟ୍ରେଲିଆରେ କେମିତି ବୋଲିଂ ଆଟାକ ଆମକୁ ଦରକାର ପଡ଼ିବ, ସେକଥା ମୁଁ ଭାବୁଛି। ଅଷ୍ଟ୍ରେଲିଆ ଯିବା ପୂର୍ବରୁ ମୁଁ ରଣଜୀରେ କିଛି ମ୍ୟାଚ୍ ଖେଳିବାକୁ ଚାହୁଁଛି।"

ଶାମି ଶେଷ ଥର ପାଇଁ ବିଶ୍ୱକପ ଫାଇନାଲରେ ନଜର ଆସିଥିଲେ। ସେ ସର୍ବାଧିକ ୱିକେଟ ଦଖଲକାରୀ ବୋଲରର ମାନ୍ୟତା ପାଇଥିଲେ। ହେଲେ ଆହତ ସମସ୍ୟା ଯୋଗୁ ତାଙ୍କୁ କ୍ରିକେଟ ଦୂରେଇ ରହିବାକୁ ପଡ଼ିଥିଲା।

## ରେକର୍ଡ ବ୍ରେକିଂ ଇନିଂସ ଖେଳିଲେ ପ୍ରଖ୍ୟାତ ଫିଲ୍ମ ପ୍ରଯୋଜକଙ୍କ ପୁଅ ଅଗ୍ନି ଚୋପ୍ରା

**ନୂଆଦିଲ୍ଲୀ**

ପୁଣିଥରେ କମାଲ କରିଛନ୍ତି ଅଗ୍ନି ଚୋପ୍ରା। ୨୦୨୩-୨୪ ରଣଜୀ ସିଜିନରେ ନିଜର ବ୍ୟାଟିଂ ଯାଦୁ ଦେଖାଇଥିବା ଅଗ୍ନି ଚଳିତ ବର୍ଷ ମଧ୍ୟ ନିଜର ଜଲୱା ଦେଖାଇଛନ୍ତି। ବର୍ତ୍ତମାନ ଚାଲିଥିବା ରଣଜୀ ଋତୁରେ ତାଙ୍କ ବ୍ୟାଟରୁ ରନ ବର୍ଷା ହୋଇଛି।

ଅଗ୍ନି ହେଉଛନ୍ତି ପ୍ରଖ୍ୟାତ ଫିଲ୍ମ ନିର୍ମାତା ବିଧୁ ବିନୋଦ ଚୋପ୍ରା ଓ ଫିଲ୍ମ କ୍ରିଟିକ୍ସ ଅନୁପମା ଚୋପ୍ରାଙ୍କ ପୁଅ। ଅଗ୍ନି ରଣଜୀ ଟ୍ରଫିର ପ୍ରଥମ ବ୍ୟାଟର ଭାବେ ସମାନ ମ୍ୟାଚ୍‌ରେ ଗୋଟିଏ ଇନିଂସରେ ଡବଲ ଟନ୍ ଓ ଆଉ ଗୋଟିଏ ଇନିଂସରେ ଶତକ ହାସଲ କରିଛନ୍ତି।

ମିଜୋରାମ ପାଇଁ ରଣଜୀ ଖେଳୁଥିବା ଅଗ୍ନି ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ଏପରି ରେକର୍ଡ



ବ୍ରେକିଂ ଇନିଂସ ଖେଳିଛନ୍ତି। ପ୍ରଥମ ଇନିଂସରେ ସେ ୧୩୮ ବଲରେ ୧୧୦ ରନର ଇନିଂସ ଖେଳିଥିଲେ। ତେବେ ଦ୍ୱିତୀୟ ଇନିଂସରେ ସେ ନିଜର ବିସ୍ଫୋରକ ରୂପ ଦେଖାଇ ୨୦୯ ବଲରେ ୨୩୮ ରନ କରିଛନ୍ତି। ପ୍ଲେଟ ଡିଭିଜନ ମ୍ୟାଚ୍‌ରେ ୨୫ ବର୍ଷୀୟ ଅଗ୍ନିଙ୍କ ଏପରି ବ୍ୟାଟିଂ ଯୋଗୁ ମିଜୋରାମ ୨୬୭ ରନରେ ବିଜୟ ହାସଲ କରିଛି। ଅଗ୍ନିଙ୍କୁ ମଧ୍ୟ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି।

ନିର୍ଦ୍ଦେଶକ ବିଧୁ ବିନୋଦ ଚୋପ୍ରା ସର୍ବକାଳୀନ ହିଟ ଫିଲ୍ମ ୩ ଇଡିୟଟ୍‌ର ପ୍ରଯୋଜକ। ଏବେ ତାଙ୍କ ପୁଅ ଅଗ୍ନିଙ୍କ ସ୍ୱପ୍ନ ହେଲା ଆଇପିଏଲରେ ଖେଳିବା। ସେ କ୍ରମାଗତ ଭଲ ଇନିଂସ ଖେଳୁଥିବାରୁ ଏଥର ଆଇପିଏଲରେ ହେବାକୁ ଥିବା ମେଗା ଅକ୍ସନରେ ତାଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜମାନେ ଆଗ୍ରହ ଦେଖାଇ ପାରନ୍ତି।

ଚଳିତ ବର୍ଷ ଜାନୁଆରୀ ମାସରେ ଅଗ୍ନି ପ୍ରଥମ ବ୍ୟାଟର ଭାବେ ପ୍ରଥମ ୪ ରଣଜୀ ମ୍ୟାଚ୍‌ର ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରିଥିଲେ। ଏପରି ରେକର୍ଡ କରିବାରେ ସେ ପ୍ରଥମ ବ୍ୟାଟର ବନିଥିଲେ। ସେ ୨୦୨୩-୨୪ର ପ୍ରଥମ ୪ ରଣଜୀ ମ୍ୟାଚରେ ଯଥାକ୍ରମ ୧୦୫ ଓ ୧୦୧, ୧୧୪ ଓ ୧୦, ୧୬୪ ଓ ୧୫ ଏବଂ ୧୧୬ ଓ ୯୨ ରନର ଇନିଂସ ଖେଳିଥିଲେ। ତାଙ୍କ ବ୍ୟାଟିଂ ହାର ୯୫.୮୭ ରହିଥିଲା।

## ପୂର୍ବତଟ ରେଳପଥର ରମ୍ଭା ରେଳବାଇ କଲୋନୀରେ ଶ୍ୟାମା କାଳୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂର୍ବତଟ ରେଳପଥର ରମ୍ଭା ରେଳବାଇ କଲୋନୀ ପୂଜା ମଣ୍ଡପ ପାର୍ଶ୍ୱରେ ପୁରୋହିତଙ୍କ ପୂଜା ପାଠ ସହ ଏକ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଦୀର୍ଘ ବର୍ଷ ଧରି ସାର୍ବଜନୀନ ଶ୍ୟାମା କାଳୀ ପୂଜାରେ ଚଳିତ ବର୍ଷ କର୍ତ୍ତା ରୂପେ ଭରତ ରହିଥିବା ବେଳେ ପୁରୋହିତ ବବୁଲ ମହାପାତ୍ର ସାମିଲ ହୋଇଥିଲେ। ପୂଜାକୁ ଶାନ୍ତି ଶୃଙ୍ଖଳା ଓ ଭକ୍ତଙ୍କ ଦର୍ଶନ ପାଇଁ ଆଗମନ ଯେପରି ବୃଦ୍ଧି ଘଟିବ ଓ ଅବ୍ୟବସ୍ଥା ନ ହେବ ତୁରନ୍ତ ଦୃଷ୍ଟି ଦେବା ପାଇଁ କମିଟି ପକ୍ଷରୁ ସହମତି ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ରବୀନ୍ଦ୍ର ମୁଖ୍ୟ ଗୁମସ୍ତା, ସନ୍ୟାସୀ, କୈଳାଶ, ରଞ୍ଜନ, ଗନ୍ଧର୍ବ ନାୟକ, ନାରାୟଣ ପରିଡ଼ା, ଆଦିକନ୍ଦ ରେଡ଼ି ପ୍ରମୁଖ କର୍ମରତ କର୍ମଚାରୀ ସହଯୋଗ କରିଥିଲେ।

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
B-482
E-mail: pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-15 / 2024-25
Letter No. 4764 dtd.14.10.2024

The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Single cover** system in ONLINE MODE from eligible class of contractors having valid registration certificate for execution of the Composite (Civil + EI + PH) works as detailed below:

1. Nature of Work : Composite (Civil + EI + PH) works
2. No of Work : 08 Nos
3. Tender Cost : Rs.6000.00(Online)
4. Class of Contractor : From Sl.01 to 07 - 'B' Class Contractor; For Sl. 08 – 'C' & 'B' Class Contractor
5. Available of Bid documents in the web site. : From Dt.25.10.2024 at 12.00 Noon to Dt.04.11.2024 at 4.00 PM
6. Date of opening of Bids : Dt.05.11.2024 at 11.30 A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR-34095/11/0012/2425
Sd/- Superintending Engineer
Khurdha (R&B) Division, Khurda

Mail I.D. ee_nimapara@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NIMAPARA
O-465
No:- Tender Online-Divn.NPR-01/2024-25 Date:- 17.10.2024
e-Procurement NOTICE

1. Name of the work : Road & Building Works for the year 2024-25.
2. Total No. of Projects : 41 (Forty One) no of projects.
3. Estimated cost of projects : Varies from Rs. 5.06 lakh to Rs. 43.75 lakh
4. Class of contractor
A) Estimated Cost above Rs 20.00lakhs and upto Rs. 300.00Lakhs. : "B" Class (of Odisha PWD) or relevant Class of other licensing authorities.
B) Estimated Cost more than Rs 20.00laks and upto Rs. 40.00Lakhs. : "C" Class & "B" Class (of Odisha PWD) or relevant Class of other licensing authorities.
C) Estimated Cost upto Rs. 20.00Lakhs : "D" Class & "C" Class (of Odisha PWD) or relevant Class of other licensing authorities.
5 Mode of Submission of tender : Tender should be submitted online only in website www.tendersorissa.gov.in
6. Period of Completion : As per TCN
7. Other details.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara. | Tender On-line-Divn. NPR-01/2024-25 | 24.10.2024 at 11.00 A.M. | 07.11.2024 up to 5.00 P.M | 07.11.2024 up to 11.00A.M. | 08.11.2024 at 11.00 A.M. Office of the S.E. R.W. Division, Nimapara. |

Further details can be seen from the website www.tendersorissa.gov.in
OIPR-25099/11/0001/2425
Sd/- Superintending Engineer
Rural Works Division, Nimapara

## ସାକ୍ଷୀ ମଲିକଙ୍କ ଚାଞ୍ଚଲ୍ୟକର ବୟାନ : ବବିତା ଫୋଗାଟଙ୍କ ଇସାରାରେ ହୋଇଥିଲା ଆନ୍ଦୋଳନ

**ନୂଆଦିଲ୍ଲୀ**

କୁସ୍ତିଯୋଦ୍ଧା ଏବଂ ବିଜେପି ପୂର୍ବତନ ସାଂସଦ ତଥା କୁସ୍ତି ମହାସଂଘ (ଡବ୍ଲୁଏଫଆଇ)ର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂହଙ୍କ ମଧ୍ୟରେ ଚାଲି ଆସିଥିବା ବିବାଦ ନୂଆ ମୋଡ଼ ନେଇଛି। ଏକ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ରେସଲର ସାକ୍ଷୀ ମଲିକ।

ବିଜେପି ନେତା ବବିତା ଫୋଗାଟ କୁସ୍ତିଯୋଦ୍ଧାମାନଙ୍କୁ ବ୍ରିଜଭୂଷଣ ସିଂହଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିବା ସେ କହିଛନ୍ତି। ବବିତା ଫୋଗାଟ୍ ଡବ୍ଲୁଏଫଆଇ ସଭାପତି ହେବାକୁ ଚାହୁଁଥିବାରୁ ଏପରି କରିବାକୁ କହିଥିବା ସାକ୍ଷୀ ମଲିକ କହିଛନ୍ତି। କେବଳ ଏତିକି ନୁହେଁ, ସାକ୍ଷାତ୍‌କାରରେ ଆହୁରି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ମଲିକ। ସେ କହିଛନ୍ତି, ବବିତା ଫୋଗାଟ୍ ଆମକୁ ଡକାଇ ଫେଡେରେସନ ମଧ୍ୟରେ ନିର୍ଯାତନା



ଦିଆଯାଉଥିବା କହି ଆନ୍ଦୋଳନ କରିବାକୁ କହିଥିଲେ। ଆମେ ଭାବିଥିଲୁ ସେ ମଧ୍ୟ ଏହି ପ୍ରତିବାଦରେ ଆମ ସହ ବସି କୁସ୍ତିଯୋଦ୍ଧା ଭାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ। ହେଲେ ସେ ଆମ ସହ ଏତେ ବଡ଼ ଖେଳ ଖେଳିଦେବେ ବୋଲି ଜାଣିନଥିଲୁ।

ବାସ୍ତବରେ, ବ୍ରିଜଭୂଷଣଙ୍କ ବିରୁଦ୍ଧରେ ଏହି ଆନ୍ଦୋଳନ କରିବାର ଉଦ୍ଦେଶ୍ୟ ବବିତାଙ୍କର ଥିଲା। କାରଣ ଏଥିରେ ତାଙ୍କର ନିଜସ୍ୱ ଏଜେଣ୍ଡା ଥିଲା। ସେ ଡବ୍ଲୁଏଫଆଇର ସଭାପତି ହେବାକୁ ଚାହୁଁଥିବାରୁ ଏପରି କରାଇଥିଲେ। କିନ୍ତୁ ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା ଯେ, କଂଗ୍ରେସ ଏହା ପଛରେ ଅଛି। କିନ୍ତୁ ଏହା ଭୁଲ୍। ପ୍ରକୃତରେ ଦୁଇ ବିଜେପି ନେତା ଆମକୁ ହରିୟାଣାରେ ବିରୋଧ ପ୍ରଦର୍ଶନ କରିବା ପଛରେ ସାହାଯ୍ୟ କରିଛନ୍ତି ବୋଲି ସାକ୍ଷୀ ମଲିକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ବିରୋଧ ପ୍ରଦର୍ଶନରେ ପ୍ରଥମେ ଭିନେଶ ଫୋଗାଟ୍‌ଙ୍କୁ ମୂଳ ଭାବେ ରଖା ଯାଇନଥିଲା, ତାଙ୍କ ପରାମର୍ଶ କ୍ରମେ ଏହା ଆରମ୍ଭ ହୋଇଥିଲା।

ଏପରି ନୁହେଁ ଯେ ଆମେ ତାଙ୍କ କଥାରେ ଅନ୍ଧ ଭାବରେ ଯାଇଥିଲୁ। ଆମେ ଜାଣିଥିଲୁ, ଫେଡେରେସନରେ ଯୌନ ଉତ୍ପୀଡନ ତଥା ନିର୍ଯାତନା ଭଳି ଗୁରୁତର ସମସ୍ୟା ରହିଛି। ସେଥିପାଇଁ ଆମକୁ ଲାଗୁଥିଲା ଜଣେ ମହିଳା ଚାର୍ଜରେ ରହିବା ଭଲ। ବିଶେଷ କରି ବବିତା ଫୋଗାଟ, ଯିଏକି ଜଣେ କ୍ରୀଡ଼ାବିତ୍ ମଧ୍ୟ। କିନ୍ତୁ ସେ ଆମ ସହ ଏତେ ବଡ଼ ଖେଳ ଖେଳିଦେବେ ବୋଲି ଆମେ କେବେ ହେଲେ ଭାବି ନଥିଲୁ ବୋଲି ସାକ୍ଷୀ ମଲିକ କହିଛନ୍ତି।

ବବିତା ଫୋଗାଟଙ୍କ ବ୍ୟତୀତ ବ୍ରିଭୂଷଣଙ୍କ ବୟାନବାଜୀ ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ସାକ୍ଷୀ ମଲିକ। ସେ କହିଛନ୍ତି, 'ବ୍ରିଜଭୂଷଣ କହିଲେ ତାଙ୍କ ବିରୁଦ୍ଧରେ କୁସ୍ତିଯୋଦ୍ଧାଙ୍କ ବିରୋଧ ଶେଷ ହୋଇଗଲେ। ନିକଟରେ ଭିନେଶ ଫୋଗାଟଙ୍କ ଅଲିମ୍ପିକ୍ସ ସଫଳତା ତାଙ୍କ ଦାବିକୁ ଭୁଲ୍ ପ୍ରମାଣିତ କରିଛି। ଯଦି ପ୍ରକୃତରେ ବିରୋଧ ପ୍ରଦର୍ଶନ ଶେଷ ହୋଇଥିଲା, ତେବେ ଭିନେଶ ଫୋଗାଟଙ୍କୁ ଅଲିମ୍ପିକ୍ସରେ ଭାଗ ନେବାକୁ କିଏ ଅନୁମତି ଦେଇଥିଲେ ?'

ପ୍ରକାଶ ଥାଉକି, ଗତବର୍ଷ ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ମହିଳା କୁସ୍ତିଯୋଦ୍ଧା। ବ୍ରିଜଭୂଷଣ ସେମାନଙ୍କୁ ଯୌନ ନିର୍ଯାତନା ଦେବା ସହ ଇଙ୍ଗିତ କରି ଅସଭ୍ୟ କଥା କହିଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। କେବଳ ଦାବି କରିନଥିଲେ, ରାଜରାସ୍ତାକୁ ମଧ୍ୟ ଓହ୍ଲାଇଥିଲେ। ଦୀର୍ଘଦିନ ଧରି କୁସ୍ତିଯୋଦ୍ଧାମାନେ ନ୍ୟାୟ ଦାବିରେ ଆନ୍ଦୋଳନରେ ବସିଥିଲେ। ଏହାପରେ ସାଂସଦ ପଦରୁ ଇସ୍ତଫା ଦେଇଥିଲେ ବ୍ରିଜଭୂଷଣ। ଏଥିସହ ତାଙ୍କୁ ଡବ୍ଲୁଏଫଆଇର ସଭାପତି ପଦରୁ ମଧ୍ୟ ବହିଷ୍କାର କରାଯାଇଥିଲା।

E-Mail I.D.-eernbkdp@gmail.com
Tel.(06727)-220268
Fax No.(06727)-220862
OFFICE OF THE SUPERINTENDING ENGINEER
KENDRAPARA (RandB) DIVISION-I, KENDRAPARA
GOVERNMENT OF ODISHA "e" procurement Notice (Short Notice)
e-procurement Notice for Road works
B-453
Bid Identification No. S.E., R n B KDP- 05/ 2024-25

1. No of work :- 27 nos. of Paddy Procurement Centres
2. Estimated Cost :- ₹.55.00 lakhs to ₹. 96.00 lakhs (Approximately)
3. Period of completion :- 10 (Ten ) Days
4. Date and time of sale and receipt of bid document :- From 11.00 A.M. of 25/10/2024 to 5:30 PM of 05/11/2024.
5. Last date / time of receipt of bids :- 5.30 PM of 05/11/2024
6. Date and time of Opening of Bids :- 11.00 AM of 06/11/2024
7. Name and address of the Officer Inviting Bid :- Superintending Engineer, Kendrapara (RandB) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal 'https://tendersorissa.gov.in
OIPR-34097/11/0003/2425
Sd/- Superintending Engineer,
Kendrapara (RandB) Division-I

## ନାକଟିଦେଉଳ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୨୧୭ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୧୯୩ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ ୨୩ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ସିଏମଆରଏଫ ଅଧୀନରେ ସହାୟତା ପାଇଁ ଗୋଟିଏ ଆବେଦନ ପ୍ରାପ୍ତ ହୋଇଛି। ୧୫୦ଟି ଅଭିଯୋଗ ଅଭିଯୋଗ ସମାଧାନ କରାଯାଇଛି। ଜିଲ୍ଲାପାଳ, ସମ୍ବଲପୁରର ୩ ଜଣଙ୍କୁ ହ୍ୱିଲଚେୟାର, ଜଣକୁ ଓ୍ୱାକିଙ୍ଗ ଷ୍ଟିକ ଏବଂ ମଧୁବାବୁ ପେନସନ ଯୋଜନା ଅନ୍ତର୍ଭୁକ୍ତ ୬ ଜଣଙ୍କୁ ଭତ୍ତା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଅନ୍ତର୍ଭୁକ୍ତ ୬ ଜଣଙ୍କୁ ୨୦,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଆସନ୍ତା ୨୮ ତାରିଖରେ ବାମରା ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।



# ନୂତନ ଓ ଚୂଡାନ୍ତ ଭୋଟର ତାଲିକା-୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୫ ମସିହା ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ନୂତନ ଓ ତ୍ରୁଟିଶୂନ୍ୟ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସୋମବାର ଶ୍ରୀ ଆର.ଏସ୍.ଗୋପାଳନ୍ ରାଜ୍ୟର ରାଜନୈତିକ ଦଳଗୁଡିକର ପ୍ରତିନିଧିମାନଙ୍କ ସହ ବିଶଦ ଆଲୋଚନା କରିଛନ୍ତି । ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନକର ଏକ ପାୱାରପଏଣ୍ଟ ମାଧ୍ୟମରେ ପ୍ରତିନିଧିମାନଙ୍କୁ କହିଲେ ଯେ, ବ୍ଲକସ୍ତରୀୟ ଅଧିକାରୀମାନେ ଅଗଷ୍ଟ ୨୦ ତାରିଖରୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଭୋଟର ତାଲିକାର ବିଶଦ ସଂଶୋଧନ କରିଥିଲେ । ପୂର୍ବରୁ ୫୮ ଜଣ ନିର୍ବାଚନ ପଂଜିକରଣ ଅଧିକାରୀ କାର୍ଯ୍ୟରତ ଥିଲାବେଳେ ସମ୍ପ୍ରତି ୧୩୩ ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ୧୧୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୧୯ ଜଣ ଓ ଅବଶିଷ୍ଟ ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୪ ଜଣ ନିୟୋଜିତ ହୋଇଥିଲେ । ୩୭,୮୦୯ଟି ପୁରୁଣା ପୋଲିଂ ଷ୍ଟେସନ୍‌ର ସଂଖ୍ୟାକୁ ବୃଦ୍ଧି କରି ୩୮,୦୬୭ ପୋଲିଂ ଷ୍ଟେସନ୍, ଏହିପରି ୫୮ଟି ନୂତନ ପୋଲିଂ ଷ୍ଟେସନ୍ କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ସୁପାରିଶ ଅନୁସାରେ ୧୧୪ ଟି ପୋଲିଂ ଷ୍ଟେସନ୍‌ର ସ୍ଥାନ ନିର୍ବାଚନ କମିଶନଙ୍କ ସ୍ୱୀକୃତିକ୍ରମେ ବଦଳାଯାଇଛି । ୧୫ଟି ପୋଲିଂ ଷ୍ଟେସନ୍‌ର ନାମକରଣ ମଧ୍ୟ ବଦଳିଛି । ଅକ୍ଟୋବର ୨୯ ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ । ଅକ୍ଟୋବର ୨୯ ତାରିଖରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଜଣାଇପାରିବେ । ଏହି ଭୋଟର ତାଲିକା ସଂଶୋଧନ ସମୟ ମଧ୍ୟରେ ୪ ଗୋଟି 'ସ୍ୱତନ୍ତ୍ର ଅଭିଯାନ' କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହି ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୨ ଓ ୧୦ ତାରିଖ ଓ ନଭେମ୍ବର ୧୬ ଓ ୨୪ ତାରିଖରେ ଅନୁଷ୍ଠିତ ହେବ । ଏହି ଦିନମାନଙ୍କରେ ରାଜ୍ୟର ସବୁ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇଦେବେ । ପ୍ରତ୍ୟେକ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ରୋଲ୍ ପର୍ଯ୍ୟବେକ୍ଷକ ଭାବେ ଉକ୍ତ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବେ । ୩ ଜଣ ଆର.ଡି.ସିଙ୍କ ସମେତ ୧୧ ଜଣ ବରିଷ୍ଠ ଆଇଏସ ଅଧିକାରୀ ବିଭିନ୍ନ ଜିଲ୍ଲାର ରୋଲ୍ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ । ଡିସେମ୍ବର ୨୪ ସୁଦ୍ଧା ସମସ୍ତ ଦାବି ଓ ଆପତ୍ତିର ସମାଧାନ ହେବ । ଜାନୁଆରୀ ୧, ୨୦୨୫ ସୁଦ୍ଧା ମୃତ ବ୍ୟକ୍ତିମାନଙ୍କ ନାମ ଓ ଭୁଲକ୍ରମେ ତାଲିକାରେ ରହିଥିବା ନାମଗୁଡିକୁ କଟାଯିବ । ଜାନୁଆରୀ ୬, ୨୦୨୫ ଦିନରାଜ୍ୟର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଆମ ରାଜ୍ୟ ଓଡ଼ିଶା ଅନ୍‌ଲାଇନ୍ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସ୍ଥାନରେ ରହିଛି । ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିବା ବହୁତ ସହଜ ଓ ସରଳ ଅଟେ । ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ଜନସାଧାରଣମାନେ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ଯଥା: ତାଲିକାରେ ନାମ ଯୋଗ ନିମନ୍ତେ ଫର୍ମ ନଂ-୬, ପ୍ରବାସୀ ଭୋଟରଙ୍କ ନାମ ପଂଜିକରଣ ପାଇଁ ଫର୍ମ ନଂ-୬ଏ, ତାଲିକାରୁ ନାମ ବାଦ୍ କିମ୍ବା ଅଭିଯୋଗ କରିବା ପାଇଁ ଫର୍ମ ନଂ-୭ରେ ଆବେଦନ ଓ ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ, ବାସସ୍ଥାନ ବଦଳାଇଲେ କିମ୍ବା ଫଟୋ ଲଗାଇବା ନିମନ୍ତେ ଫର୍ମ ନଂ-୮ରେ ଆବେଦନ କରିବାକୁ ପଡ଼ିବ ବୋଲି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ କର ପ୍ରକାଶ କରିଥିଲେ । ଭୋଟରଙ୍କୁ ବିଶେଷ କରି ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଅବଗତ କରାଇବା, ୧୭ ବର୍ଷରୁ ଉର୍ଦ୍ଧ୍ୱ ଭୋଟରମାନଙ୍କୁ ଆଗତୁରା ଆବେଦନ ପତ୍ର ଦାଖଲର ସବୁପ୍ରକାରର ସୁବିଧା କରାଇବା ଓ ନୂତନ ଭୋଟରମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ନିମନ୍ତେ ଆକୃଷ୍ଟ କରିବା କ୍ଷେତ୍ରରେ ରାଜନୈତିକ ଦଳଗୁଡିକ ବିଶେଷ ଧ୍ୟାନ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଜେଡି ଦଳ ପକ୍ଷରୁ ଶ୍ରୀ ବିଜୟ ନାୟକ, ଆମ ଆଦମି ଦଳ ପକ୍ଷରୁ ସନ୍ଦୀପ୍ତ ଦାସ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ ପ୍ରମୁଖ ଯୋଗଦେଇଥିଲେ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ସାମୟିକ ଛୁଟି ବୃଦ୍ଧି

# ସମ୍ଭାବ୍ୟ ବାତ୍ୟାରେ ବିଧାୟକଙ୍କୁ ନିଜ ନିର୍ବାଚନ ମଣ୍ଡଳୀରେ ଉପସ୍ଥିତ ରହିବାକୁ ଅପିଲକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ସମୟରେ ବିଧାୟକ ମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିବାକୁ ଅପିଲ କରିଛନ୍ତି । ଶ୍ରୀ ମାଝୀ ମଙ୍ଗଳବାର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବୃଷ୍ଟିପାତ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱିତ ଭାବେ ବାତ୍ୟା ମୁକାବିଲା କରିବା ସହିତ ରିଲିଫ ଓ ଉଦ୍ଧାରକାର୍ଯ୍ୟକୁ ଦ୍ରୁତଗତି କରିବା ପାଇଁ ସମସ୍ତ ବିଧାୟକ/ବିଧାୟିକାମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିବା ଆବଶ୍ୟକ। ସମସ୍ତ ବିଧାୟକ/ବିଧାୟିକା ନିଜ ନିଜ ଅଂଚଳବାସୀଙ୍କ ସହିତ ରହି ସେମାନଙ୍କୁ ଆବଶ୍ୟକୀୟ ସହାୟତା ଦେବା ପାଇଁ ଯଥା ସମ୍ଭବ ଚେଷ୍ଟା କରନ୍ତୁ। ସୂଚନାଥାଉକି, ସମ୍ଭାବ୍ୟ ବାତ୍ୟା ବାତ୍ୟା ଦାନା ମଙ୍ଗଳବାର ସନ୍ଧ୍ୟାରେ ଅବପାତରୁ ଗଭୀର ଅବପାତରେ ପରିଣତ ହୋଇସାରିଛି। ବର୍ତ୍ତମାନ ଏହା ପାରାଦୀପ ଠାରୁ ୬୨୦ କିମି ଦୂରରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିଛି। ଏବେ ଆସନ୍ତାକାଲି ସୁଦ୍ଧା ବାତ୍ୟାର ରୂପ ନେବ ଏହି ଅବପାତ। ଘଣ୍ଟାକୁ ୭ କିମି ବେଗରେ ଗତି କରୁଥିବା ଏହି ଅବପାତ ୨୪ ତାରିଖରେ ଭୀଷଣ ବାତ୍ୟାର ରୂପ ନେଇ ଉପକୂଳ ଅତିକ୍ରମ କରିବ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ୧୦୦ରୁ ୧୨୦ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ସେହିପରି ରାଜ୍ୟ ସରକାରୀ ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ ଏବେ ମହିଳାମାନେ ୧୨ ଦିନର ସାମୟିକ ଛୁଟି ନେଇପାରିବେ। ସେହିଭଳି ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ପୂର୍ବ ଭଳି ସମାନ ରହିଛି। ଏହି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି, ସେମାନେ ମାସକୁ ଗୋଟିଏ ଦିନ ଲେଖାଏଁ ନେଇପାରିବେ। ମହିଳାମାନଙ୍କ ମାସିକ ଧର୍ମ ଜନିତ କାରଣରୁ ଏହି ଅତିରିକ୍ତ ଛୁଟି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଅତିରିକ୍ତ ସାମୟିକ ଛୁଟି ପୂର୍ବରୁ ୧୦ ଦିନ ପାଇଁ ମିଳୁଥିଲା।




୧୯ ଅକ୍ଟୋବର ୨୦୨୪ରେ ରାଜସ୍ଥାନର ମହାରାଜା ଗଙ୍ଗସିଂ ୟୁନିଭରସିଟି ବିକାନିରରେ ପ୍ରଫେସର ଯୁଗଳ କିଶୋର ମିଶ୍ରଙ୍କୁ ୬୧ତମ ଅଲ ଇଣ୍ଡିଆ ପଲିଟିକାଲ ସାଇନ୍ସ କନ୍‌ଫରେନ୍ସରେ ଇଣ୍ଡିଆନ ପଲିଟିକାଲ ସାଇନ୍ସ ଆସୋସିଏସନ ତରଫରୁ "ଲାଇଫ୍ ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ-୨୦୨୪" ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୁରୁବାର ମଝି ...

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିସହ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଓଡ଼ିଶା ଉପକୂଳରେ ମଙ୍ଗଳବାର ରାତିରୁ ପବନର ବେଗ ବଢ଼ିବ ।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁସାରେ, ସମ୍ଭାବ୍ୟ ବାତ୍ୟା ପ୍ରବାହରେ ଓଡ଼ିଶା ଉପକୂଳରେ ଘଣ୍ଟାପ୍ରତି ୪୪ରୁ ୫୫ କିମି ବେଗରେ ପବନ ବହିବ। ସେହିପରି ଝଟକା ପବନ ୬୫ କିମି କିଲୋମିଟର ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି।

ସମ୍ଭାବ୍ୟ ବାତ୍ୟାଟି ଗଭୀର ଅବପାତରେ ପରିଣତ ହେବା ପରେ ଓଡ଼ିଶା ଉପକୂଳରେ ପବନର ବେଗ ବଢ଼ିବ । ରାତିରେ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିମି ରହିବ। ସେହିପରି ଝଟକା ପବନ ୭୦କିମି ବେଗରେ ବହିବ।

୨୪ ତାରିଖ ସକାଳେ ଭୀଷଣ ବାତ୍ୟାର ରୂପ ନେବାପରେ ପବନର ବେଗ ବଢ଼ିବ । ଘଣ୍ଟାପ୍ରତି ୯୦ରୁ ୧୦୦ କିମି ବେଗରେ ପବନ ବହିବ।

ସମ୍ଭାବ୍ୟ ବାତ୍ୟା ଉପକୂଳ ଅତିକ୍ରମ କରିବାବେଳେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ଓ ଝଟକା ପବନ ୧୨୦ କିଲୋମିଟର ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି।

ସମ୍ଭାବ୍ୟ ବାତ୍ୟାଟି ଲ୍ୟାଣ୍ଡଫଲ କରିବା ପରେ ୨୫ ତାରିଖ ସକାଳେ ଓଡ଼ିଶା ଉପକୂଳରେ ପବନର ବେଗ କମିଯିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୭୫ରୁ ୮୫ କିମି ରହିବ। ସେହିପରି ଝଟକା ପବନ ବେଗ ୯୫କିମି ରହିବ।

## ୬ ଆଇଏଏସ୍‌ଙ୍କୁ...

ଦିଆଯାଇଛି । ଯାମିନୀ ଷଡ଼ଙ୍ଗୀଙ୍କୁ ଜଗତସିଂହପୁର, ସମର୍ଥ ବର୍ମାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଏହି ଆଇଏଏସମାନେ ସଂପୃକ୍ତ ଜିଲ୍ଲାରେ ଉଦ୍ଧାର, ରିଲିଫ କାର୍ଯ୍ୟ ତଦାରଖ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଏହି ଅଫିସରମାନେ ପୂର୍ବରୁ ସଂପୃକ୍ତ ଜିଲ୍ଲାରେ ଜିଲ୍ଲାପାଳ ଥିଲେ।

## ଓଡ଼ିଆ ଅସ୍ମିତା ...

ଦିନ ଓଡ଼ିଶା ଆସିଥିଲେ। ମୋହନ ଚରଣ ମାଝୀ ଓ ତାଙ୍କର କ୍ୟାବିନେଟ ପାଇଁ ଭୁବନେଶ୍ୱରରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଶ୍ରୀ ମୋଦି ଯୋଗ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମ ସ୍ଥାନୀୟ ଜନତା ମଇଦାନରେ ଅନୁଷ୍ଠିତ ହୋଇଥିଲା।

## ବାତ୍ୟା ପାଇଁ ...

କରାଯାଇଥିବା ଘୋଷଣା ଅନୁସାରେ ସମ୍ଭାବ୍ୟ ବାତ୍ୟା ଦାନା ନେଇ ଏପର୍ଯ୍ୟନ୍ତ ୧୭୮ଟି ଟ୍ରେନ ବାତିଲ ନେଇ ନିଷ୍ପତ୍ତି ହୋଇଛି । ଏଥିରେ ୮୫ଟି ଅପ ଟ୍ରେନ ଓ ୯୩ଟି ଡାଉନ ଟ୍ରେନ ସାମିଲ ରହିଛି। ବାତିଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଟ୍ରେନ ମଧ୍ୟରେ ହାୱଡ଼ା-ସିକନ୍ଦରାବାଦ୍, ସାଲିମାର-ପୁରୀ, ନୂଆଦିଲ୍ଲୀ-ଭୁବନେଶ୍ୱର, ହାୱଡ଼ା-ଭୁବନେଶ୍ୱର, ହାୱଡ଼ା-ପୁରୀ, ନୂଆଦିଲ୍ଲୀ-ପୁରୀ, ଖଡ଼ଗପୁର-ଖୋର୍ଦ୍ଧା, ସମ୍ବଲପୁର-ପୁରୀ, ରାଉରକେଲା-ଭୁବନେଶ୍ୱର ଟ୍ରେନ ବାତିଲ କରାଯାଇଛି ।

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ଦାନା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଏହା ପୁରୀ-ସାଗରଦୀପ ମଝିରେ ଲ୍ୟାଣ୍ଡଫଲ କରିବ । ୨୪ ତାରିଖ ରାତି କିମ୍ବା ୨୫ ତାରିଖ ଭୋର ସମୟରେ ବାତ୍ୟା ସ୍ଥଳଭାଗ ଛୁଇଁପାରେ। ଅତି ଭୀଷଣ ରୂପ ନେଇ ବାତ୍ୟା ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିପାରେ କିନ୍ତୁ ଅତିବେଶିରେ ପବନର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁପାରେ।

## ୨୩ରୁ ମହାବିଦ୍ୟାଳୟ...

ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାତ୍ୟା ସମୟରେ ଏହି ସବୁ ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପିଛା ୬୦ରୁ ୯୦କିମି ରହିବ। ଅତ୍ୟଧିକ ପବନର ବେଗ ୧୦୦କିମି ପର୍ଯ୍ୟନ୍ତ ରହିପାରେ। ସେହିପରି ପବନର ବେଗ ଘଣ୍ଟା ପିଛା ୫୦ରୁ ୬୦କିମି ହେବାକୁ ଥିଲା ଜିଲ୍ଲାଗୁଡ଼ିକ ହେଲା ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ନୟାଗଡ଼ ଓ ଗଞ୍ଜାମ। ଏହି ସବୁ ଜଲ୍ଲାରେ ପବନର ବେଗ ଘଣ୍ଟା ପିଛା ସର୍ବାଧିକ ୭୦ କିମି ରହିପାରେ।

## ଋଷିଆ ମାଟିରୁ ...

ମୋର ଦୁଇ ଗସ୍ତ ଆମର ଘନିଷ୍ଠ ସମନ୍ୱୟ ଏବଂ ଗଭୀର ବନ୍ଧୁତାକୁ ପ୍ରତିଫଳିତ କରେ। ଜୁଲାଇ ମାସରେ ମସ୍କୋରେ ଆମର ବାର୍ଷିକ ସମ୍ମିଳନୀ ପ୍ରତ୍ୟେକ କ୍ଷେତ୍ରରେ ଆମର ସହଯୋଗକୁ ମଜଭୁତ କରିଛି। ବ୍ରିକ୍ସ ଗତ ୧୫ ବର୍ଷ ମଧ୍ୟରେ ନିଜର ଚିହ୍ନ ସୃଷ୍ଟି କରିଛି ଏବଂ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ଏଥିରେ ଯୋଗଦେବାକୁ ଚାହୁଁଛନ୍ତି । ମୁଁ ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ବିବାଦ ବିଷୟରେ କ୍ରମାଗତ ଭାବରେ କହୁଛି ଆମର ସମସ୍ତ ପ୍ରୟାସରେ ଶାନ୍ତି ଏବଂ ସ୍ଥିରତାର ପ୍ରାରମ୍ଭିକ ପ୍ରତିଷ୍ଠାକୁ ଆମେ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛୁ।

ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ବିବାଦ ପ୍ରସଙ୍ଗରେ ମୁଁ ଆପଣଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛି । ମୁଁ ପୂର୍ବରୁ କହିଛି ଯେ, ଆମେ ବିଶ୍ୱାସ କରୁ ଯେ ସମସ୍ୟାର ସମାଧାନ ହୋଇପାରିବ। ଆମେ ଶାନ୍ତି ଏବଂ ସ୍ଥିରତାର ପ୍ରାରମ୍ଭିକ ପ୍ରତିଷ୍ଠାକୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରୁଛୁ । ଆମର ସମସ୍ତ ପ୍ରୟାସରେ ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଅଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଋଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି,ମୋର ମନେ ଅଛି ଯେ ଜୁଲାଇରେ ଆମେ ସାକ୍ଷାତ କରିଥିଲୁ ଏବଂ ଅନେକ ପ୍ରସଙ୍ଗରେ ବହୁତ ଭଲ ଆଲୋଚନା କରିଥିଲୁ । ଆମେ ଅନେକ ଥର ଟେଲିଫୋନରେ ମଧ୍ୟ କଥା ହୋଇଥିଲୁ । ଆଜି ଆମେ ବ୍ରିକ୍ସ ଶିଖର ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗଦେବୁ ଏବଂ ତାପରେ ରାତ୍ରୀ ଭୋଜନ କରିବୁ।

## ଏନଡିଆରଏଫ...

ମୁତୟନ କରାଯାଇଛି। ୧୭୮ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଥିବା ବେଳେ ୪୦ଟି ଅଗ୍ନିଶମ ସେବା ଟିମ୍ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି। ୨୦ଟି ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି (୧୯ ଜଣ ନିୟୋଜିତ, ୧ଟି ରିଜର୍ଭ) ରହିଛି ।ଭଟିଣ୍ଡାରୁ ୫ଟି ଏନଡିଆରଏଫ ଟିମ୍ ହେଲିକପ୍ଟର ଯୋଗେ ମଙ୍ଗଳବାର ରାତି ୧୦ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିଛି। ଜିଲ୍ଲାପାଳମାନେ ନିୟୋଜିତ ଏନଡିଆରଏଫ ଟିମ୍ ପାଇଁ ରହିବାର ବ୍ୟବସ୍ଥା କରିବେ । ସମ୍ବେଦନଶୀଳ ଲୋକଙ୍କୁ ଆଶ୍ରୟ ଦେବା ପାଇଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ/ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଏବଂ ଅନ୍ୟାନ୍ୟ ସୁରକ୍ଷିତ କୋଠା ଘର ଚିହ୍ନଟ କରାଯାଇଛି । ଲୋକଙ୍କୁ ଏଭଳି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଖାଦ୍ୟ, ପାନୀୟ ଜଳ, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଶାସନ ସଚିବ ତା.୨୦.୧୦.୨୦୨୪ ରିଖରେ ସମ୍ପୃକ୍ତ ଜିଲ୍ଲାପାଳ, ସମ୍ପୃକ୍ତ ବିଭାଗର ସଚିବଙ୍କ ସହ ଏକ ବୈଠକ କରି ଶକ୍ତି, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁ ସଂପଦ, ପାନୀୟ ଜଳ, ଖାଦ୍ୟ ଯୋଗାଣ, କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଗୁଆ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ତା.୨୧.୧୦.୨୦୨୪ ରିଖରେ ସମ୍ପୃକ୍ତ ବିଭାଗର ଜିଲ୍ଲାପାଳ, ସଚିବଙ୍କ ସହ ବୈଠକ କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବାତ୍ୟା ପରେ ରାସ୍ତା ଓ ଯାତାୟାତ ବ୍ୟବସ୍ଥାକୁ ସଫା କରିବା ପାଇଁ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ଉପକୂଳରେ ଚଳାଚଳ କରୁଥିବା ସମସ୍ତ ମାଛଧରା ଡଙ୍ଗାକୁ ୨୨.୧୦.୨୦୨୪ ପୂର୍ବାହ୍ନ ୧୧ଟା ସୁଦ୍ଧା ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି ଏବଂ ୨୬.୧୦.୨୦୨୪ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ମାଛଧରା ଡଙ୍ଗା ସମୁଦ୍ର ଭିତରକୁ ଯିବ ନାହିଁ ବୋଲି ସୁନିଶ୍ଚିତ କରାଯାଇଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ୧୪ଟି ଜିଲ୍ଲାର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନର ସାମଗ୍ରିକ ତଦାରଖ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ହାଇ ଆଲର୍ଟରେ ଜିଲ୍ଲାଗୁଡ଼ିକରେ ନିୟୋଜିତ କରାଯାଇଛି। ତିନି ବନ୍ଦର କର୍ତ୍ତୃପକ୍ଷ ଗୋପାଳପୁର, ପାରାଦୀପ ଓ ଧାମରାକୁ ସତର୍କତାମୂଳକ ସୂଚନା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଠିକ୍ ସମୟରେ ସ୍ଥାନାନ୍ତର ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଘରୋଇ ଓ ସରକାରୀ କୋଠାରେ ଓଭରହେଡ୍ ପାଣି ଟାଙ୍କି ଭର୍ତ୍ତି ରଖିବା ପାଇଁ ଅନୁରୋଧ କରାଯାଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ହୋର୍ଡିଂ ହଟାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ସରକାରଙ୍କ ତରଫରୁ ୬ ହଜାରରୁ ଉର୍ଦ୍ଧ୍ୱ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ୩ ହଜାରରୁ ଉର୍ଦ୍ଧ୍ୱ ସମ୍ବେଦନଶୀଳ ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି । ଆବଶ୍ୟକସ୍ଥଳେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ୮ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାମାନଙ୍କୁ ନିରାପଦ ପ୍ରସବ ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଚିହ୍ନଟ କରାଯାଇଛି । ୭୦୦ ଶହରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଗ୍ୟାଙ୍ଗମ୍ୟାନମାନଙ୍କୁ ବାତ୍ୟା ପରବର୍ତ୍ତୀ ସମୟରେ ପୁନଃ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ୫ ହଜାର ପ୍ୟାକେଟ୍ ରୁ ଉର୍ଦ୍ଧ୍ୱ ପଲିଥିନ୍ ମହଜୁଦ୍ ରଖାଯାଇଛି। ସେ କହିଛନ୍ତି ଯେ, ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗତ ୩ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୬ କିଲୋମିଟର ବେଗରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ଅକ୍ଟୋବର ୨୦୨୪ ସୁଦ୍ଧା ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟରେ ପରିଣତ ହେବାର ସମ୍ଭାବନା ରହିଛି । ଏହାପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଏହା ୨୪ ତାରିଖ ସକାଳ ସୁଦ୍ଧା ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ୨୪ ତାରିଖ ରାତି ଓ ୨୫ ତାରିଖ ସକାଳେ ପୁରୀ ଓ ସାଗର ଦ୍ୱୀପ ମଧ୍ୟରେ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରି ଘଣ୍ଟା ପ୍ରତି ୧୦୦ରୁ ୧୧୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ସରକାରଙ୍କ ଚିନ୍ତାଜନକ ତଥ୍ୟ...

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧.୬୮ ଲକ୍ଷ ହୋଇଥିବାବେଳେ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି) ଦ୍ୱାରା ସଂଗୃହିତ ତଥ୍ୟ ଅନୁଯାୟୀ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧.୭୧ଲକ୍ଷ ଥିଲା। ଉଭୟ ଏଜେନ୍ସି ୨୦୨୩ପାଇଁ ଏପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣା ଆକଳନ ପ୍ରକାଶ କରି ନାହାଁନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜୁରାଟ, ରାଜସ୍ଥାନ, ତାମିଲନାଡୁ, ପଶ୍ଚିମବଙ୍ଗ, ପଞ୍ଜାବ, ଆସାମ ଏବଂ ତେଲଙ୍ଗାନା ସମେତ ଅତି କମରେ ୨୧ ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ୨୦୨୨ତୁଳନାରେ ସଡ଼କ ଦୁର୍ଘଟଣାର ବୃଦ୍ଧି ରେକର୍ଡ କରିଛି। ଆନ୍ଧ୍ରପ୍ରଦେଶ, ବିହାର, ଦିଲ୍ଲୀ, କେରଳ ଏବଂ ଚଣ୍ଡିଗଡ଼ ଭଳି ରାଜ୍ୟରେ ମୃତ୍ୟୁ ହାରରେ ସାମାନ୍ୟ ହ୍ରାସ ଘଟିଥିବା କୁହାଯାଇଛି।

# ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ ପ୍ରସ୍ତୁତି

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଯୋଗାଣ ଉପରେ ବାତ୍ୟା 'ଦାନା'ର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ଗ୍ରାହକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଆହ୍ୱାନପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ କମ୍ପାନି ପ୍ରତିଶ୍ରୁତିବଦ୍ଧ ରହିଛି।

ଟିପିସିଓଡିଏଲ୍ ଏହାର ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି)କୁ କାର୍ଯ୍ୟକାରୀ କରିଛି। ସେଥିରେ ବିଭିନ୍ନ ସ୍ତରର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ସଂଗଠିତ ବିପର୍ଯ୍ୟୟ ପ୍ରତିକ୍ରିୟା ଢ଼ାଞ୍ଚା ରହିଛି। ବାସ୍ତବ ସମୟ ପାଣିପାଗ ଆକଳନ ଓ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ, ବିପର୍ଯ୍ୟୟ ପୂର୍ବରୁ ସତର୍କ ସୂଚନା ଜାରି କରିବା ତଥା ତ୍ୱରିତ ପୁନରୁଦ୍ଧାର ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ଏହି ଯୋଜନାରେ ସ୍ପଷ୍ଟ ପରିଚାଳନା ବ୍ୟବସ୍ଥା ଉଲ୍ଲେଖ କରାଯାଇଛି। ଗ୍ରାହକମାନଙ୍କୁ ଟିପିସିଓଡିଏଲର ୨୪ ଘଣ୍ଟିଆ ଦେୟମୁକ୍ତ ହେଲପଲାଇନ: ୧୯୧୨ / ୧୮୦୦୩୪୫୭୧୨୨ମାଧ୍ୟମରେ ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଜଣାଇବାକୁ ଅନୁରୋଧ କରାଯାଇଛି। ସମ୍ଭାବ୍ୟ ସମସ୍ୟାକୁ ଶୀଘ୍ର ଏବଂ ଦକ୍ଷତାର ସହ ସମାଧାନ କରିବା ପାଇଁ କମ୍ପାନି ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳର ଏକାଧିକ ସ୍ଥାନରେ କ୍ୱିକ୍-ରେସପନ୍ସ ଟିମ୍ ମୂତୟନ କରିଛି। ବାତ୍ୟା ପାଖେଇ ଆସୁଥିବା ବେଳେ ଦୁର୍ଘଟଣା ରୋକିବା ଏବଂ ସୁରକ୍ଷିତ ରହିବା ପାଇଁ ଜନସାଧାରଣଙ୍କୁ ଏହି ସୁରକ୍ଷା ବ୍ୟବସ୍ଥା ପାଳନ କରିବାକୁ ଟିପିସିଓଡିଏଲ୍ ପରାମର୍ଶ ଦିଆଯାଇଛି। ବଜ୍ରପାତ ସମୟରେ ବିଦ୍ୟୁତ ବ୍ୟବସ୍ଥା, ତା'ର କିମ୍ବା ପାଇପ ଆଦିକୁ ସ୍ପର୍ଶ କରିବାରୁ ଦୂରେଇ ରୁହନ୍ତୁ, କାରଣ ସେଗୁଡ଼ିକ ବିଦ୍ୟୁତ ସୁପାରିବାହୀ ହୋଇଥାଏ। ସୁରକ୍ଷିତ ସ୍ଥାନରେ ଆଶ୍ରୟ ନିଅନ୍ତୁ, ପ୍ରବଳ ପବନ ଓ ପ୍ରବଳ ବର୍ଷା ସମୟରେ ଗଛ କିମ୍ବା ଅସ୍ଥାୟୀ ଢାଞ୍ଚା ତଳେ ଆଶ୍ରୟ ନିଅନ୍ତୁ ନାହିଁ। ଉପଯୁକ୍ତ ପ୍ରତିକାର ବିନା ଓଦା ହାତରେ କିମ୍ବା ପାଣିରେ ଠିଆ ହୋଇ କୌଣସି ବୈଦ୍ୟୁତିକ ଉପକରଣ ପରିଚାଳନା କରିବାକୁ ଚେଷ୍ଟା କରନ୍ତୁ ନାହିଁ। ପ୍ରବଳ ବର୍ଷା ସମୟରେ ଏବଂ ପରେ ପିଲାମାନଙ୍କୁ ଖୋଲା ଡ୍ରେନ୍ ଏବଂ ଅନ୍ୟାନ୍ୟ ଜଳାଶୟଠାରୁ ଦୂରେଇ ରଖନ୍ତୁ। "ସମ୍ଭାବ୍ୟ ବାତ୍ୟା 'ଦାନା' ପାଖେଇ ଆସୁଥିବା ବେଳେ ବିଦ୍ୟୁତ ଯୋଗାଣରେ ସୃଷ୍ଟି ବାତ୍ୟାକୁ ସର୍ବନିମ୍ନ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ନେଟୱାର୍କ ନିରୀକ୍ଷଣ ପାଇଁ ଆମେ ବିକେନ୍ଦ୍ରୀକୃତ ସେଂଟ୍ରାଲ୍ ରୁମକୁ କାର୍ଯ୍ୟକାରୀ କରିଛୁ। ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଏବଂ ପର୍ଯ୍ୟପ୍ତ ପରିମାଣର ବିଦ୍ୟୁତ ଓ ମରାମତି ଉପକରଣ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛୁ । ଉଭୟ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆମେ ସରକାରୀ ଏଜେନ୍ସିମାନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ । ଆମେ ସମସ୍ତଙ୍କୁ ନିରାପତା ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରୁଛୁ ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ଅବଗତ କରିବାକୁ ଅନୁରୋଧ କରୁଛୁ ବୋଲି ଟିପିସିଓଡିଏଲର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି।" ଯେକୌଣସି ଆବଶ୍ୟକ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପାନି ଟ୍ରାନ୍ସଫର୍ମର, କଣ୍ଡକ୍ଟର ଏବଂ ବିଦ୍ୟୁତ ଖୁଣ୍ଟ ସମେତ ଅତ୍ୟାବଶ୍ୟକ ଉପକରଣ ମହଜୁଦ ରଖିଛି। ଡାକ୍ତରଖାନା ଓ ବିପର୍ଯ୍ୟୟ ମୁକାବିଲା କେନ୍ଦ୍ର ଭଳି ଜରୁରୀକାଳୀନ ସେବାକୁ ନିରନ୍ତର ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରହିଛନ୍ତି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରୁଛି। ଏହାର ଦୃଢ଼ ପରିଚାଳନା ଢାଞ୍ଚା ଏବଂ ପ୍ରସ୍ତୁତିର ଉପଯୋଗ କରି କମ୍ପାନି ଉଭୟ ଗ୍ରାହକ ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଜରୁରୀକାଳୀନ ପରିସ୍ଥିତି ଏଡ଼ାଇବାକୁ ଲକ୍ଷ୍ୟ ରଖିଛି ।

## ସମ୍ଭାବ୍ୟ ବାତ୍ୟା ପାଇଁ ବୁଲା ଗାଈ ଗୋରୁଙ୍କୁ ସୁରକ୍ଷା ଦେବା ନିମନ୍ତେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ଦାନା'ଯୋଗୁଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧା ଚଞ୍ଚଳ ରାଣା ଜିଲ୍ଲାରେ ବୁଲୁଥିବା ବୁଲା ଗାଈ ଗୋରୁ ଏବଂ ବିଭିନ୍ନ ପଶୁ ମାନଙ୍କର ସୁରକ୍ଷା ଦିଗରେ ଜିଲ୍ଲାର ସମସ୍ତ ପୌର ପରିଷଦ, ପୌର ବିଜ୍ଞାପିତ ଅଞ୍ଚଳ, ଭୁବନେଶ୍ୱର ମହାନଗର ନିଗମ, ଜଙ୍ଗଲ ବିଭାଗ, ପଶୁ ସେବା ବିଭାଗଙ୍କୁ ବୁଲା ଗାଈ ଗୋରୁ ଓ ସମସ୍ତ ପଶୁ ମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ସଂ. SDCM/KUR/E-Auction/NFR/Press Clippings/2024-25/5763, ତାରିଖ: 17.10.2024

**କ୍ରମ ସଂଖ୍ୟା-1 : ଆସେଟ୍ ବିବରଣୀ :** ରେଳ ସଦନ ଏବଂ ମଞ୍ଚେଶ୍ୱର ଅଞ୍ଚଳରେ 1100 ବର୍ଗ ଫୁଟର ହୋର୍ଡିଂ, ପ୍ରତ୍ୟେକ 200 ବର୍ଗ ଫୁଟର 02 ଭିଡିଓ ୱାଲ୍ ଏବଂ 100 ବର୍ଗ ଫୁଟର 01 ବ୍ୟାକ୍‌ଲିଟ୍‌ର ସଂସ୍ଥାପନ ନିମନ୍ତେ ବିଜ୍ଞାପନ ଅଧିକାର।

**କ୍ରମ ସଂଖ୍ୟା-2 : ଆସେଟ୍ ବିବରଣୀ :** କଟକ ରେଳ ଷ୍ଟେସନ (ଷ୍ଟେସନର ଇଷ୍ଟ ଏଣ୍ଟ୍ରି ସାଇଡ୍)ରେ 6 ଫୁଟ X 6 ଫୁଟ ଆକାରର ଏକ ଅଟୋମେଟେଡ୍ ଟେଲର ମେସିନ୍ (ATM)ର ବ୍ୟବସ୍ଥା ଏବଂ ପରିଚାଳନା।

**କ୍ରମ ସଂଖ୍ୟା-3 : ଆସେଟ୍ ବିବରଣୀ :** ଷ୍ଟେସନଗୁଡ଼ିକରେ ସଂସ୍ଥାପିତ ଅଟୋମେଟିକ୍ ଭେଣ୍ଡିଙ୍ଗ୍ ମେସିନ୍ (ATVM)ଗୁଡ଼ିକର ଫ୍ରଣ୍ଟ ପ୍ୟାନେଲରେ ବିଜ୍ଞାପନ ଅଧିକାର। ATVM ନିମନ୍ତେ ମୋଟ୍ 58 ATVMs ପ୍ରଦାନ କରାଯିବ। ବିଜ୍ଞାପନ କେବଳ ଷ୍ଟିକର ମାଧ୍ୟମରେ କରାଯିବା ଉଚିତ୍। ପ୍ରତି ATVM ପାଇଁ ସର୍ବାଧିକ ଅନୁମୋଦନୀୟ କ୍ଷେତ୍ର ୬ ବର୍ଗ ଫୁଟ ଅଟେ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.04.11.2024ରିଖ 1100 ଘଟିକା (କ୍ରମ ସଂ. 1 ଓ 2 ପାଇଁ) ଏବଂ ତା.05.11.2024ରିଖ 1100 ଘଟିକା (କ୍ରମ ସଂ. 3 ପାଇଁ)।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ :** ତା.04.11.2024ରିଖ 1130 ଘଟିକା (କ୍ରମ ସଂ. 1 ଓ 2 ପାଇଁ) ଏବଂ ତା.05.11.2024ରିଖ 1130 ଘଟିକା (କ୍ରମ ସଂ. 3 ପାଇଁ)।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-650/P/24-25

# ଭେଣ୍ଡିଂ ମେସିନ ଓ ଇନ୍ସିନେରେଟର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶର ମଣ୍ଡଳ ଦ୍ୱାରା କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନୁକ୍ରମେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଚାରିଟି ଲେଖାଏଁ ସାନିଟାରୀ ନାପକିନ ଭେଣ୍ଡିଂ ମେସିନ ଓ ଇନ୍ସିନେରେଟର ପ୍ରଦାନ କରାଯାଇଛି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ, ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ଦିନେଶ ପରୁଥି ଉପ-କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କୁ ପ୍ରତୀକାତ୍ମକ ମେସିନ ସମୂହ ପ୍ରଦାନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ସାନିଟାରୀ ନାପକିନ ପ୍ରଦାନ କରିଥିଲେ । ଏହି ଅବସରରେ ରମାଦେବୀ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ତଥା ଷ୍ଟେଟ ବ୍ୟାଙ୍କ ତରଫରୁ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହିଳା ସଶକ୍ତିକରଣ ଦିଗରେ ଷ୍ଟେଟ ବ୍ୟାଙ୍କଦ୍ୱାରା ନିଆଯାଇଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପରୁଥି ନିଜ ବକ୍ତବ୍ୟରେ ସାମାଜିକ କଲ୍ୟାଣ ଓ ମହିଳା ସଶକ୍ତିକରଣ ପାଇଁ ଷ୍ଟେଟ ବ୍ୟାଙ୍କର ପ୍ରତିବଦ୍ଧତା ଜଣାଇବା ସହ ଛାତ୍ରୀ ମାନଙ୍କୁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇବାର ପ୍ରତିଶୃତି ଦେଇଥିଲେ । ରେଜିଷ୍ଟ୍ରାର ଶ୍ରୀମତୀ ଶ୍ୟାମଳା ମହାପାତ୍ର ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR.**
AT-CHANDIKHOL,PO-SUNGUDA, JAJPUR -754024, Tel No. 0671-2444488, Email-serw kpd@yahoo.com

O-467

No. Tender Online RCK-22 /24 Letter No.-3068 Date: 21-10-24

e-Procurement NOTICE

1. Name of the work : Building & Road Works in the district of Jajpur for the year 2023- 24.
2. Class of Contractor : As specified in the Column-6 of the Annexure.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK - 22/ 24 | 28.10.2024 at 11.30 A.M. | 11.11.2024 to 05.00 P.M. | 11.11.2024 up to 02.00 P.M. | 12.11.2024 at 11.30 A.M. | To be intimated later |

Further details can be seen from the website www.tendersorissa.gov.in
OIPR-25129/11/0014/2425
Chief Construction Engineer
Rural Works Circle, Kendrapara-Jajpur

ଭୁବନେଶ୍ୱର
୨୩ ଅକ୍ଟୋବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

### ପର୍ଯ୍ୟଟକଙ୍କ ସୁରକ୍ଷାକୁ ନିଶ୍ଚିତ କଲେ ଉପମୁଖ୍ୟମନ୍ତ୍ରୀ

## ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀର ଅନୁପାଳନ ପାଇଁ ଓଟିଡିସିକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୨/୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧୀନରେ ଥିବା ପାନ୍ଥନିବାସରେ ରହୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ସମୟରେ ପର୍ଯ୍ୟଟକମାନଙ୍କର ସୁରକ୍ଷା ଓ ସମସ୍ତ ପ୍ରକାର ମୌଳିକ ଆବଶ୍ୟକତାକୁ ସୁନିଶ୍ଚିତ କରାଯିବ। 'ଅତିଥି ଦେବୋ ଭବଃ' ନୀତିକୁ ଅବଲମ୍ବନ କରି ଓଡ଼ିଶା ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀର ଉପଯୁକ୍ତ ଅନୁପାଳନ ପାଇଁ ସେ ଓଟିଡିସିକୁ ନିର୍ଦ୍ଦେଶ ଦେଇଛନ୍ତି।

# ୪ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ କରାଯିବ : ମୁଖ୍ୟମନ୍ତ୍ରୀ

**ଢେଙ୍କାନାଳ, ୨୨/୧୦ ନ୍ୟୁଜ ବ୍ୟୁରୋ**

ଜମୁଛି ଲକ୍ଷ୍ମୀପୂଜା । ସପରିବାର ଲକ୍ଷ୍ମୀପୂଜା ପୂଜାମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ନେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଭିନ୍ନ ପୂଜାମଣ୍ଡପ ବୁଲିବା ପରେ ମହାବୀର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ଥାନୀୟ ସାଂସଦ ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



ଢେଙ୍କାନାଳର ସର୍କିଟ ହାଉସରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ । ପରେ ଢେଙ୍କାନାଳ ବସଷ୍ଟାଣ୍ଡ ସ୍ଥିତ ଢେଙ୍କାନାଳ ଗଡ଼ମୂଳ ଶାସନ କର୍ତ୍ତା ଶବର ରାଜା ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପରେ ପୂଜା ବଜାରକୁ କାର ଯୋଗେ ଯାଇ ବସଷ୍ଟାଣ୍ଡ ପୂଜା ମଣ୍ଡପ, ଗଣେଶ ବଜାର , ମହାବୀର ବଜାର, ଲକ୍ଷ୍ମୀ ବଜାର, ଜବାହାର ଚୌକ ଆଦି ପୂଜା ମଣ୍ଡପ ଯାଇ ମା' ଲକ୍ଷ୍ମୀଙ୍କୁ ଦର୍ଶନ କରୁଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "୧୯୯୦ ମସିହାରେ ମୁଁ ଏହି ସହରକୁ ଆସିଥିଲି । ଦ୍ୱିତୀୟ ଥର ପାଇଁ ଏହି ପୂଜା ଦେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା। ୩୮ଟି ପୂଜାମଣ୍ଡପରୁ ୭ରୁ ୮ଟି ବୁଲିଲି। ଐତିହ୍ୟ ସମ୍ପର୍ଣ୍ଣ ଢେଙ୍କାନାଳ ସହର । ଓଡ଼ିଶାର ସଂସ୍କୃତି ଐତିହ୍ୟରେ ଢେଙ୍କାନାଳ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଐତିହ୍ୟ ପରମ୍ପରା ସହ ଏଠାରେ ଶିଳ୍ପାୟନ ମଧ୍ୟ ଅଛି । ଶିଳ୍ପାୟନ ସହ ବିକାଶ କ୍ଷେତ୍ରରେ କିପରି ଢେଙ୍କାନାଳ ଓଡ଼ିଶାରେ ଆଗରେ ରହିବ ସେନେଇ ସରକାର ବହୁ ଯୋଜନା କରୁଛନ୍ତି। ବିକଶିତ ଓଡ଼ିଶା ଗଠନ ହେବା ବେଳେ ଢେଙ୍କାନାଳ ମଧ୍ୟ ବିକଶିତ ଜିଲ୍ଲା ହୋଇପାରିଥିବ ମୋର ଆଶା । "ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି,''ଓଡ଼ିଶାର ସଂସ୍କୃତି, ଐତିହ୍ୟରେ ଢେଙ୍କାନାଳ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ମା' ଲକ୍ଷ୍ମୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଓ ସମସ୍ତଙ୍କୁ ଧନଧାନ୍ୟରେ ପରିପୂର୍ଣ୍ଣ କରନ୍ତୁ। ଏ ଢେଙ୍କାନାଳ ମାଟି ବୀରଙ୍କ ମାଟି । ଢେଙ୍କାନାଳ ମାଟିର ବରପୁତ୍ର ଭାବେ ବୀର ଶହୀଦ ବାଜି ରାଉତ, ବୈଷ୍ଣବ ପଟ୍ଟନାୟକ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ପ୍ରମୁଖ ଆଜି ସାରା ଭାରତ ବର୍ଷରେ ଢେଙ୍କାନାଳ ମାଟିକୁ ଗର୍ବିତ କରାଇଛନ୍ତି । ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ମହିମା ଧର୍ମର ଉତ୍ପତି ଏହି ଜିଲ୍ଲାରୁ ହୋଇଛି । ଧର୍ମ, ସଂସ୍କୃତି, ଭାଷା ସାହିତ୍ୟ ଆଦି ଭାରତୀୟ ସଂସ୍କୃତିକୁ ଉଜ୍ଜ୍ୱଳିତ କରୁଛି । ଢେଙ୍କାନାଳ ଲକ୍ଷ୍ମୀପୂଜା ଭାଇଚାରା ଓ ସଂସ୍କୃତିର ପ୍ରତୀକ ଭାବେ ଆଜି ଓଡିଶା କାହିଁକି ସାରା ଭାରତ ବର୍ଷରେ ସ୍ୱତନ୍ତ୍ରତା ହାସଲ କରିଛି । ଢେଙ୍କାନାଳର ଶିଳ୍ପ, ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛି । ଆଗାମୀ ଦିନରେ ୪ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ ଢେଙ୍କାନାଳରେ କରାଯିବ । ଯାହାଦ୍ୱାରା ଓଡ଼ିଆ ଶ୍ରମିକ ଓ ଢେଙ୍କାନାଳର ବେକାର ଯୁବକ ଯୁବତୀମାନେ ନିଯୁକ୍ତି ସୁଯୋଗ ହାସଲ କରିବେ ।''






ଆସୁଛି ବାତ୍ୟା ଦାନା' ଭୁବନେଶ୍ୱରରେ ସଜାଗ ଟିମ୍ ଓଡ୍ରାଫ ଏବଂ ଫାୟାର।
(ଫଟୋ : ସମ୍ବାଦ କଳିକା)

# ଭରତପୁର ଥାନା କାଣ୍ଡ: ନିଲମ୍ବିତ ଆଇସିସିଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ନାହିଁ ହାଇକୋର୍ଟ

**କଟକ, ୨୨/୧୦ ନ୍ୟୁଜ ବ୍ୟୁରୋ**

ଭରତପୁର ଥାନାରେ ସେନା-ପୋଲିସ ବିବାଦ ଘଟଣାରେ ନିରାଶ ହୋଇଛନ୍ତି ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର । ଏହି ମାମଲାର ଶୁଣାଣି କରି ଦୀନକୃଷ୍ଣ ମିଶ୍ରଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ କୋର୍ଟ ମନା କରିଦେଇଛନ୍ତି । ସେହିପରି ତଦନ୍ତର ଅଗ୍ରଗତି ନେଇ କୋର୍ଟଙ୍କୁ ଅବଗତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପ ଟୁ ଡେଟ କେଶ ଡାଏରୀ ଦାଖଲ କରିବା ପାଇଁ ମଧ କୋର୍ଟ ନିର୍ଦ୍ଦେଶ ଦେବା ସହ ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ଏହା ପୂର୍ବରୁ ଅନ୍ୟ ୪ ଜଣ ପୋଲିସ ଅଧିକାରୀ ବୈଶାଳିନୀ ପଣ୍ଡା, ବଳରାମ ହାଁସଦା, ସାଗରିକା ରଥ ଓ ଶଲିଳାମୟୀ ସାହୁଙ୍କ ଆବେଦନ ଉପରେ ଏହି ସମାନ ଆଦେଶ ଦେଇଥିଲେ ହାଇକୋର୍ଟ । ଗତ ଶୁଣାଣିରେ ୪ ପୋଲିସ ଅଧିକାରୀ ନିରାଶ ହୋଇଥିଲେ, ଭରତପୁର ଥାନାରେ ଆର୍ମି ମେଜର ଓ ପୋଲିସଙ୍କ ବିବାଦ ଘଟଣାରେ ୪ ନିଲମ୍ବିତ ପୋଲିସ ଅଧିକାରୀଙ୍କୁ ମିଳିନାହିଁ ଅନ୍ତରୀଣ ସୁରକ୍ଷା। ଅନ୍ତରୀଣ ସୁରକ୍ଷା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ୫ ପୋଲିସ ଅଧିକାରୀ । ଏହି ମାମଲାର ଶୁଣାଣି ହୋଇଥିଲା । ମାତ୍ର



ନିଲମ୍ବିତ ଆଇଆଇସିଙ୍କ ବ୍ୟତୀତ ଅନ୍ୟ ୪ ଜଣଙ୍କର ଅନ୍ତରୀଣ ସୁରକ୍ଷା ମାମଲାର ଶୁଣାଣି କରି କୋର୍ଟ ଅନ୍ତରୀଣ ସୁରକ୍ଷା ପାଇଁ ମନା କରିଦେଇଥିଲେ । ସେହିପରି ଏହି ମାମଲାର ତଦନ୍ତର ସ୍ଥିତି ଏବଂ କେସ ଡାଏରୀ ପ୍ରଦାନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହି ୪ ପୋଲିସ ଅଧିକାରୀ ହେଉଛନ୍ତି ବୈଶାଳିନୀ ପଣ୍ଡା, ବଳରାମ ହଂସଦା, ସଗରିକା ରଥ ଓ ଶୈଳମୟୀ ସାହୁ। ଥମିବାର ନାଁ ଧରୁ ନାହିଁ ଭରତପୁର ଥାନାରେ ହୋଇଥିବା ସେନା ଅଧିକାରୀ ଓ ପୋଲିସ ବିବାଦ । ଏନେଇ ଓଡିଶା ହାଇକୋର୍ଟରେ ରୁଜୁ ହୋଇଛି ଆଉ ଏକ ମାମଲା। ନିଲମ୍ବିତ ଏସଆଇଙ୍କ ମା' ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ପୀଡିତା ଜଣକ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ନେଇ ଆବେଦନରେ ଉଲ୍ଲେଖ କରିଛନ୍ତି । ପୀଡିତା (ସେନା ଅଧିକାରୀଙ୍କ ବାନ୍ଧବୀ) ଗଣମାଧ୍ୟମକୁ କିପରି ସାକ୍ଷାତକାର ଦେଉଛନ୍ତି । ହାଇକୋର୍ଟ ଏନେଇ କୌଣସି ବ୍ୟକ୍ତିଙ୍କ ନାମ ଗଣମାଧ୍ୟମ କିମ୍ବା ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ପୀଡିତା କୋର୍ଟଙ୍କ ନିର୍ଦ୍ଦେଶକୁ ଖିଲାପ କରିଥିବା ନେଇ ନିଜ ଆବେଦନରେ ଦର୍ଶାଇଛନ୍ତି ନିଲମ୍ବିତ ଏସଆଇଙ୍କ ମା' । ଯାହାଫଳରେ ତାଙ୍କ ଝିଅ ବଦନାମ ହେଉଛି। କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇ ମଧ୍ୟ ତାଙ୍କୁ ଦୋଷୀ ଭଳି ବ୍ୟବହାର କରାଯାଉଥିବା ସେ ଆବେଦନରେ ଦର୍ଶାଯାଇଛି । ପୂର୍ବରୁ କ'ଣ ରାୟ ଦେଇଥିଲେ ହାଇକୋର୍ଟ : ଭରତପୁର ଥାନାରେ ଆର୍ମି ମେଜରଙ୍କ ବାନ୍ଧବୀଙ୍କୁ ମାଡ଼ ମରା ଘଟଣାରେ ଓଡିଶା ହାଇକୋର୍ଟ ନିମ୍ନ ଅଦାଲତଙ୍କ କାର୍ଯ୍ୟକୁ କଡା ସମାଲୋଚନା କରିଥିଲେ । ସେହିପରି ପୋଲିସ ଅଧିକାରୀଙ୍କ କାର୍ଯ୍ୟକୁ ମଧ ଭର୍ତ୍ସନା କରିଛନ୍ତି କୋର୍ଟ । ଗତମାସ (ସେପଟ୍ଟେମ୍ବର) ୧୬ ତାରିଖରେ ମେଜରଙ୍କ ବାନ୍ଧବୀଙ୍କୁ ନିମ୍ନ ଅଦାଲତ (ଭୁବନେଶ୍ୱର ସ୍ଥିତ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ) ଯେଉଁ ଜାମିନ ପ୍ରଦାନ କରିଥିଲେ ତାହାକୁ ନେଇ ହାଇକୋର୍ଟ ଅସନ୍ତୋଷ ଜାହିର କରିବା ସହ ତାଗିଦ ମଧ କରିଛନ୍ତି । ଏପରିକି ହାଇକୋର୍ଟ କହିଛନ୍ତି କି ମାଜିଷ୍ଟ୍ରେଟ ନିଜ ନ୍ୟାୟିକ ବୁଦ୍ଧି ପ୍ରୟୋଗ ନ କରି ସାଧାରଣ ଢଙ୍ଗରେ କାର୍ଯ୍ୟ କରିଛନ୍ତି। କୋର୍ଟ ଏହି ମାମଲାର ଶୁଣାଣି ସମୟରେ କହିଛନ୍ତି ଯେ, ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ବିଚାର କରିବା ସମୟରେ ନିମ୍ନ ଅଦାଲତ ଆଇନକୁ ତର୍ଜମା କରିବା ଉଚିତ। ଏହି ଭଳି ଛପା ଫର୍ମାଟ ଆଦେଶ ଅନୁସରଣ ନକରିବା ପାଇଁ ସମସ୍ତ ମାଜିଷ୍ଟ୍ରେଟଙ୍କୁ ଅବଗତ କରିବାକୁ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜଙ୍କୁ ହାଇକୋର୍ଟ କହିଛନ୍ତି । 'ବିଏନଏସ'ର ଧାରା-୩୫ରେ ଥିବା ବ୍ୟବସ୍ଥା ଅନୁସରଣ କରିବା କ୍ଷେତ୍ରରେ ଗିରଫ କରିଥିବା ପୋଲିସ ଅଧିକାରୀ ବିଫଳ ହୋଇଥିଲେ ବୋଲି ହାଇକୋର୍ଟ ଅଡରରେ ସ୍ପଷ୍ଟ କରିଛନ୍ତି । ଯାହାକି ସୁପ୍ରିମକୋର୍ଟଙ୍କ ନିୟମାବଳୀର ଉଲ୍ଲଂଘନ କରୁଛି ବୋଲି କୋର୍ଟ କହିଛନ୍ତି । କେବଳ ସେତିକି ନୁହେଁ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ମଧ ଦେଇଛନ୍ତି ।

## କେନ୍ଦ୍ରକୁ ଅଧିକ ଏନଡ଼ିଆରଏଫ୍ ଟିମ୍ ମାଗିଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୨୨।୧୦ ନ୍ୟୁଜ ବ୍ୟୁରୋ**

ବାତ୍ୟା ପାଇଁ କେନ୍ଦ୍ରକୁ ଅଧିକ ଏନଡ଼ିଆରଏଫ ଟିମ ମାଗିଲେ ରାଜ୍ୟ ସରକାର। ଅତିରିକ୍ତ ୧୦ ଏନଡ଼ିଆରଏଫ ଟିମ ପଠାଇବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେ ରାଜ୍ୟ ସରକାର। ବାତ୍ୟା ମୁକାବିଲା ଲାଗି ୧୦ଟି ଜିଲ୍ଲା ପ୍ରଭାବିତ ହେବାକୁ ଥିବାରୁ ସେଠାରେ ନିୟୋଜିତ ହେବେ ୧୭ ଓଡ୍ରାଫ ଟିମ। ୩ ଓଡ୍ରାଫ ଟିମ ରିଜର୍ଭ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ପାଇଁ ଗୋଟିଏ ଟିମ୍, ପୁରୀ ପାଇଁ ୨ଟି ଟିମ୍, ଜଗତସିଂହପୁର ୨ ଟିମ୍, କେନ୍ଦ୍ରାପଡା ୨ ଟିମ୍, କଟକ ଗୋଟିଏ ଟିମ୍, ଖୋର୍ଦ୍ଧା ୨ ଟିମ୍, ଯାଜପୁର ଗୋଟିଏ ଟିମ୍, ଭଦ୍ରକ ୨ ଟିମ୍, ବାଲେଶ୍ୱର ୨ ଟିମ୍ ଓ ମୟୁରଭଞ୍ଜରେ ଗୋଟିଏ ଟିମ୍ ହେବେ ନିୟୋଜିତ। ଟିମ୍ ମୁତୟନ ନେଇ ଆଇନଶୃଙ୍ଖଳା ଏଡ଼ିଜିଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର।

### ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଏସ୍‌ସିବିରେ ପ୍ରସ୍ତୁତି

## ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ୨୪ ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ

**କଟକ,୨୨/୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ଏସ୍‌ସିବି ମେଡିକାଲ୍‌କୁ ସଜାଗ କରାଯାଇଛି । ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ ଡାକ୍ତର, ନର୍ସିଂ ଷ୍ଟାଫ୍, ଫାର୍ମାସିଷ୍ଟ, ଟେକ୍ନିସିଆନ୍‌ଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ୨୪ ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି । ବିଦ୍ୟୁତ ସରବରାହ, ଜଳ ଯୋଗାଣ ଆଦିରେ ଯେପରି ବିଭ୍ରାଟ ନହେବ ତା'ଉପରେ ଗୁରୁତ୍ୱ ଦିଆଯାଇଛି । ବିକଳ୍ପ ପଦକ୍ଷେପ ସ୍ୱରୂପ ବିଭିନ୍ନ ୱାର୍ଡ, ଆଉଟ୍‌ଡୋର, ଓଟି, ଆଶୁଚିକିତ୍ସା କେନ୍ଦ୍ର, ନିଦାନ କେନ୍ଦ୍ର ଆଦିକୁ ସଂଯୋଗ ହୋଇଥିବା ଡିଜି ସେଟ୍‌ଗୁଡ଼ିକୁ ପ୍ରସ୍ତୁତି ରଖିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ହସ୍ପିଟାଲର ବିଭିନ୍ନ ୱାର୍ଡରେ ଆବଶ୍ୟକ ମୁତାବକ ଔଷଧ, ଇଞ୍ଜେକସନ୍, ହାଲୋଜେନ ବଟିକା, ସାଲାଇନ୍,




ଓଆରଏସ୍ ମହଜୁଦ୍ ରଖିବାକୁ ମେଡିକାଲ ଷ୍ଟୋର ଫାର୍ମାସୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ମୁକାବିଲା ପାଇଁ ଏସ୍‌ସିବି ଅଧକ୍ଷ ପ୍ରଫେସର ଡାକ୍ତର ଲୁସି ଦାସଙ୍କ ଅଧକ୍ଷତାରେ ମେଡିକାଲ କଲେଜ୍‌ର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବାତ୍ୟା ସମୟରେ ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ବ୍ୟାହତ ନହେବ ସେଥିଲାଗି ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରଫେସରଙ୍କ ଏନେଇ ଆଲୋଚନା ହୋଇଥିଲା । ହସ୍ପିଟାଲରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି । କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ ଲାଗି ୦୬୭୧-୨୪୨୨୦୩୨/୨୯୯୨୮୦୦ ନମ୍ବର ଜାରି କରାଯାଇଛି । ଏଥିସହ ଆମ୍ବୁଲାନ୍ସଗୁଡ଼ିକୁ ମଧ ପ୍ରସ୍ତୁତ ରଖାଯାଇଛି । ରୋଗୀ, କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ଖାଦ୍ୟ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ରୋଗୀ ସମ୍ପର୍କୀୟମାନେ କିପରି ସୁରକ୍ଷିତ ରହିବେ ସେନେଇ ମଧ ଆବଶ୍ୟକ ବ୍ୟବସ୍ଥା କରାଇବା ପାଇଁ ହସ୍ପିଟାଲ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଡାକ୍ତରଖାନା ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, ହସ୍ପିଟାଲ ମ୍ୟାନେଜର, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ମେଡିକାଲ ଷ୍ଟୋର ଅଫିସରଙ୍କ ସମେତ ପୂର୍ତ୍ତ, ଜିଇଡି ଅଧିକାରୀଙ୍କ ସହ ଆଉଟ୍‌ସୋର୍ସିଂ ସଂସ୍ଥାର କର୍ତ୍ତୃପକ୍ଷ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## 'ଦାନା' ଭୟରେ ୩ ଦିନ ଦର୍ଶକଙ୍କୁ ମନା

**ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରସ୍ତୁତି କରାଯାଇଛି । ନନ୍ଦନକାନନର ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ ସରଞ୍ଜାମ ସହିତ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ବାତ୍ୟା ଆସିବା ମାତ୍ରେ ସମସ୍ତ କର୍ମଚାରୀ ନିଜ ବିଭାଗରେ ଉପସ୍ଥିତ ରହିବେ । ଯଥାସମ୍ଭବ ଉପୁଜିଥିବା ସମସ୍ୟାର ତତ୍କାଳ ସମାଧାନ ବ୍ୟବସ୍ଥା କରିବାକୁ କୁହାଯାଇଛି । ବାତ୍ୟା ପୂର୍ବରୁ ୩ ଦିନ ଲାଗି ପାନୀୟ ଜଳ ଓ ଜୀବଜନ୍ତୁଙ୍କ ଖାଦ୍ୟ ମହଜୁଦ ରଖାଯିବ । ବାତ୍ୟାରେ ଗଛ ପଡିବାର ଆଶଙ୍କା ଥିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ। ବିଦ୍ୟୁତ୍ ସମସ୍ୟା ଦୂର କରିବା ଲାଗି ଜେନେରେଟର ଓ ଇନ୍‌ଭର୍ଟର୍ ପ୍ରସ୍ତୁତ ରଖାଯିବ । 'ଜୀବଜନ୍ତୁମାନଙ୍କର ଆହତ କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ପ୍ରାଣୀ ଚିକିତ୍ସକ ଓ କର୍ମଚାରୀଙ୍କ ସହିତ ଆବଶ୍ୟକ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଚିକିତ୍ସା ଉପକରଣ ସହିତ ଚିକିତ୍ସକ ଦଳକୁ ସଜାଗ ରଖାଯାଇଛି । କୌଣସି ସ୍ଥାନରେ ଗଛ ଓ ଡାଳ ପଡ଼ିଲେ, ତା'କୁ ତୁରନ୍ତ କାଟି ହଟାଇବା ପାଇଁ ଗଛକଟା ମେସିନ୍ ଓ ରଶି ସହ କର୍ମଚାରୀ ଦଳ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟାର ପରିସ୍ଥିତିକୁ ଦେଖି ଆବଶ୍ୟକ ପଡିଲେ ପର୍ଯ୍ୟଟକଙ୍କ ଲାଗି ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ବନ୍ଦ ରଖାଯିବା । ବାତ୍ୟା ହଟିବା ପରେ ପରିସର ଭିତରେ ପଡ଼ିଥିବା ଗଛ ଓ ଡାଳ କାଟି ହଟାଯିବ ପରେ ନିୟୋଜିତ କର୍ମଚାରୀ ପରିସରର ପରିସ୍ଥିତି ଅନୁଧ୍ୟାନ କରିବେ,'ଏନେଇ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ନନ୍ଦନକାନନ ନିର୍ଦ୍ଦେଶ ମନୋଜ ନାୟର । ବାତ୍ୟାକୁ ଦୃଷ୍ଟିରେ ରଖି ବନ୍ଦ ହୋଇପାରେ ପ୍ରାଣୀ ଉଦ୍ୟାନ। ଜୀବଜନ୍ତୁ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କିଛି ସମସ୍ୟା ହୁଏ ତେବେ ୨୩ ରୁ ୨୫ ମଧ୍ୟରେ ପ୍ରାଣୀ ଉଦ୍ୟାନ ବନ୍ଦ କରାଯିବ ବୋଲି ଚିଠି ମାଧ୍ୟମରେ ନିର୍ଦ୍ଦେଶ

### ନନ୍ଦନକାନନ-ଶିମିଳିପାଳରେ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଆକ୍ସନ ପ୍ଲାନ




ଦେଇଛନ୍ତି ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ନାୟାର । ଏହା ସହ ପକ୍ଷୀ ଏନକ୍ଲୋଜର ଚାରିପାଖରେ ଜାଲ ଯୋଗାଇ ଦିଆଯିବ। ୱାଟର ବାର୍ଡ ଆଭିରି ଏବଂ ୱାଲ୍-ଅପ୍ ଆଭିଏରିରେ ପ୍ଲାଷ୍ଟିକ୍ ଜାଲ୍ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଆଶ୍ରୟସ୍ଥଳ ପାଇଁ ପକ୍ଷୀ ଏନକ୍ଲୋଜର ଭିତରେ କାଠ ବାକ୍ସ ଯୋଗାଇବା ଆବଶ୍ୟକ। ଶୃଙ୍ଖଳା ଲିଙ୍କ୍ ଜାଲ୍, ୱେଲ୍ଡିଂ ମେସିନ୍, ବାନ୍ଧୁଥିବା ଏକ୍ଷ ତାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ଆଦି ରହିବ। ମୟୂରଭଞ୍ଜ ସ୍ଥିତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ଆସନ୍ତା ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଏନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## 'ଦାନା' ଆତଙ୍କ: ୨୫କୁ ଘୁଞ୍ଚିଲା ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'



**ଭୁବନେଶ୍ୱର,୨୨/୧୦ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ଠାରେ ୨୫ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୪' ଆୟୋଜନ ହେବ । ପୂର୍ବରୁ ଦୀପାବଳିକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ହେବା ପାଇଁ ତାରିଖ ଚୂଡ଼ାନ୍ତ ହୋଇଥିଲା । ମାତ୍ର ପୂର୍ବ କେନ୍ଦ୍ର ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସମ୍ଭାବ୍ୟ ଲଘୁଚାପର ପ୍ରଭାବରେ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୨ ପରିବର୍ତ୍ତେ ୨୫ ତାରିଖରୁ ଟେରାକୋଟା ପ୍ରଦର୍ଶନୀ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି ।

### ବାତ୍ୟାର ମୁକାବିଲା ପାଇଁ କମିଶନରେଟ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ

## ସମ୍ଭାବ୍ୟ ବାତ୍ୟା ଦାନା ମୁକାବିଲା ପାଇଁ ଟ୍ୱିନ୍‌ସିଟିର ସମସ୍ତ ପୋଲିସ ଷ୍ଟେସନ୍ ପ୍ରସ୍ତୁତ : କମିଶନର

**କଟକ ୨୨/୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ କମିଶନରେଟ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ । ବାତ୍ୟା ସମୟରେ ଲୋକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରାଯିବ। ଯେଉଁ ଅଞ୍ଚଳରେ ଲୋକମାନେ ପାଣି ଘେରରେ ଥିବେ ସେମାନେ ସାହାଯ୍ୟ ପାଇଁ ଯୋଗାଯୋଗ କରିପାରିବେ। ପୋଲିସ ସେମାନଙ୍କୁ ସହଯୋଗର ହାତ ବଢ଼ାଇବ ବୋଲି କହିଛନ୍ତି ପୋଲିସ କମିଶନର ଏସ୍ ଦେବ ଦତ୍ତ ସିଂ ।

ପୋଲିସ କମିଶନର କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ଦାନା ମୁକାବିଲା ପାଇଁ ଟ୍ୱିନ୍‌ସିଟିର ସମସ୍ତ ପୋଲିସ



ଷ୍ଟେସନ୍ ପ୍ରସ୍ତୁତ ରହିଛି । ସବୁ ଥାନା ଅଧିକାରୀଙ୍କୁ ୨୪ ଘଣ୍ଟିଆ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ କୁହାଯାଇଛି। ସେହିଭଳି ବିଭିନ୍ନ ଥାନା ଅଞ୍ଚଳରେ ଘଟୁଥିବା କଳାବଜାରୀ ଉପରେ ରୋକ ଲାଗାଇବା ସହ କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ୮୦ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

## ବିଏମ୍‌ସି ମୁଖ୍ୟାଳୟରେ ଖୋଲିଲା ୨୪ ଘଣ୍ଟିଆ କଂଟ୍ରୋଲ ରୁମ୍

**ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଏକ ସମୀକ୍ଷା ବୈଠକ ମଙ୍ଗଳବାର ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଂଜିନିୟର ବିଳାସ କୁମାର ବେହେରା, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ହୋଇଥିବା ପ୍ରସ୍ତୁତି ବୈଠକରେ କେଉଁ କେଉଁ କାମ କେତେଦୂର ଆଗେଇଛି, ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସଂପ୍ରତି ବିଏମସିର ସାଉଥ-ୱେଷ୍ଟ ଜୋନ୍‌ରେ ୩୦ଟି, ନର୍ଥ ଜୋନ୍‌ରେ ୨୧ଟି ଏବଂ ସାଉଥ-ଇଷ୍ଟ ଜୋନ୍‌ରେ ୨୯ଟି ଏପରି ମୋଟ ୮୦ଟି ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ କରାଯାଇଛି । ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, କମ୍ୟୁନିଟ୍ ସେଣ୍ଟର, କଲ୍ୟାଣ ମଣ୍ଡପରେ ଲୋକମାନଙ୍କୁ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ସେଠାରେ ଲୋକମାନଙ୍କ ପାଇଁ ପାଇଖାନା, ପାନୀୟଜଳ, ଜେନେରେଟର ଆଦି ବ୍ୟବସ୍ଥା କରାଯାଇଛି । ଏହି ୮୦ଟି ଆଶ୍ରୟସ୍ଥଳ ବ୍ୟତୀତ ଆବଶ୍ୟକ ହେଲେ ଆହୁରି ଆଶ୍ରୟସ୍ଥଳ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି । ବାତ୍ୟା ଆଶ୍ରୟସ୍ଥଳ ଅନ୍ତେବାସୀଙ୍କୁ ସୁଖିଲା ଖାଦ୍ୟ ଓ ରନ୍ଧା ଗରମ ଖାଦ୍ୟ ଦେବାକୁ ବୈଠକରେ ନିଷ୍ପତି ହୋଇଛି । ଆଶ୍ରୟସ୍ଥଳରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ ରହିବ । ଗର୍ଭବତୀମାନଙ୍କୁ ଆବଶ୍ୟକ ପଡିଲେ ଡାକ୍ତରଖାନାରେ ରଖିବାର ବ୍ୟବସ୍ଥା କରାଯାଇଛି । ସମସ୍ତ ଡାକ୍ତରଖାନାରେ ଆଜିଠାରୁ ଜେନେରେଟରର ମହଜୁଦ୍ ରଖିବା ପାଇଁ କୁହାଯାଇଛି। ବିଦ୍ୟୁତ୍ ବିଭ୍ରାଟ ହେଲେ, ଜେନେରେଟର ଚାଲୁ ହେବ । ଏଥିପାଇଁ ଆବଶ୍ୟକ ପରିମାଣର ଡିଜେଲ ମଧ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସଂପ୍ରତି କେତେକ ୱାର୍ଡରେ ବିପଦପୂର୍ଣ୍ଣ ଅବସ୍ଥାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ରହିଥିବା ନେଇ କର୍ପୋରେଟରମାନେ ଅବଗତ କରାଇଥିଲେ । ସେହି ସବୁ ଗଛର ଡାଳ ସଙ୍ଗେ ସଙ୍ଗେ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ପଡିଲେ ଗଛଡାଳ କାଟିବା ପାଇଁ ଅଗ୍ନିଶମ ବିଭାଗର ସହାୟତା ନେବାକୁ ମଧ କୁହାଯାଇଛି । ବାତ୍ୟାରେ ଯଦି ଗଛ ଭାଙ୍ଗେ, ତେବେ ଗଛ କାଟିବା ପାଇଁ ଆବଶ୍ୟକ ଗାଡି ସହ ଅଗ୍ନିଶମ ବିଭାଗର ୬୫ଟି ଗଛକଟା ମେସିନ ଏବଂ ୧୦ଟି ଟିମ୍ ସଜାଗ ରହିଛନ୍ତି । ସେମାନଙ୍କ ସହ ବିଏମସିର ଗଛ କଟାଳି, ମେସିନ ଓ ଗାଡି ମଧ ପ୍ରସ୍ତୁତ ରହିଛି । ସେମାନଙ୍କୁ ସହାୟତା କରିବା ପାଇଁ ୫୦ ଜଣିଆ ଟିମ୍ ଗଠନ କରାଯାଇଛି । ସେମାନେ ୨୪ ଘଂଟିଆ କାମ କରିବେ । ସେହିପରି ବିଭିନ୍ନ ସ୍ଥାନରେ ଥିବା ବଡ ବଡ ହୋର୍ଡିଂଗୁଡିକୁ ମଙ୍ଗଳବାର ହଟାଇ ଦିଆଯାଇଛି । ପ୍ରତ୍ୟେକ ୱାର୍ଡରେ କର୍ପୋରେଟରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଜାଗ୍ରତ ରହିବାକୁ କଡାକଡି ନିର୍ଦ୍ଦେଶ



ଦିଆଯାଇଛି । କର୍ପୋରେଟର, ନୋଡାଲ ଅଫିସର, ଦାୟିତ୍ୱରେ ଥିବା ଅଧିକାରୀ, ମେୟର ସମସ୍ତଙ୍କ ନମ୍ବର ସେୟାର କରିବାକୁ କୁହାଯାଇଛି। ଯେତେବେଳେ, ଯେଉଁଠି ଏବଂ ଯାହା ଦରକାର ପଡିବ, କାଳ ବିଳମ୍ବ ନ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମସ୍ତଙ୍କୁ ତାଗିଦ କରାଯାଇଛି । ତିନି ଜୋନ୍ ସହ ମୁଖ୍ୟାଳୟରେ ୨୪ ଘଣ୍ଟିଆ କଂଟ୍ରୋଲ ରୁମ୍ ମଙ୍ଗଳବାର ଠାରୁ କାର୍ଯ୍ୟକାରୀ ହୋଇଛି। ୧୯୨୯ ସହ ୧୦ଟି ଲାଇଫ ଲାଇନ୍ ରହୁଛି। ଏହି ସବୁ ଫୋନ୍ ଲାଇନରେ ୩ ସିଫ୍ଟରେ ୧୦ ଜଣ ଲେଖାଏଁ କର୍ମଚାରୀ ରହିବେ ଏବଂ ସେମାନଙ୍କୁ ତଦାରଖ କରିବା ପାଇଁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ଡ୍ରେନେଜ୍ ସମସ୍ୟା ପାଇଁ ୭୮୦୯୮୯୬୬୨୧ରେ ଫୋନ୍ କରି ଜଣାଇବାକୁ ବିଏମସି ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବର୍ଷା ନିଶ୍ଚିତ ହେବାର ସମ୍ଭାବନା ଥିବାରୁ ବିଏମସି ପକ୍ଷରୁ ଚିହ୍ନଟ ହୋଇଥିବା ୩୦ଟି ଜଳବନ୍ଦୀ ଅଞ୍ଚଳରେ ପମ୍ପସେଟ୍ ମୁତୟନ କରାଯାଇଛି । କର୍ପୋରେଟରମାନେ ଆଉ କିଛି ଅଂଚଳ ପାଇଁ ପମ୍ପସେଟ୍ ଯୋଗାଇ ଦେବାକୁ ଅନୁରୋଧ କରିଥିବାରୁ ସେସବୁ ସ୍ଥାନରେ ମଧ ଯୋଗାଇ ଦିଆଯିବ । ଏଥିପାଇଁ ଅଗ୍ନିଶମ ବିଭାଗ ପାଖରେ ୨୮ଟି ପମ୍ପସେଟ୍ ଏବଂ ବିଏମସି ପାଖରେ ଆଉ ୬ଟି ପମ୍ପସେଟ୍ ପ୍ରସ୍ତୁତ ହୋଇରହିଥିବା କୁହାଯାଇଛି। ଖୋଲା ଥିବା ଡ୍ରେନଗୁଡିକରେ ଆସନ୍ତାକାଲି ସଂଧ୍ୟା ସୁଦ୍ଧା ବ୍ୟାରିକେଡ କିମ୍ବା ସ୍ଲାବ ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମେୟର । ଖାଲୁଆ ଅଞ୍ଚଳ ଏବଂ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ଆଗୁଆ ସ୍ଥାନାନ୍ତର କରିବାକୁ ତିନି ଜୋନର ଜୋନାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ବିଏମସିର ସମସ୍ତ ଅଧିକାରୀ ଓ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ । କର୍ପୋରେଟରଙ୍କ ମତାମତ କ୍ରମେ କେତେକ ବାତ୍ୟା ଆଶ୍ରୟସ୍ଥଳର ସ୍ଥାନ ପରିବର୍ତ୍ତନ କରାଯାଇଥିବା ବେଳେ, ଆଉ କିଛି ନୂତନ ବାତ୍ୟା ଆଶ୍ରୟସ୍ଥଳ କରିବା ପାଇଁ କୁହାଯାଇଛି । ସଂଯୁକ୍ତ ବିଭାଗଗୁଡିକ ସହିତ ସମନ୍ୱୟ ରକ୍ଷାକରି ଆମେ କାର୍ଯ୍ୟକରୁଛୁ । ନାଗରିକମାନେ କୌଣସିମତେ ଭୟଭୀତ ନହେବାକୁ ଅନୁରୋଧ କରିଛନ୍ତି ବିଏମ୍‌ସି କମିଶନର । ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିବା ସହ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଏବଂ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ ।